76th YEAR OF PUBLICATION

# ପ୍ରଜାତନ୍ତ୍ର

The Prajatantra

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୫୪ ● କଟକ ● ରବିବାର ● ୩୦ ଅପ୍ରେଲ-୨୦୨୩ ● ମେଷ ୧୬ ● ସାଲ୍ ୧୪୩୦

CUTTACK ● SUNDAY ● 30 APRIL-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

## ଆତଙ୍କ ଓ ଆତଙ୍କବାଦୀଙ୍କ ତୁଷ୍ଟୀକରଣ କରୁଛି କଂଗ୍ରେସ



ନୂଆଦିଲ୍ଲୀ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଅଭିଯୋଗ ଆଣିଛନ୍ତି ଯେ, କଂଗ୍ରେସ ଆତଙ୍କ ଓ ଆତଙ୍କବାଦୀଙ୍କ ତୁଷ୍ଟୀକରଣ କରୁଛି । ସେ ଦିଲ୍ଲୀର ବାଟଲା ହାଉସ୍ ରେ ଘଟିଯାଇଥିବା ସଂଘର୍ଷର ଉଦାହରଣ ଦେଇଥିଲେ । ମୋଦୀ କହିଛନ୍ତି ଆତଙ୍କବାଦୀଙ୍କ ନିହତ ଖବର ଶୁଣି କଂଗ୍ରେସର ସବୁଠୁ ବଡ ନେତାଙ୍କ ଆଖିରେ ଲୁହ ଆସିଯାଇଥିଲା । ଏହି ଲୋକମାନେ ସର୍ଜିକାଲ୍ ଷ୍ଟ୍ରାଇକ୍ ଓ ଏୟାର ଷ୍ଟ୍ରାଇକ୍ ଘଟଣାରେ ଦେଶର ନେତାଙ୍କ ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କର୍ଣ୍ଣାଟକର ଚିତ୍ରଦୁର୍ଗରେ ଏକ ଜନସଭାକୁ ସମ୍ବୋଧନ କରି କହିଛନ୍ତି ଯେ, ଆଜାଦିର ଅମୃତ କାଳରେ କର୍ଣ୍ଣାଟକରେ ଏହା ପ୍ରଥମ ନିର୍ବାଚନ । ଏହି ନିର୍ବାଚନ ନିର୍ଦ୍ଧାରଣ କରିବ ଯେ, ଆଗାମୀ ୨୫ ବର୍ଷରେ କର୍ଣ୍ଣାଟକର ବିକାଶ କେଉଁ ଉଚ୍ଚତାକୁ ଛୁଇଁବ ।

## ଏନ୍‌ସିପି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ପାୱାର



ମୁମ୍ବାଇ: ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ଚର୍ଚ୍ଚା ମଧ୍ୟରେ ଏନସିପି ମୁଖ୍ୟ ଶରଦ ପାୱାର ଏକ ବଡ଼ ଘୋଷଣା କରିଛନ୍ତି । ସେ ଦୁଇ ଦଶନ୍ଧି ଧରି ରାଜନୈତିକ ଦୃଶ୍ୟପଟ୍ଟରେ ସକ୍ରିୟ ଥିବା ଏନସିପିର ଜାତୀୟ ସଭାପତି ପଦରୁ ଇସ୍ତଫା ଘୋଷଣା କରିଛନ୍ତି । ଏହି ଖବର ସମସ୍ତଙ୍କୁ ଚକିତ କରିଛି । ତେବେ ଏନସିପିର ଛାମୁଆ ନେତା ଅଜିତ ପାୱାର ଓ ଦଳର କିଛି ବିଧାୟକ ବିଜେପିରେ ଯୋଗ ଦେଉଥିବା ଚର୍ଚ୍ଚା ଭିତରେ ଏହି ପାୱାରଙ୍କର ଏହି ଘୋଷଣା ଆସିଛି । ଏକ ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଆକସ୍ମିକ ଭାବେ ଏଭଳି ବଡ଼ ଘୋଷଣା କରିଛନ୍ତି ୮୨ ବର୍ଷୀୟ ଶରଦ ପାୱାର । ସେ କହିଥିଲେ, ନୂତନ ପିଢ଼ି ଦଳକୁ ପରିଚାଳନା କରିବାର ଇଏ ହେଉଛି ପ୍ରକୃଷ୍ଟ ସମୟ ।

## ମାନହାନୀ ମାମଲାରେ ରାହୁଲଙ୍କୁ ମିଳିଲାନି ଆଶ୍ୱସ୍ତି



ନୂଆଦିଲ୍ଲୀ: ଗୁଜରାଟ ହାଇକୋର୍ଟ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ମୋଦୀ ସାଙ୍ଗିଆ ମନ୍ତବ୍ୟକୁ ନେଇ ଦାୟର ଅପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଉପରେ ରୋକ୍ ଲଗାଇବା ପାଇଁ ଆଗତ କରିଥିବା ଆବେଦନର ଶୁଣାଣି କରିଛନ୍ତି । ଗ୍ରୀଷ୍ମ ଅବକାଶ ସରିବା ପରେ ଗୁଜରାଟ ହାଇକୋର୍ଟ ଏହି ମାମଲାର ରାୟ ଶୁଣାଇବେ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ମାସରେ ରାହୁଲ ଗାନ୍ଧିଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରି ସୁରଟ କୋର୍ଟ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ପରେ ରାହୁଲ ଗାନ୍ଧିଙ୍କୁ ସାଂସଦ ପଦରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା ।

## ନିଜ ଗାଁକୁ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର: ମୟୂରଭଞ୍ଜ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ସେ ଜନ୍ମ ମାଟିକୁ ଆସୁଛନ୍ତି । ଆସନ୍ତା ୪ ତାରିଖରେ ରାଷ୍ଟ୍ରପତି ରାଇରଙ୍ଗପୁର ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଏହା ପରେ ସେ ୫ ତାରିଖରେ ଶିମିଳିପାଳ ଅଭୟାରଣ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ବିମାନ ପଶ୍ଚିମବଙ୍ଗର କଳେଇକୁଣ୍ଡା ସାମରିକ ଘାଟିରେ ଅବତରଣ କରିବ । ତା'ପରେ ସ୍ୱତନ୍ତ୍ର ହେଲିକପ୍ଟରରେ ରାଇରଙ୍ଗପୁର ଆସିବେ ରାଷ୍ଟ୍ରପତି । ରାଇରଙ୍ଗପୁର ବାଦାମପାହାଡ଼ ହେଲି ପ୍ୟାଡ୍‌ରେ ରାଷ୍ଟ୍ରପତିଙ୍କ ହେଲିକପ୍ଟର ଅବତରଣ କରିବ । ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ଭ୍ରମଣ କରିବେ । ରାଷ୍ଟ୍ରପତି ଶିମିଳିପାଳରେ ପାଖାପାଖି ୮୦ କିଲୋମିଟର ବୁଲିବାର କାର୍ଯ୍ୟକ୍ରମ ରହିଛି ।

## ନାକ୍ ଗ୍ରେଡରେ ତଳକୁ ଖସିଲା ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର (ପିପିଏସ୍): ନାକ୍ ଗ୍ରେଡରେ ତଳକୁ ଖସିଲା ଉତ୍କଳ ବିଶ୍ୱବିଦ୍ୟାଳୟ ମାନ୍ୟତା । 'ଏ ପ୍ଲସ' ମାନ୍ୟତାରୁ ଖସି 'ଏ'ରେ ପହଞ୍ଚିଛି ଉତ୍କଳ ବିଶ୍ୱବିଦ୍ୟାଳୟ । ୩ ପଏଣ୍ଟ ୧୬ ସ୍କୋର ସହ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମିଳିଛି ଏ ଗ୍ରେଡ୍ । ୨୦୧୬ରେ ୩ ପଏଣ୍ଟ ୫୩ ସ୍କୋର ସହ 'ଏ ପ୍ଲସ' ମାନ୍ୟତା ପାଇଥିଲା ବିଶ୍ୱବିଦ୍ୟାଳୟ ।ଗତମାସରେ ନାକ୍ ଟିମ୍ କ୍ୟାମ୍ପସରେ ଅନୁଧ୍ୟାନ କରି ଏହି ରିପୋର୍ଟ ଦେଇଛନ୍ତି । ଦୀର୍ଘ ୫ବର୍ଷ ପରେ ୩ ଦିନ ପାଇଁ ବିଶ୍ୱବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ ରାଷ୍ଟ୍ରୀୟ ମୂଲ୍ୟାୟନ ଓ ଅନୁମୋଦନ ପରିଷଦ ଟିମ୍ ।ପ୍ରଥମ ଦିନରେ ବିଶ୍ୱବିଦ୍ୟାଳୟ କନଭୋକେଶନ ହଲରେ ଆୟୋଜିତ ଆଲୋଚନାରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ଅନୁଭୂତି ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ସେହିପରି ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ମଧ୍ୟ ଏହି ଟିମ୍ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟକୁ ଗ୍ରେଡ୍ ଦେବାରେ ଏହି ସମସ୍ତ ମତାମତକୁ ଟିମ୍ ବିଚାରକୁ ନେଇଥିଲା । 'ଏ ପ୍ଲସ' ମାନ୍ୟତା ପାଇସାରିଥିବା ଏହି ବିଶ୍ୱବିଦ୍ୟାଳୟ 'ଏ ପ୍ଲସ ପ୍ଲସ' ମାନ୍ୟତା ଦୌଡ଼ରେ ରହିଥିଲା । ଏଥିପାଇଁ ଶ୍ରେଣୀ ଗୃହଠାରୁ ଆରମ୍ଭ କରି ଉଦ୍ୟାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରି ନାକ୍ ଟିମ୍ ଆଗରେ ଉପସ୍ଥାପନ କରାଯାଇଥିଲା ।

## ଛତିଶଗଡ଼ରେ ମାଓ ଆକ୍ରମଣ ପରେ ଓଡ଼ିଶାର ସବୁ ସୀମାନ୍ତ ଜିଲ୍ଲାରେ ହାଇ ଆଲର୍ଟ ଜାରି

ଭୁବନେଶ୍ୱର: ଛତିଶଗଡ଼ରେ ମାଓ ଆକ୍ରମଣ ପରେ ଓଡ଼ିଶାରେ ସବୁ ସୀମାନ୍ତ ଜିଲ୍ଲାରେ ଏବେ ହାଇ ଆଲର୍ଟ ଜାରି କରାଯାଇଛି ।



ଏନେଇ ଅତିରିକ୍ତ ଡିଜି, ଅପରେସନ ଅମିତାଭ ଠାକୁର ସୂଚନା ଦେଇଛନ୍ତି । ସେ କହିଛନ୍ତି, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ପୂର୍ବରୁ ହାଇ ଆଲର୍ଟ କରାଯାଇଥିବା ବେଳେ ଏବେ ବରଗଡ଼ ଓ କଳାହାଣ୍ଡିରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି । ଆମ ରାଜ୍ୟକୁ ୯୦ ପ୍ରତିଶତ ମାଓବାଦୀ ଛତିଶଗଡ଼ରୁ ହିଁ ଆସିଥାନ୍ତି । ତେଣୁ ଏହି ଘଟଣା ପରେ ଛତିଶଗଡ଼ରୁ କିଭଳି ମାଓବାଦୀମାନେ ରାଜ୍ୟକୁ ନ ଆସିବେ ସେ ନେଇ ସମସ୍ତ ସୀମାନ୍ତ ଜିଲ୍ଲାକୁ ସିଲ୍ କରି ଦିଆଯାଇଛି । ସୀମାନ୍ତ ଜିଲ୍ଲାର ଏସପିମାନଙ୍କ ସହ ଭିଡିଓ କନଫ୍ରେନ୍ସିଂ ଜରିଆରେ ସ୍ଥିତିର ଅନୁଧ୍ୟାନ କରାଯାଉଛି । ମାଓ କ୍ୟାମ୍ପରେ ମହିଳା ମାଓବାଦୀଙ୍କୁ ଯୌନ ଶୋଷଣ କରାଯାଉଛି । ୯

# ୬ ସୁଦ୍ଧା ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସମ୍ଭାବନା

## ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ପ୍ରସ୍ତୁତ : ଏସଆରସି

ଭୁବନେଶ୍ୱର (ପିପିଏସ୍): ଆସନ୍ତା ୬ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଘୁର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି ।ଏହି ଘୁର୍ଣ୍ଣିବଳୟ ପ୍ରଭାବରେ ପରବର୍ତ୍ତୀ ୪୮ଘଂଟା ମଧ୍ୟରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ବାତ୍ୟାପ୍ରବଣ ମେ' ମାସ ପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ୧୧ଟି ବିଭାଗ ଓ ସବୁ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ଏନେଇ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ । ଏସଆରସି ସତ୍ୟବ୍ରତ ସାହୁ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ପ୍ରସ୍ତୁତ । ସମ୍ଭାବ୍ୟ ବାତ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗୁଆ ସମୀକ୍ଷା କରି ସାରିଛନ୍ତି । ତେବେ ସାଧାରଣତଃ ଗ୍ରୀଷ୍ମକାଳୀନ ବାତ୍ୟା ଏପ୍ରିଲ କିମ୍ବା ମେ ମାସରେ ଆସିଥାଏ । ଯାହାର ଅନୁମାନ ଲଗାଇବା କଷ୍ଟକର ହୋଇଥାଏ । ଯଦି ଲଘୁଚାପ ବାତ୍ୟାର ରୂପ ନିଏ ତେବେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି । ଏଥିପାଇଁ ସମସ୍ତ ବିଭାଗକୁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଜିରୋ କାଜୁଆଲିଟି ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ପ୍ରତି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ଆଗୁଆ ପ୍ରସ୍ତୁତି କରିଥାନ୍ତି । ଓଡ୍ରାଫ୍, ଏନଡିଆରଏଫ୍, ଅଗ୍ନିଶମ ବାହିନୀ ସହିତ ଜରୁରୀକାଳୀନ ସେବା ପ୍ରଦାନ କରୁଥିବା ସମସ୍ତ ସଂସ୍ଥାକୁ ମଧ୍ୟ ସଜାଗ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପଟେ ଏହି ଲଘୁଚାପ ସମ୍ପର୍କରେ ଟିକନିକ୍ ଖବର ରଖିବା ପାଇଁ ଗତକାଲିଠାରୁ ୨୪ ଘଂଟିଆ କଂଟ୍ରୋଲ ରୁମ୍ ସେବା ଆରମ୍ଭ ହୋଇଛି । ୨୪ ଘଂଟା ଅଫିସରମାନେ ଏହି କଂଟ୍ରୋଲ ରୁମରେ ରହିବା ସହିତ ପ୍ରତିଟି ସୂଚନା ରଖିବେ । ତା ସହିତ ଜିଲ୍ଲାପାଳଙ୍କୁ ମଧ୍ୟ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ ରଖିବା ସହିତ ଆବଶ୍ୟକସ୍ଥଳରେ ସ୍କୁଲ ଗୃହକୁ ମଧ୍ୟ ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସଆରସି ସୂଚନା ଦେଇଛନ୍ତି । ଏସଆରସି କହିଛନ୍ତି ବାତ୍ୟା ଦ୍ୱାରା ଅଧିକ ପ୍ରଭାବିତ ହେଉଥିବା ୧୮ ଟି ଜିଲ୍ଲା ଯଥା: ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ, ବାଲେଶ୍ୱର, ନୟାଗଡ, କଟକ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ମାଲକାନାଗିରି, କୋରାପୁଟ, ରାୟଗଡା ଓ କନ୍ଧମାଳର ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଓ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜିଲ୍ଲାମାନଙ୍କରେ ୨୪ ଘଂଟିଆ ଜରୁରୀକାଳୀନ କଂଟ୍ରୋଲ୍ ରୁମ୍ କାର୍ଯ୍ୟ କରିବ । ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଖାଦ୍ୟ, ପାନୀୟ ଜଳ, ଶୌଚାଳୟ ଓ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା କରାଯିବ । ପ୍ରଭାବିତ ହେବାକୁ ଥିବା ପଂଚାୟତ ନିମନ୍ତେ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ରଖାଯିବ ।

## ନକଲି ସାର୍ଟିଫିକେଟ ମାମଲା : ପୁଣି ଆସିଲା କ୍ରାଇମବ୍ରାଞ୍ଚ ଟିମ୍

ବଲାଙ୍ଗିର: ପୁଣି ବଲାଙ୍ଗିର ଆସିଲା କ୍ରାଇମବ୍ରାଂଚ ଟିମ୍ । ନକଲି ସାର୍ଟିଫିକେଟ କାରବାରର ଖୋଳତାଡ ପାଇଁ ପୁଣି ଥରେ ବଲାଙ୍ଗିର ଆସିଛି କ୍ରାଇମବ୍ରାଂଚ ଟିମ୍ । ଗତ ଅପ୍ରେଲ ୧ ତାରିଖରେ ନକଲି ସାର୍ଟିଫିକେଟର ଖୋଳତାଡ କରିବା ପାଇଁ କ୍ରାଇମବ୍ରାଂଚ ଟିମ୍ ବଲାଙ୍ଗିର ଆସି ୧୫ ଦିନ ଧରି ଏଠାରେ ଡେରା ପକାଇଥିଲା । ନକଲି ସାର୍ଟିଫିକେଟର ମାଷ୍ଟର ମାଇଣ୍ଡ ମନୋଜ ମିଶ୍ର ଏବଂ ଆଲୋକ ଉଦ୍ଗାତାଙ୍କ ସମେତ ୪ ଜଣଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା ଏବଂ ୭ ଜଣ ବ୍ୟକ୍ତିଙ୍କୁ ଧରି ପଚରା ଉଚୁରା ପରେ ସେହି ବ୍ୟକ୍ତିଙ୍କୁ ନୋଟିସ୍ ଦେଇ ଛାଡି ଦେଇଥିଲା । କାହାରିକୁ ଗିରଫ କରି ନଥିଲା । ୧୫ ଦିନ ଧରି ତଦନ୍ତ ପରେ ବଲାଙ୍ଗିର ଛାଡିଥିଲା କ୍ରାଇମବ୍ରାଂଚ ଟିମ୍ ।

## ରାଜଧାନୀରେ ଜାଗା ମିଶନ ନାଁରେ ବସ୍ତି ବାସିନ୍ଦାଙ୍କୁ ଭୂଆଁ ବୁଲାଉଛି ବିଜେଡି : ବିଜେପି

ଭୁବନେଶ୍ୱର: ରାଜଧାନୀ ବସ୍ତି ବାସିନ୍ଦାଙ୍କୁ 'ଜାଗା ମିଶନ' ଜରିଆରେ ରାଜ୍ୟ ସରକାର ସ୍ଥାୟୀ ଘର ଓ ଜାଗା ପଟ୍ଟା ଯୋଗାଇଦେବା କହି ବାରମ୍ବାର ମିଛ ପ୍ରତିଶ୍ରୁତି ଓ ପ୍ରତାରଣା ବିରୁଦ୍ଧରେ ମଙ୍ଗଳବାର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପକ୍ଷରୁ ଭୁବନେଶ୍ୱର ଆନନ୍ଦ ବଜାର ବସ୍ତି ବାସିନ୍ଦାଙ୍କ ଗହଣରେ ଏକ 'ସାମ୍ବାଦିକ ସମ୍ମିଳନୀ' କରି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ ବିଜେଡ଼ିକୁ ବିଭିନ୍ନ ପ୍ରଶ୍ନ କରିଥିଲେ । ୨୦୦୯ ନିର୍ବାଚନକୁ ପାରିହେବା ପାଇଁ ୨୦୦୮ ରେ ଏକ ସର୍ଭେରେ ନାଟକ କଲେ, ପରେ ତାକୁ ଭୁଲି ଗଲେ । ବାରମ୍ବାର ସରକାର ନିର୍ବାଚନ ପୂର୍ବରୁ ଏପରି ସର୍ଭେ କରାଇଥାନ୍ତି । ଏବେ ୨୦୨୪ ନିର୍ବାଚନ ପାଇଁ ୨୦୨୩ ରେ ଡ୍ରୋନ୍ ସର୍ଭେ ନାମରେ ଆଉ ଏକ ସର୍ଭେ ଚାଲିଛି ଏଥିରେ ଭୁବନେଶ୍ୱର ର ଅଧେରୁ ଅଧିକ ବସ୍ତି ବାସିନ୍ଦାଙ୍କ ନାମ ଷଡ଼ଯନ୍ତ୍ର କରି କଟା ଯାଇଛି । ଏହା ଦ୍ୱାରା ସରକାର ବସ୍ତି ବାସିନ୍ଦାଙ୍କୁ ଗାଁ କୁ ପଠାଇବା ପାଇଁ ବାଟ କରିଛନ୍ତି ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ।

ଭୁବନେଶ୍ୱର ରେ ବସ୍ତିବାସିନ୍ଦା ଙ୍କ ପାଇଁ ଦୀର୍ଘ ୨୩ବର୍ଷ କାଳ ଯେଉଁଭଳି ଭାବରେ ବିଜୁ ଜନତା ଦଳ ବସ୍ତି ବାସିନ୍ଦାଙ୍କୁ ଜାଗା ଓ ଘର ଦେବାର ମିଥ୍ୟା ପ୍ରଲୋଭନ ଦେଖାଇ ଭୋଟ୍ ନେଇ ସାରିବା ପରେ ଦେଇଥିବା ପ୍ରତିଶୃତିକୁ ପ୍ରତାରଣା କରିଛନ୍ତି ସେ ବିଷୟରେ ଅବଗତ କରାଇବା ପାଇଁ ଓ ଆଗାମୀ ଦିନରେ ପ୍ରତାରଣାର ଶିକାର ନହେବା ପାଇଁ ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି କହିଛନ୍ତି । ୨୯ ଏପ୍ରିଲ୍ ୨୦୨୩ ଭୁବନେଶ୍ୱର ମହାନଗର କର୍ପୋରେସନ ବୈଠକରେ ବିଜେପି କର୍ପୋରେଟର ମାନଙ୍କ ଦ୍ୱାରା ଭୁବନେଶ୍ୱର ବସ୍ତି ବାସିନ୍ଦାଙ୍କ ଥଇଥାନ ହେବା ପ୍ରଶ୍ନ ର ଉତ୍ତର ଦେଇ ସରକାର କହିଲେ ଏଲ୍. ଆଁ. ସି ହେଉଛି ଜାଗା ମିଶନ ଅନ୍ତର୍ଗତ ଭୂମିଅଧିକାର ପ୍ରମାଣ ପତ୍ର ମାତ୍ର ଏହାକୁ ଜାତିଗତ ପ୍ରମଣପତ୍ର ଭାବେ ବିନିଯୋଗ କରାଯାଇପାରିବ ନାହିଁ । ଏଥିରେ ପାଉତି କଟାଯାଇ ପାରିବ ନାହିଁ । ଯାହା ଫଳରେକି ସମୟ ଅସମୟରେ ଉକ୍ତ କାଗଜକୁ ବନ୍ଧକ ରଖି କୌଣସି ଋଣ ସହାୟତା ମଧ୍ୟ ମିଳିବ ନାହିଁ । ଏଥିରୁ ପ୍ରମାଣିତ ହେଉଛି ୨୦୦୯ ରୁ ୨୦୨୪ ରେ ଯେଉଁ ଭଳି ଭାବରେ ବିଭିନ୍ନ ପ୍ରକାର ସର୍ଭେ ନାମରେ ବିଭିନ୍ନ ଲୋଭ ଦେଖା ଗଲା ତନ୍ମଧ୍ୟରୁ ଏହି ଏଲ୍. ଆର ସି ଅନ୍ୟତମ ।

## ଅଙ୍ଗନବାଡି କେନ୍ଦ୍ରକୁ ଉନ୍ନୀତ ହେଲେ ୨୮୩୬ ମିନି ଅଙ୍ଗନବାଡି କେନ୍ଦ୍ର

ଭୁବନେଶ୍ୱର:ରାଜ୍ୟର ୨୮୩୬ ମିନି ଅଙ୍ଗନବାଡି କୁ ଉନ୍ନୀତ କରାଯାଇ ଅଙ୍ଗନବାଡି କେନ୍ଦ୍ରରେ ରାଜ୍ୟ ସରକାର ପରିଣତ କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କୀତ ପ୍ରସ୍ତାବକୁ ସୋମବାର ଅନୁମୋଦନ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୭୪୧୫୪ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୧୦୪୧୬ ମିନି ଅଙ୍ଗନବାଡି ଥିଲା .ତନ୍ମଧ୍ୟରୁ ୨୮୩୬ ମିନି ଅଙ୍ଗନବାଡି ଏବେ ଉନ୍ନୀତ ହେଲା ।ଏହାସହିତ ଏହି ଅଙ୍ଗନବାଡି କେନ୍ଦ୍ର ଗୁଡିକର ବିଭିନ୍ନ କାର୍ଯ୍ୟ ପରିଚାଳନା ପାଇଁ ଯଥା – ଔଷଧ, ଆସବାବପତ୍ର ଓ ପ୍ରଶାସନିକ ଖର୍ଚ୍ଚ ତୁଲାଇବା ପାଇଁ ଅଧିକ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯିବ ।

## ଜାଲ୍ ୱେବ୍‌ସାଇଟ୍ ଖୋଲି ଠକିନେଲେ ୩୯ କୋଟି

ଭୁବନେଶ୍ୱର: ମିଛ ୱେବ୍‌ସାଇଟ ଖୋଲି କୋଟିକୋଟି ଟଙ୍କା ଠକିନେଇଛନ୍ତି ଦୁର୍ବୃତ୍ତ । ପୁଲିସର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଘଟଣାର ତଦନ୍ତ କରି ଅପରାଧୀମାନେ ପ୍ରାୟ ୩୭୦୦ ପୁଞ୍ଜିନିବେଶକାରୀଙ୍କଠାରୁ ୩୯.୧୧ କୋଟି ଟଙ୍କା ଠକି ନେଇଥିବା ସ୍ପଷ୍ଟ କରିଛି । ତେବେ ଏଥିରୁ ମାତ୍ର ୧୧ ଲକ୍ଷ ୯୧ ହଜାର ଟଙ୍କା ପୁଲିସ୍ ଫ୍ରିଜ୍ କରିବାକୁ ସମର୍ଥ ହୋଇଥିବା ସୂଚନା ରହିଛି । ଇଓଡବ୍ଲୁ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଠକମାନେ ଏକ ଜାଲ୍ ୱେବସାଇଟ୍ ଖୋଲି ଏହାକୁ ମାରାଥନ ଡିଜିଟାଲ ହୋଲଡିଂ ନାମକ ଏକ ପୁଞ୍ଜିନିବେଶ ସଂସ୍ଥାର ୱେବ୍‌ସାଇଟ୍ ବୋଲି ଦର୍ଶାଇଥିଲେ । ଅତିକମରେ ଦିନକୁ ୧୦୦୦ ଟଙ୍କା ଓ ସର୍ବାଧିକ ୨ ଲକ୍ଷ ଟଙ୍କା ପୁଞ୍ଜିନିବେଶ କରି ଅତିରିକ୍ତ ରୋଜଗାର କରନ୍ତୁ ବୋଲି ୱେବ୍‌ସାଇଟ୍ ତରଫରୁ ପ୍ରଲୋଭନ ଦିଆଯାଇଥିଲା । ଠକମାନେ ଏହି ୱେବ୍‌ସାଇଟ୍‌କୁ ଚତୁରତାର ସହିତ ପରିଚାଳନା କରୁଥିଲେ । ପୁଞ୍ଜିନିବେଶକଙ୍କୁ ୟୁଟ୍ୟୁବ୍ ଲିଙ୍କ ଦେଉଥିଲେ ଏବଂ ଏହାକୁ ପ୍ଲେ କରି ସ୍କ୍ରିନ୍ ସଟ୍ ଟେଲିଗ୍ରାମ୍ ଜରିଆରେ ପଠାଇବାକୁ କହୁଥିଲେ । ପୁଞ୍ଜିନିବେଶକାରୀଙ୍କୁ ୟୁପିଆଇ ଜରିଆରେ ଅତିକମରେ ୧୦୦୦ ଟଙ୍କା ପଠାଇବାକୁ ପଡୁଥିଲା । ତଦନ୍ତ ସମୟରେ ଏହା ଜାଲ୍ ୱେବ୍‌ସାଇଟ୍ ବୋଲି ଜଣାପଡ଼ିଥିଲା । ତଦନ୍ତ ସମୟରେ ଜଣାପଡ଼ିଲା ଯେ, ଜାଲ୍ ୱେବ୍‌ସାଇଟ୍ ସହିତ ୧୧ଟି ଆକାଉଣ୍ଟ ସଂଯୋଗ ଥିଲା । ପ୍ରାୟ ୩ରୁ ୪ ମାସ ମଧ୍ୟରେ ଏହି ଆକାଉଣ୍ଟ ଜରିଆରେ ୩୯ କୋଟି ୧୧ ଲକ୍ଷ ଟଙ୍କା ନେଣଦେଣ ହୋଇଥିଲା । ତଦନ୍ତ ସମୟରେ ଏଥିରେ ୧୧ ଲକ୍ଷ ୯୧ ହଜାର ଟଙ୍କା ଥିଲା ବେଳେ ଏହାକୁ ଇଓଡବ୍ଲୁ ଫ୍ରିଜ୍ କରିଛି । ତେବେ ଟଙ୍କାକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୩ଟି ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା । ମୋଟ ୮୫ ଲକ୍ଷ ଏହି ଆକାଉଣ୍ଟରେ ନେଣଦେଣ ହୋଇଥିଲା । ଏଥିରୁ ୪୧.୨୬ ଲକ୍ଷ ଦୁବାଇରେ ଡ୍ର' କରାଯାଇଥିଲା । ଇଓଡବ୍ଲୁ କହିଛି ଯେ, ଏହି ୱେବ୍‌ସାଇଟ୍ ଏବେ ବି ସକ୍ରିୟ ରହିଛି । ସନ୍ଦେହ କରାଯାଉଛି ଯେ, ଭାରତରୁ ପାଖାପାଖି ୩୭୦୦ ପୁଞ୍ଜିନିବେଶକାରୀ ଏହି ଜାଲ୍ ୱେବ୍‌ସାଇଟ୍ କବଳରେ ପଡ଼ି ଠକେଇର ଶିକାର ହୋଇଛନ୍ତି । ଏହି ୱେବ୍‌ସାଇଟ୍ ଆମେରିକାରେ ତିଆରି ହୋଇଥିବା ବେଳେ ହଙ୍ଗ୍‌କଙ୍ଗ୍‌ରୁ ପରିଚାଳିତ ହେଉଥିଲା ।

### ସମ୍ପାଦକୀୟ

ସୁବିଧାବାଦୀ ପଦକ୍ଷେପ

### ବାଟେଘାଟେ



ଶ୍ରମମନ୍ତ୍ରୀଙ୍କର ଯୌନ କେଳେଙ୍କାରି
ପବନେ ମିଳାଇ ଗଲା
ମନ୍ତ୍ରୀ ଡରରେ ପୋଲିସ ଡରିଣ
ଏତଲାକୁ ଫିଙ୍ଗି ଦେଲା
ବିରୋଧି କରିଲେ ହଲ୍ଲା
ସରକାର ବଦନାମ ଭୟରେ
ମନ୍ତ୍ରୀଙ୍କୁ ସୁରକ୍ଷା ଦେଲା
ଅଭିଯୋଗକାରିଣୀଙ୍କୁ ତୋଷ କରି
ସେଇଠି ନିଯୁକ୍ତି ହେଲା
ଚାଲିଛି ଅଜବ ପାଲା
କିସ କାନ ନଶୁଣିଲା ।

–ରାହୀ

# ଖରାଛୁଟିରେ ପାଠ ପଢ଼ିବେ ଛାତ୍ରଛାତ୍ରୀ

## ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ଜିଲ୍ଲାରେ ଟୋଲ-ଫ୍ରି ନମ୍ବରର ବ୍ୟବସ୍ଥା

ଭୁବନେଶ୍ୱର (ପିପିଏସ): ଗ୍ରୀଷ୍ମ ଅବକାଶକାଳୀନ ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ ପକ୍ଷରୁ 'ଅବକାଶକାଳୀନ ଗୃହକାର୍ଯ୍ୟ' ମେ' ୧ ତାରିଖରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲ୍ଲାକୁ ସ୍ଥିରୀକୃତ କାର୍ଯ୍ୟାନ୍ୱୟନ ପ୍ରଣାଳୀ ଏବଂ ନିୟମାବଳୀ ପ୍ରେରଣ କରାଯାଇ ଏହାକୁ ବିଧିବଦ୍ଧ ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି ।

ଶିକ୍ଷାର୍ଥୀମାନଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ ସହାୟତା କେନ୍ଦ୍ର ଖୋଲାଯାଇ ପ୍ରତିଦିନ ୪ ଜଣ ବିଷୟଭିତ୍ତିକ ଓ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ମେ' ୧ ତାରିଖରୁ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟଦିବସରେ ସକାଳ ୬.୦୦ଘଟିକା ରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ । ଏହି ଦେୟମୁକ୍ତ ନମ୍ବରକୁ ଶିକ୍ଷାର୍ଥୀମାନେ ସେମାନଙ୍କର ଅବକାଶକାଳୀନ ଗୃହକାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ସିଧାସଳଖ ପଚାରିପାରିବେ ଏବଂ ସହାୟତା କେନ୍ଦ୍ର ରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କର ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବେ । ଏତଦ୍‌ବ୍ୟତୀତ ବିଦ୍ୟାଳୟ ସ୍ତରରେ ଗୃହକାର୍ଯ୍ୟ ସମ୍ବନ୍ଧୀୟ ତଦାରଖ ବ୍ୟବସ୍ଥା କରାଯାଇଛି । ଟୋଲ- ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କ ସହ ସହାୟତା କେନ୍ଦ୍ରରୁ ଯୋଗାଯୋଗ କରାଯାଇ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବାକୁ ନିର୍ଦ୍ଦେଶ ରହିଛି ।ଉଭୟ ଟୋଲ-ଫ୍ରି ନମ୍ବରରେ ତଥା ବିଦ୍ୟାଳୟ ସହ ଯୋଗାଯୋଗ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟରରେ ଲିପିବଦ୍ଧ କରାଯାଉଛି । ପ୍ରତିଦିନ ରାଜ୍ୟସ୍ତରରେ 'ବିଦ୍ୟା ସମୀକ୍ଷା କେନ୍ଦ୍ରରୁ' ଏହାର ତଦାରଖ ତଥା ସମୀକ୍ଷା କରିବାର ବ୍ୟବସ୍ଥା କରାଯାଉଛି ।

ବିଭିନ୍ନ ଜିଲ୍ଲା ପାଇଁ ଜାରି କରାଯାଇଥିବା ଦେୟମୁକ୍ତ ନମ୍ବରଗୁଡ଼ିକ ହେଉଛି ଅନୁଗୋଳ ପାଇଁ ୧୮୦୦-୩୪୫-୭୫୨୧, ବାଲେଶ୍ୱର ପାଇଁ ୧୮୦୦-୩୪୫-୬୮୧୦, ବରଗଡ଼ ପାଇଁ ୧୮୦୦-୩୪୫-୬୮୦୭, ଭଦ୍ରକ ନିମନ୍ତେ ୧୮୦୦-୩୪୫-୬୮୧୧, ବଲାଙ୍ଗୀର ନିମନ୍ତେ ୧୮୦୦-୩୪୫-୬୩୫୦, ବୌଦ୍ଧ ନିମନ୍ତେ ୧୮୦୦-୩୪୫-୩୧୪୪, କଟକ ନିମନ୍ତେ ୧୮୦୦-୩୪୫-୯୫୩୪, ଦେବଗଡ଼ର ୧୮୦୦-୩୪୫-୬୮୦୬, ଢେଙ୍କାନାଳର ୧୮୦୦-୩୪୫-୭୫୨୨, ଗଜପତି ୧୮୦୦-୩୪୫-୨୩୮୭, ଗଞ୍ଜାମ ନିମନ୍ତେ ୧୮୦୦-୩୪୫-୨୩୮୬ ଏବଂ ୧୮୦୦-୩୪୫-୨୩୮୫, ଜଗତସିଂହପୁର ୧୮୦୦-୩୪୫-୯୫୩୨, ଯାଜପୁର ୧୮୦୦-୩୪୫-୯୫୩୩, ଝାରସୁଗୁଡ଼ା ୧୮୦୦-୩୪୫-୬୮୨୦, କଳାହାଣ୍ଡି ୧୮୦୦-୩୪୫-୭୯୮୨, କନ୍ଧମାଳ ପାଇଁ ୧୮୦୦-୩୪୫-୩୧୩୩, କେନ୍ଦ୍ରାପଡ଼ା ପାଇଁ ୧୮୦୦-୩୪୫-୯୫୩୧, କେନ୍ଦୁଝର ପାଇଁ ୧୮୦୦-୩୪୫-୮୨୮୫, ଖୋର୍ଦ୍ଧା ପାଇଁ ୧୮୦୦-୩୪୫-୭୬୬୨, କୋରାପୁଟ ନିମନ୍ତେ ୧୮୦୦-୩୪୫-୧୭୦୭, ମାଲକାନଗିରି ନିମନ୍ତେ ୧୮୦୦-୩୪୫-୧୭୦୩, ମୟୂରଭଞ୍ଜ ନିମନ୍ତେ ୧୮୦୦-୩୪୫-୭୫୬୩ ଏବଂ ୧୮୦୦-୩୪୫-୭୫୬୨, ନବରଙ୍ଗପୁର ୧୮୦୦-୩୪୫-୧୭୧୦, ନୟାଗଡ଼ ୧୮୦୦-୩୪୫-୭୬୬୩, ନୂଆପଡ଼ା ୧୮୦୦-୩୪୫-୭୯୮୧, ପୁରୀ ୧୮୦୦-୩୪୫-୭୬୬୧, ରାୟଗଡ଼ା ୧୮୦୦-୩୪୫-୧୭୦୯, ସମ୍ବଲପୁର ୧୮୦୦-୩୪୫-୬୮୨୧, ସୁବର୍ଣ୍ଣପୁର ୧୮୦୦-୩୪୫-୬୩୪୮, ସୁନ୍ଦରଗଡ଼ ୧୮୦୦-୩୪୫-୭୪୭୯ ଏବଂ ୧୮୦୦-୩୪୫-୭୪୮୦ ।

## ଚୋରଙ୍କୁ ଗୋଡ଼ାଇବା ବେଳେ ମାଡ଼ିଗଲା ଟ୍ରଲର, ୩ ମୃତ

ସୁନ୍ଦରଗଡ଼: ଚୋରଙ୍କୁ ଗୋଡ଼ାଇବା ବେଳେ ଟ୍ରଲର ମାଡ଼ି ଯିବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ଟ୍ରଲର ଧକ୍କାରେ ଜଣେ ଚୋରଙ୍କର ମଧ୍ୟ ମୃତ୍ୟୁ ଘଟିଛି ।ସୁନ୍ଦରଗଡ଼ ଜିଲ୍ଲା ବିଲେଇମୁଣ୍ଡା ଥାନା ଅନ୍ତର୍ଗତ ଛତାବର ନିକଟରେ ଏହି ଦୁର୍ଘଟଣା ଘଟିଛି । ମୃତକମାନେ ହେଲେ ଏକ ଠିକା ସଂସ୍ଥାର ୨ କର୍ମଚାରୀ– ମାନସ କୁମାର ରଥ ଓ ପ୍ରିନ୍ସ ନାୟକ ଏବଂ ଚୋର ବୁଢ଼ା ଚିଟିକି ।

କିଛି ଦିନହେବ ବାଙ୍କିବାହାଲରୁ ଟପରିଆକୁ ରାସ୍ତା କାମ ଚାଲିଛି । ଏକ ଠିକା କମ୍ପାନୀର କର୍ମଚାରୀମାନେ ସେହିଠାରେ ରହି ରାସ୍ତାକାମ ତଦାରଖ କରୁଛନ୍ତି । ଗତକାଲି ସକାଳେ ଏହି ରାସ୍ତାରେ ଏକ ବୋଲେରୋ ଦୁର୍ଘଟଣା ଘଟିଥିଲା । କୌଣସି କାରଣ ବଶତଃ ପୁଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରି ନେଇ ନଥିଲା ।

ଗତକାଲି ରାତିରେ ୩ ଜଣ ଚୋର ଏହି ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଟାୟାର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରୁଥିଲେ । ମାନସ ଓ ପ୍ରିନ୍ସ ଏହା ଦେଖି ବାରଣ କରିଥିଲେ । ଲୁଟେରାମାନେ ସେମାନଙ୍କ କଥା ଶୁଣିନଥିଲେ । ଏନେଇ ଲୁଟେରା ଓ ଠିକା ସଂସ୍ଥା କର୍ମଚାରୀଙ୍କ ମଧ୍ୟରେ କିଛି ସମୟ ଯୁକ୍ତି ତର୍କ ହୋଇଥିଲା । ପରେ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ପରେ ଚୋରମାନେ ଦୌଡ଼ି ସେଠାରୁ ପଳାଇ ଯାଉଥିଲେ । ମାନସ ଓ ପ୍ରିନ୍ସ ସେମାନଙ୍କୁ ଗୋଡ଼ାଉଥିବା ବେଳେ ଏକ ଟ୍ରଲର ସାମ୍ନା ପଟରୁ ଆସି ସେମାନଙ୍କୁ ପିଟି ଦେଇଥିଲା । ଘଟଣାସ୍ଥଳରେ ଚୋର ବୁଢ଼ା ଚିଟିକି ସହିତ ମାନସ ଓ ପ୍ରିନ୍ସଙ୍କର ମୃତ୍ୟୁ ଘଟିଥିଲା । ଅନ୍ୟ ୨ଜଣ ଲୁଟେରା ଦୌଡ଼ି ପଳାଇଥିଲେ । ପୁଲିସ ମୃତଦେହଗୁଡ଼ିକୁ ଉଦ୍ଧାର ବ୍ୟବଚ୍ଛେଦ ପାଇଁ ପଠାଇଛି ।ଦୁର୍ଘଟଣା ପରେ ଟ୍ରଲରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ହେଲେ କିଛି ବାଟ ଗଲା ପରେ ରାସ୍ତା ତଳକୁ ଓଲଟି ପଡ଼ିଥିଲା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ।




# କଏନ୍ ସଞ୍ଚି କିଣିଲେ ସପ୍ନର ବାଇକ୍

କଥାରେ ଅଛି, ବିନ୍ଦୁ ବିନ୍ଦୁ ଜଳେ, ସିନ୍ଧୁ ସୃଷ୍ଟି । ଏହା ଅନେକ ସମୟରେ ସତ ବି ହୋଇଛି । ଆଉ ଏବେ ଏହି କଥାଟି ତାମିଲନାଡୁର ସାଲେମରେ ଥିବା ଜଣେ ଯୁବକଙ୍କ କ୍ଷେତ୍ରରେ ହୋଇଛି ସତ । କଥା ହେଉଛି ତାମିଲନାଡୁର ଜଣେ ଯୁବକ ତାଙ୍କ ସପ୍ନର ବାଇକ୍ କିଣିବାକୁ ମନରେ ରଖିଥିଲେ । ଆଉ ଏଥିପାଇଁ ସଞ୍ଚୟ କରୁଥିଲେ ଟଙ୍କା । ସେ ପୁଣି ୧୦୦- ୨୦୦ କି ହଜାର ଦୁଇ ହଜାର ଟଙ୍କିଆ ନୁହେଁ । ଟଙ୍କିକିଆ କଏନ୍ କରୁଥିଲେ ସଞ୍ଚୟ । କିନ୍ତୁ କେତେ ଶୁଣିଲେ ଉଡିଯିବ ହୋସ୍ । ସେ ସଞ୍ଚୟ କରିଥିଲେ ୨.୬ ଲକ୍ଷର ଟଙ୍କିକିଆ କଏନ୍ । ଯାହାକି ୩ ବର୍ଷ ଧରି କରିଥିଲେ ସଞ୍ଚୟ । ଆଉ ବାଇକ୍ ପାଇଁ ପୂରା ଟଙ୍କା ସଂଗ୍ରହ କରିବା ମାତ୍ରେ ସେ ତାକୁ ଧରି ଯାଇଥିଲେ ଶୋ'ରୁମ୍ । ଆଉ ସେଠି ସମସ୍ତେ ଖୁଚୁରା ଦେଖି ଆଶ୍ଚର୍ଯ୍ୟ ।କୁହାଯାଉଛି ଯେ ଏହି ମୁଦ୍ରା ଗୁଡ଼ିକୁ ଗଣିବା ପାଇଁ ଶୋ'ରୁମରେ ଲାଗିଥିଲା ୧୦ଘଣ୍ଟା ସମୟ । ପରେ ଯୁବକ ସୋସିଆଲ ମିଡିଆରେ ହୋଇଯାଇଥିଲେ ଭାଇରାଲ୍ । ଘଟଣାଟି ମାସେ ପୂର୍ବର ତଥାପି କ୍ରମାଗତ ଭାବେ ସେ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାନୁସାରେ, ଯୁବକଟିର ନାଁ ଭି ବୁପାଥୀ । ଆଉ ସେ ତିନି ବର୍ଷ ପୂର୍ବେ ବଜାଜର ଡୋମିନାର ୪୦୦ ବାଇକ୍ କିଣିବାକୁ ସପ୍ନ ଦେଖୁଥିଲେ । ବାଇକର ମୂଲ୍ୟ ସେତେବେଳେ ଥିଲା ୨ ଲକ୍ଷ ଟଙ୍କା, ଯାହା କିଣିବାକୁ ତାଙ୍କ ପାଖରେ ଟଙ୍କା ନଥିଲା । କିନ୍ତୁ,ସେ ବାଇକ୍ କିଣିବାକୁ ସ୍ଥିର କରି ନେଇଥିଲେ । ଆଉ ଗୋଟେ ଗୋଟେ ଟଙ୍କା ସଞ୍ଚିବା ଆରମ୍ଭ କରିଦେଲେ । ପୂରା ଟଙ୍କା ହୋଇଯିବା ପରେ ସେ ବାଇକ୍ କିଣିବାକୁ ଯାଇଥିଲେ । ସେତବେଳକୁ ଏହାର ମୂଲ୍ୟ ହୋଇଯାଇଥିଲା ୨.୬ ଲକ୍ଷ । ଆଉ ସେବି ତାଙ୍କ ସପ୍ନର ବାଇକ୍ କିଣିବାକୁ ହୋଇଯାଇଥିଲେ ସକ୍ଷମ । ବାଇକ୍ କିଣି ପୂରଣ କରିଥିଲେ ନିଜ ସପ୍ନ ।

# ଚକ୍‌ଲେଟ୍ ମିଲ୍କସେକ୍

ଆବଶ୍ୟକ ସାମଗ୍ରୀ: ବରଫ, ଚକଲେଟ୍ ସିରପ, ଚିନି, କ୍ଷୀର, ଚକ୍‌ଲେଟ୍ ଆଇସିକ୍ରିମ୍, ଚକୋଚିପ୍ସ ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକପାତ୍ରରେ ଚକ୍‌ଲେଟ୍ ଆଇସିକ୍ରିମ୍‌କୁ ନିଅନ୍ତୁ । ସେଥିରେ କିଛି ବରଫ, ଚକଲେଟ୍ ସିରପ, ଚିନି ଓ କ୍ଷୀର ପକାଇ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାପରେ ଏକ ଗ୍ଲାସ ଆଣି ତା' ଭିତରେ କିଛି ଚକଲେଟ୍ ସିରପକୁ ପକାଇ ଦିଅନ୍ତୁ । ପରେ ସେଥିରେ କିଛି ଚକୋଚିପ୍ସକୁ ପକାଇ ଦିଅନ୍ତୁ । ଏହାପରେ ଗ୍ରାଇଣ୍ଡିଂ କରି ରଖିଥିବା ମିଲ୍କସେକ୍‌କୁ ସେଥିରେ ଢାଳି ଦିଅନ୍ତୁ । ପରେ ତା' ଉପରେ ଚକୋଚିପ୍ସକୁ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚକ୍‌ଲେଟ୍ ମିଲ୍କସେକ୍ ।



# ଓଜନ ହ୍ରାସ ପାଇଁ ୪ଟି ଉପାୟ



ସାଧାରଣତଃ ବର୍ତ୍ତମାନ ଛୋଟ ହେଉ କିମ୍ବା ବଡ ସମସ୍ତେ ଫାଷ୍ଟଫୁଡ ଖାଇବାକୁ ପସନ୍ଦ କରନ୍ତି । ଏହି କାରଣରୁ ଅନେକ ଲୋକ ମୋଟାପଣ ପରି ଗମ୍ଭୀର ରୋଗର ଶୀକାର ହେଉଛନ୍ତି । ଯେଉଁଥିପାଇଁ ନା ନା ସମସ୍ୟା ଉପୁଜୁଛି । ଯଦି ସମୟ ଅନୁସାରେ ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବେ ନାହିଁ, ତେବେ ସମସ୍ୟା ମଧ୍ୟ ବଢିବାକୁ ଲାଗିବ । ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଓଜନ ହ୍ରାସ କରିବା ଏକ ଚ୍ୟାଲେଞ୍ଜଠାରୁ କମ୍ ନୁହେଁ । କିଛି ଲୋକ ଏଥିପାଇଁ ଜିମରେ ମୋଟାପଣ କମାଉଥିବାବେଳେ କିଛି ଲୋକ ସିଧାସଳଖ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । "ଏସବୁ ଭିତରେ ଆମେ ଓଜନ ହ୍ରାସ ପାଇଁ ଏକ ଆୟୁର୍ବେଦିକ ଟିପ୍ସ ଆଣିଛୁ । ଔଷଧୀୟ ଗୁଣରେ ଭରପୂର ଜୁଆଣି କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ହିଁ ନୁହେଁ ବହୁତ ଲାଭପ୍ରଦ ମଧ୍ୟ ହୋଇଥାଏ । ଓଜନ ହ୍ରାସ କରିବାରେ ମଧ୍ୟ ବହୁତ ପ୍ରଭାବଶାଳୀ । ଏକ ଅନୁସନ୍ଧାନ ଅନୁଯାୟୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଫଙ୍ଗାଲ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୂର ଥାଏ, ଯାହା ଓଜନ ନିୟନ୍ତ୍ରଣ କରିବାରେ ବ୍ୟବହୃତ ହୋଇପାରେ । ତେବେ ଚାଲନ୍ତୁ ଜାଣିବା ଏହାରି ବିଷୟରେ... ୧- ମେଥି-ଜୁଆଁଣି ଏକ ମୁଠାଏ ମେଥି ମଞ୍ଜି, ଜୁଆଁଣି ମଞ୍ଜି ଶୁଆନ୍ତୁ । ଏହା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡ୍ କରି ଏହାକୁ ପାଉଡର ପ୍ରସ୍ତୁତ କରନ୍ତୁ । ଏହାକୁ ଏକ ଏୟାର ଟାଇଟ୍ ପାତ୍ରରେ ରଖନ୍ତୁ ।ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ ପାଣିରେ ଏକ ଚାମଚ ପାଉଡର ମିଶାଇ ନିଅନ୍ତି ।ଏହି ପାଉଡରକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଆପଣଙ୍କୁ ଚର୍ବି କମାଇବାରେ ସାହାଯ୍ୟ କରିବ । ୨-ପାଣି ଏବଂ ଜୁଆଁଣି କିଛି ଜୁଆଁଣିକୁ ଶୁଖାଇବା ପରେ ଏହାକୁ ଫୁଟୁଥିବା ପାଣିରେ ପକାଇ ଭଲ ଭାବରେ ମିଶାନ୍ତୁ । ଯେତେବେଳେ ଏହାର ରଙ୍ଗ ବଦଳିଯିବ, ଏହାକୁ ଛାଣି କରି ପିଅନ୍ତୁ । ଏହାକୁ ପ୍ରତିଦିନ ନିୟମିତ ଭାବେ ଖାଆନ୍ତୁ । ଓଜନ ମଧ୍ୟ ନିୟନ୍ତ୍ରଣ ରହିବ । ୩-ମହୁ-ଜୁଆଁଣି ଶରୀରର ଚର୍ବି କମାଇବା ପାଇଁ ମହୁ ଏବଂ ଜୁଆଁଣି ଖୁବ୍ ? ଲାଭ ଦାୟକ ।୨୫୦ ଗ୍ରାମ ପାଣିରେ ୨୫ ଗ୍ରାମର ଜୁଆଁଣି ପୁରା ରାତି ସାରା ଭିଜାଇ ରଖନ୍ତୁ । ପରଦିନ ସକାଳେ, ପାଣିକୁ ଛାଣି ୧ଚାମଚ ମହୁ ମିଶାଇବା ପିଇ ନିଅନ୍ତୁ । ଏହାକୁ ଅତି କମରେ ତିନିମାସ ପର୍ଯ୍ୟନ୍ତ ଜାରି ରଖନ୍ତୁ । ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ । ୪-ପାନମଧୁରୀ-ଜୁଆଁଣି ଓଜନ ହ୍ରାସ ପାଇଁ ପାନମଧୁରୀ ଓ ଜୁଆଁଣି ଖୁବ୍ ? ଲାଭପ୍ରଦ । ଏଥିପାଇଁ ୧ ଚାମଚ ଜୁଆଁଣି ଏବଂ ୧ ଚାମଚ ପାନମଧୁରୀ ପକାନ୍ତୁ । ଏହାକୁ ୪କପ୍ ପାଣିରେ ଫୁଟାନ୍ତୁ । ଯେତେବେଳେଏହାର ରଙ୍ଗ ବଦଳିଯାଏ, ଏହାକୁ ଛାଣି ନିଅନ୍ତୁ ପରେ ପିଅନ୍ତୁ ।

# ବୋଇତାଳୁ ମଞ୍ଜି ଖାଇଲେ ହେବନି ହୃଦଘାତ

ସବୁଜ ପନିପରିବା ମଧ୍ୟରେ ବୋଇତାଳୁ ଅନ୍ୟତମ । ଆମେ ବୋଇତାଳୁରେ ବିଭିନ୍ନ ସୁସ୍ୱାଦୁ ତର୍କାରି କରି ଖାଇଥାଉ । କିନ୍ତୁ ଏହାର ମଞ୍ଜିକୁ ପ୍ରାୟ ଲୋକ ଫିଙ୍ଗି ଦିଅନ୍ତି । ଏହି ମଞ୍ଜି ଆମ ଶରୀର ପାଇଁ ବହୁତ ଉପକାରି ହୋଇଥାଏ । ସବୁଠାରୁ ବଡ଼ କଥା ହେଉଛି ଏହି ମଞ୍ଜି ଆମକୁ ହୃଦଘାତରୁ ସୁରକ୍ଷିତ ରଖିଥାଏ । ଯଦି ଆପଣ ଆପଣ ଏହି ମଞ୍ଜିକୁ ଫିଙ୍ଗୁଛନ୍ତି ତାହେଲେ ଆଜିହିଁ ଏହାକୁ ଆପଣଙ୍କ ଖାଦ୍ୟାଭ୍ୟାସରେ ସାମିଲ କରନ୍ତୁ । ଏହି ମଞ୍ଜି ମଧୁମହ ରୋଗୀଙ୍କ ପାଇଁ ଉପକାରୀ ବୋଲି ସମସ୍ତେ ଜାଣନ୍ତି । ଏହାଛଡ଼ା ଅନେକ ବଡ଼ ରୋଗରୁ ରକ୍ଷା କରିବାରେ ଏହି ମଞ୍ଜି ସହାୟକ ହୋଇଥାଏ । ତାହେଲେ ଆସନ୍ତୁ ଜାଣିବା ଏହାକୁ ଖାଇଲେ କେଉଁ ଲାଭ ମିଳିଥାଏ ଯଦି ଆପଣ ନିୟମିତ ବୋଇତାଳୁ ମଞ୍ଜି ଖାଇବେ ତାହେଲେ ଆପଣଙ୍କର କୋଲେଷ୍ଟରଲ ବଢ଼ିବ ନାହିଁ । ଏହା ଖାଇଲେ ଆପଣଙ୍କ ଶରୀରରେ ଖରାପ ଓ ଭଲ କୋଲେଷ୍ଟରଲ ସନ୍ତୁଳିତ ଅବସ୍ଥାରେ ରହିବ । ସବୁଠାରୁ ବଡ଼କଥା ହେଉଛି ଏହା ଖାଇବା ଦ୍ୱାରା ଶରୀରରେ ହୃଦଘାତର ସମ୍ଭାବନା ବହୁତ କମିଯାଇଥାଏ । ମଧୁମେହ ସମସ୍ୟା ଦୂର କରିବା ପାଇଁ ବୋଇତାଳୁ ମଞ୍ଜି ବହୁତ ଲାଭଦାୟକ ହୋଇଥାଏ । ଏହା ଖାଇବା ଦ୍ୱାରା ରକ୍ତରେ ଶର୍କରା ନିୟନ୍ତ୍ରିତ ହୋଇଥାଏ । ପ୍ରକୃତରେ ବୋଇତାଳୁ ମଞ୍ଜିରେ ମଧୁମେହ ନିରୋଧକ ଗୁଣ ମିଳିଥାଏ । ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିଥାଏ । ଏହା ଖାଇଲେ ପୁରୁଷମାନଙ୍କର ଶୁକ୍ରାଣୁ ହୀନତା ରୋଗ ଦୂର ହୋଇଥାଏ । ଯଦି ଆପଣଙ୍କର ଏହି ସମସ୍ୟା ରହିଛି ତାହେଲେ ଏହାକୁ ନିୟମିତ ସେବନ କଲେ ଆପଣଙ୍କୁ ଏହି ସମସ୍ୟାରୁ ମୁକ୍ତି ମିଳିବ ।



# ଆଜିର ରାଶିଫଳ

**ମେଷ** – ପରାକ୍ରମୀ ହେବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ । ବିଦ୍ୟାର୍ଥୀ ସଫଳତା ପାଇବେ । ବିବାଦର ସମାଧାନ ହେବ । ଯୋଜନାରେ ତ୍ରୁଟି ପରିଲକ୍ଷିତ ହେବ ।

**ବୃଷ** – ଭ୍ରମଣ ହେତୁକ କ୍ଲାନ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ବିଭିନ୍ନ ଦିଗରୁ ଧନାଗମର ସୂଚନା ମିଳୁଛି । ଚଞ୍ଚଳମନା ହୋଇପାରନ୍ତି । ଶତ୍ରୁ ଭୟ ଲାଗିରହିବ ।

**ମିଥୁନ** – ସ୍ୱାସ୍ଥ୍ୟ ଭଲ ରହିବ । ଚନ୍ଦ୍ରଙ୍କ ଯୋଗୁ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ । ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ ହୋଇପାରନ୍ତି । ବ୍ୟବସାୟରେ ଲାଭ ପାଇବେ ।

**କର୍କଟ** – ଅସାବଧାନତାବଶତଃ କୌଣସି ଦ୍ରବ୍ୟ ହଜାଇ ପାରନ୍ତି । ଅଧିକ ଖର୍ଚ୍ଚାନ୍ତ ଯୋଗ ରହିଛି । ଚକ୍ଷୁଜନିତ ସମସ୍ୟାରେ ପୀଡ଼ିତ ହୋଇପାରନ୍ତି । ମଧୁର କଥାକହି ସମସ୍ୟାକୁ ସମ୍ଭାଳି ନେବେ ।

**ସିଂହ** – ଆୟ ବଢ଼ିପାରେ । ନାନାବିଧ ସମ୍ମାନର ଅଧିକାରୀ ହୋଇପାରନ୍ତି । ଯାନବାହନ ସୁଖ ମିଳିବ । ଭୋଗବିଳାସରେ ସମୟ ଅତିବାହିତ କରିବେ । ଗୃହକୁ ପୁରୁଣା ବନ୍ଧୁ ଆଗମନ କରିପାରନ୍ତି ।

**କନ୍ୟା** – ଅର୍ଥ ପ୍ରାପ୍ତି ଯୋଗ ରହିଛି । ଶତ୍ରୁ ବିନାଶ କରି ନିଶ୍ଚିତରେ ଦିନ କାଟିବେ । ପତ୍ନୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ବିବ୍ରତ ହେବେ । ବିବାଦୀୟ ଘଟଣାରେ ମୁଣ୍ଡ ଭର୍ତ୍ତି କରନ୍ତୁନି ।

**ତୁଳା** – ଭ୍ରମଣ ହେତୁକ କ୍ଲାନ୍ତି ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ବିଭିନ୍ନ ଦିଗରୁ ଧନାଗମର ସୂଚନା ମିଳୁଛି । ଚଞ୍ଚଳମନା ହୋଇପାରନ୍ତି । ଶତ୍ରୁ ଭୟ ଲାଗିରହିବ ।

**ବିଛା** – ବୃଥା ଭ୍ରମଣ ଯୋଗୁ ବ୍ୟୟ ହୋଇପାରେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିପାରେ । ମାନସିକ ସ୍ତରରେ ଅସହ୍ୟବୋଧ ମନେକରିବେ । ପୁରୁଣା ବିବାଦର ସମାଧାନ ହେବ । ଚାକିରିରେ ଉନ୍ନତି ।

**ଧନୁ** – ମହିଳାଙ୍କ ମନ ଭାଙ୍ଗିଯାଇପାରେ । ସମୟ ବିଭ୍ରାଟ ଦିଗରେ ଗତିକରିବ । ପ୍ରଭାବଶାଳୀ ଲୋକଙ୍କ ସହ ସାକ୍ଷାତ ହୋଇପାରେ । ଉଦ୍ୟମରେ ସଫଳତା ପାଇବେ । ଦେବଦର୍ଶନ ଯୋଗ ରହିଛି ।

**ମକର** – କୃଷିକ୍ଷେତ୍ରରୁ ଲାଭ ପାଇବେ । ଯାନବାହନ ସୁଖ ମିଳିପାରେ । ପ୍ରଦୂଷଣମୁକ୍ତ ଗୃହରେ ବସତି ସ୍ଥାପନ କରିପାରନ୍ତି । ଉତ୍ତମ ମିତ୍ରଙ୍କ ସାନ୍ନିଧ୍ୟ ପାଇବେ । ଗୃହନିର୍ମାଣ ଆରମ୍ଭ ।

**କୁମ୍ଭ** – ସୁଖ ସମ୍ମାନ ଲାଭ କରିବେ । ସରକାରୀ ସ୍ତରରୁ ଧନାଗମ ହେବାର ସୂଚନା ରହିଛି । ଉତ୍ତମ ବନ୍ଧୁ ଦର୍ଶନ ହେବ । ବାକ୍‌ସଂଯମତା ରକ୍ଷା କରନ୍ତୁ, ନଚେତ୍ ହଇରାଣରେ ପଡ଼ିବେ । ପରିଶ୍ରମ ବଢ଼ିପାରେ ।

**ମୀନ** – କାବ୍ୟ ରଚନା ପ୍ରତି ରୁଚି ବଢ଼ିପାରେ । ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି । ଶନିଙ୍କ ପ୍ରଭାବ ହେତୁ ସତର୍କରେ ଚଳିବାକୁ ପଡ଼ିପାରେ । ଭାତୃ ବିବାଦର ସମାଧାନ ହେବ ।

# ଶରୀରରେ ରକ୍ତର ଅଭାବକୁ ଦୂର କରିବ ଏହି ୪ଟି ଜୁସ୍

ଶରୀରରେ ରକ୍ତର ଅଭାବ ହେଲେ ରକ୍ତହୀନତା ବୋଲି କୁହାଯାଏ । ରକ୍ତହୀନତା ଯୋଗୁଁ ଜଣେ ବ୍ୟକ୍ତି ବହୁତ ଦୁର୍ବଳ ହୋଇଯାଏ । ହେଲେ ସେ ସୁସ୍ଥ ଦେଖାଯାଉଥିଲେ ମଧ୍ୟ ତାଙ୍କ ଶରୀର ଭିତରେ କୌଣସି ପ୍ରକାରର ବଳ ନଥାଏ । ବେଳେବେଳେ ଦୁର୍ବଳତା ଏତେ ଅଧିକ ଥାଏ ଯେ ନିଜ ଶରୀର ସମ୍ଭାଳିବା ମଧ୍ୟ ସକ୍ଷମ ହୁଏ ନାହିଁ । ଆଖି ଏବଂ ଚର୍ମର ରଙ୍ଗ ହଳଦିଆ ହେବାକୁ ଲାଗେ ଏବଂ ନଖଗୁଡ଼ିକ ଶୁଷ୍କ ଏବଂ ରୁଗଣ ଦେଖାଯାଏ । ରକ୍ତହୀନତାର ମୁଖ୍ୟ କାରଣ ଶରୀରରେ ଆଇରନ ଏବଂ ପୋଷକ ତତ୍ତ୍ୱର ଅଭାବ ହେତୁ ହୋଇଥାଏ । କିନ୍ତୁ କେତେକ ଗମ୍ଭୀର ରୋଗ ମଧ୍ୟ ରକ୍ତହୀନତାର କାରଣ ହୋଇପାରେ । ଏହି ସମୟରେ ଡାକ୍ତରମାନେ ପରାମର୍ଶ ନେବା ଉଚିତ୍ । କାରଣ ରକ୍ତହୀନତାର କାରଣ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ଅଟେ । ବର୍ତ୍ତମାନ ଗ୍ରୀଷ୍ମ ଋତୁର ସମୟ ଚାଲିଛି । ଯଦି ଏହି ସମୟ ମଧ୍ୟରେ ପରିବାରର କୌଣସି ବ୍ୟକ୍ତି ରକ୍ତହୀନତା ସମସ୍ୟାରେ ପୀଡିତ ଥିବେ ତେବେ ଆପଣ ତାଙ୍କୁ ପ୍ରତିଦିନ ଜୁସ୍ ଦେଇପାରିବେ । ବ୍ୟକ୍ତିଙ୍କୁ ଏହି ସମୟରେ ଅନେକ ପ୍ରକାରର ଜୁସ୍ ମଧ୍ୟରୁ ଗୋଟିଏ ଦେଇପାରିବେ । ଏହି ସମସ୍ତ ଜୁସ୍ ପିଇବା ଦ୍ୱାରା ଶରୀରରେ ହେମୋଗ୍ଲୋବିନର ପରିମାଣ ବଢାଇବା ସହ ରକ୍ତହୀନତାକୁ ଦୂର କରିବା ପାଇଁ ମଧ୍ୟ ସାହାଯ୍ୟ କରିଥାଏ । ଘିଁକୁଆରୀ ଜୁସ୍-ଏହାକୁ ପିଇବା ଦ୍ୱାରା ଚର୍ମ ଏବଂ କେଶ ପାଇଁ ବହୁତ ଲାଭ ଦାୟକ । ଏହାର ପ୍ରତିଦିନ ପିଇବା ଦ୍ୱାରା ରକ୍ତ ଶୁଦ୍ଧ ହୋଇଥାଏ ଏବଂ ହେମୋଗ୍ଲୋବିନର ପରିମାଣ ମଧ୍ୟ ବୃଦ୍ଧି ହୋଇଥାଏ । ଅଙ୍ଗୁର ରସ – ଅଙ୍ଗୁର ତ ପ୍ରାୟ ସମସ୍ତଙ୍କୁ ପସନ୍ଦ । ତେବେ ଆପଣ ଏହାକୁ ଖାଇବା ବଦଳରେ ଜୁସ୍ କରି ପିଇ ପାରିବେ । ଅଙ୍ଗୁର ଜୁସ୍ ପିଇବା ଦ୍ୱାରା ଶରୀରକୁ ଥଣ୍ଡା ରଖିବାରେ ସାହାଯ୍ୟ କରେ । ଗ୍ରୀଷ୍ମ ଋତୁରେ ହେମୋଗ୍ଲୋବିନ୍ ବଢିଥାଏ । ଆମ୍ବ ଜୁସ୍- ଶରୀରରେ ରକ୍ତ ଅଭାବକୁ ଦୂର କରିବା ପାଇଁ ପାଚିଲା ଆମ୍ବ ବହୁତ କାମରେ ଆସେ । ଆମ୍ବ ଖାଇବା ପରେ କିମ୍ବା ରାତିରେ ଶୋଇବା ପୂର୍ବରୁ ଆମ୍ବ ଜୁସ୍‌ପିଅନ୍ତୁ । ଏହା ପିଇବା ଦ୍ୱାରା ଶରୀରରେ ରକ୍ତ ଅଭାବକୁ ମଧ୍ୟ ଦୂର କରିଥାଏ । ବିଟ୍ ଜୁସ୍-ବିଟ୍ ରୁଟ୍‌ରେ ଆଇରନର ମାତ୍ରା ଭରପୂର ମାତ୍ରାରେ ରହିଥାଏ । ଯେତେବେଳେ ବି ଶରୀରରେ ରକ୍ତ ଅଭାବକୁ ଦୂର କରିବା ଅଭାବକୁ ଘରୋଇ ଉପଚାର ଭାବେ କରିପାରିବେ । ପ୍ରତିଦିନ ବିଟ୍ ରୁଟ୍‌କୁ ନିୟମିତ ଭାବରେ ପିଇ ପାରିବେ ।



# ରାନ୍ଧିବା ପୂର୍ବରୁ ଧୁଅନ୍ତୁ ନାହିଁ ଅଣ୍ଡା

ବିଶ୍ୱରେ କରୋନା ସଂକ୍ରମଣ ପରଠାରୁ ସଫାସୁତୁରା ପ୍ରତି ଲୋକେ ଅଧିକ ସଚେତନ ହୋଇଯାଇଛନ୍ତି । ବାରମ୍ବାର ହାତ ଧୋଇବା ସାନିଟାଇଜ କରିବା ଏବେ ଲୋକଙ୍କ ଅଭ୍ୟାସରେ ପରିଣତ ହୋଇସାରିଲାଣି । ଏଥିରେ ଲୋକେ ବଜାରରୁ କିଣି ଆଣୁଥିବା ସାମଗ୍ରୀକୁ ମଧ୍ୟ ଭଲ ରୂପେ ସଫା କରିବା ପରେ ଫ୍ରିଜ ବା ରୋଷେଇ ଘର ଥାକରେ ରଖୁଛନ୍ତି । ଏଥିରେ ଲୋକେ ଅଣ୍ଡାକୁ ମଧ୍ୟ ଧୋଇ ଦେଉଛନ୍ତି । ତେବେ ଜାଣି ରଖନ୍ତୁ ଅଣ୍ଡାକୁ ରୋଷେଇ କରିବା ପୂର୍ବରୁ ଧୋଇବା ଉଚିତ ନୁହେଁ, କାରଣ ଏହାର ଖାଦ୍ୟ ଗୁଣ ନଷ୍ଟ ହୋଇଯାଏ । ୟୁନାଇଟେଡ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଫ ଏଗ୍ରିକଲଚର (ୟୁଏସଡିଏ)ଙ୍କ ଅନୁସାରେ ଫାର୍ମରେ ସବୁ ଅଣ୍ଡା ସାଫ ସଫେଇର ଜରୁରୀ ପ୍ରୋସେସ ଦେଇ ଆସିଥାଏ । ଏଣୁ ଘରେ ଅଧିକ ସଫା ସୁତୁରା କରିବାର କୌଣସି ଆବଶ୍ୟକତା ନାହିଁ । ଏହା ସତ୍ତ୍ୱେ ଯଦି ଆମେ ବଜାରରୁ ଅଣ୍ଡା ଆଣି ଘରେ ପୁଣି ଧୋଉଛନ୍ତି ତେବେ ଏହାର ପ୍ରାକୃତିକ ସୁରକ୍ଷା ପରସ୍ତ 'କ୍ୟୁଟିକଲ' ବା ବ୍ଲୁମ ଧୋଇ ହୋଇଯାଇଥାଏ । ଏହା କୁବ୍ କମ ଲୋକେ ଜାଣନ୍ତି । ୟୁଏସଡିଏଙ୍କ ଅନୁସାରେ ପଲେଟ୍ରିରେ ଅଣ୍ଡାଗୁଡିକୁ ଇଡିଏବଲ ମିନେରାଲସ୍ ଅଏଲ ଦ୍ୱାରା କୋଟିଂ କରାଯାଇଥାଏ । ଫଳରେ ଅଣ୍ଡାକୁ କୌଣସି ବ୍ୟାକ୍ଟେରିଆ ଦୂଷିତ କରିପାରନ୍ତିନି । ଏହା ସତ୍ତ୍ୱେ ଯଦି ଘରେ ଆମେ ଟ୍ୟାପ ପାଣିରେ ଅଣ୍ଡାକୁ ଧୋଇଲେ ଏହାର ଖୋଳପା ଭିତରକୁ ବ୍ୟାକ୍ଟେରିଆ ଠେଲି ହୋଇଯାଇପାରନ୍ତି । କାରଣ ଅଣ୍ଡାର ଖୋଳ ହାତକୁ ଟାଣ ଲାଗୁଥିଲେ ହେଁ ଏହା ଫମ୍ପା । ଭିତରକୁ ବେଶ ସହଜରେ ବ୍ୟାକ୍ଟେରିଆଙ୍କୁ ଠେଲି ଦିଆଯାଇପାରେ । ଏହା ବାଦେ ଯଦି ଆପଣ ସିଧା କୁକୁଡାଠାରୁ ଅଣ୍ଡା ଆଣୁଛନ୍ତି ତେବେ ଏହାକୁ ଉଷୁମ ପାଣିରେ ଧୋଇପାରନ୍ତି, ହେଲେ ସାବୁନରେ ସଫା କରିବାର କୌଣସି ଆବଶ୍ୟକତା ନାହିଁ । ଯଦି ସୁପରମାର୍କେଟରୁ ଅଣ୍ଡା କିଣୁଛନ୍ତି ତେବେ ଏଗୁଡିକୁ ନ ଧୋଇଲେ ବି ଚଳିବ । ଏହି ଅଣ୍ଡାଗୁଡିକୁ ଧୋଇଲେ ସ୍ୱାସ୍ଥ୍ୟ ବି ଖରାପ ହେବାର ସମ୍ଭାବନା ଅଧିକ ଥାଏ । ଏହା ସତ୍ତ୍ୱେ ବି ଯଦି ଅଣ୍ଡା ସଫା କରିବାର ଅଭ୍ୟାସରେ ପଡିଯାଇଛନ୍ତି ତେବେ ଓଦା କପଡାରେ ଅଣ୍ଡାକୁ ଭଲ ରୂପେ ପୋଛି ରେଫ୍ରିଜେରଟରରେ ରଖି ପାରନ୍ତି ।



# ଖରା ଦିନେ ପିଆଜ ଖାଆନ୍ତୁ

ଏବେ ରାଜ୍ୟର ତାପମାତ୍ରା ଧୀରେ ଧୀରେ ୪୩ ଡିଗ୍ରୀ ଅତିକ୍ରମ କଲାଣି । ଫଳରେ ଥଣ୍ଡା ପାନୀୟ ଚାହିଦା ଆକାଶ ଛୁଆଁ ହେବାକୁ ଲାଗିଲାଣି । କିଛି ଲୋକ ଗରମରୁ ରକ୍ଷା ପାଇବା ପାଇଁ ପିଆଜ ଖାଇବାକୁ ପସନ୍ଦ କରିଥାନ୍ତି । କୁହାଯାଏ କଞ୍ଚା ପିଆଜରେ ଥିବା ପୋଷକ ତତ୍ତ୍ୱ ଲୁ ଓ ଜଳାଭାବରୁ ରକ୍ଷା କରିବାରେ ସାହାଯ୍ୟ କରେ । ଚାଲନ୍ତୁ ଜାଣିବା ଖରାଦିନେ କାହିଁକି ପିଆଜ ଖାଇବାକୁ କୁହାଯାଏ । ପିଆଜର ପୋଷକ ତତ୍ତ୍ୱ : ପିଆଜରେ ସଲ୍‌ଫର, ଫାଇବର, ପୋଟାସିୟମ୍, କ୍ୟାଲସିୟମ୍, ଭିଟାମିନ୍‌ଥ୧ଧବି ଓ ଭିଟାମିନ୍-ସି ଭରି ରହିଥାଏ । ଏହାବ୍ୟତୀତ ମଧ୍ୟ କେତେକ ପୋଷକ ତତ୍ତ୍ୱ ରହିଛି ପିଆଜରେ, ଯାହା କୋଲେଷ୍ଟରଲ୍ କମ୍ କରିଥାଏ । ଲୁ'ରୁ ରକ୍ଷା କରେ : ଗରମ ଦିନେ ଖରା ଓ ଲୁ' ଯୋଗୁ ବହୁ ଲୋକ ରୋଗରେ ପଡିଥାନ୍ତି । ଲୁ' ପ୍ରଭାବରୁ ରକ୍ଷା ପାଇବା ପାଇଁ କଞ୍ଚା ପିଆଜ ଖାଇବାକୁ ପରାମର୍ଶ ଦିଆଯାଇଥାଏ । ହିଟ୍ ଷ୍ଟ୍ରୋକ୍ ସମସ୍ୟାରୁ ମଧ୍ୟ ରକ୍ଷା କରେ ପିଆଜ । ଶରୀରକୁ ଥଣ୍ଡା ରଖେ : ଗରମ ଦିନେ ପିଆଜ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହ ଅନେକ ଖରାଦିନିଆ ରୋଗରୁ ରକ୍ଷା କରିଥାଏ ।

## ଫିଲ୍ମ ଟକ୍

# ଶେହନାଜ୍‌ଙ୍କ ଫ୍ୟାନ୍‌ଙ୍କ ପାଇଁ ଏକ ଦମ୍‌ଦାର ଖବର

ଫିଲ୍ମ 'କିସି କା ଭାଇ କିସି କି ଜାନ୍' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି ଅଭିନେତ୍ରୀ ଶେହନାଜ୍ ଗିଲ୍ । ଯଦିଓ ଫିଲ୍ମରେ ସେ ସଲ୍ଲୁଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରୁନାହାନ୍ତି, ସଲ୍ଲୁଙ୍କ ଅଭିନୀତ ଫିଲ୍ମରେ କାମ କରିବା ତାଙ୍କ ପାଇଁ କୌଣସି ସପ୍ନଠୁ କମ୍ ନୁହେଁ । ତେବେ ଖବର କେବଳ ଏତିକି ନୁହେଁ, ଶେହନାଜ୍‌ଙ୍କ ଫ୍ୟାନ୍‌ଙ୍କ ପାଇଁ ଏକ ଦମ୍‌ଦାର ଖବର ରହିଛି । ଅଭିନେତ୍ରୀ ସୋନମ କପୁରଙ୍କ ଭଉଣୀ ରିୟା କପୁରଙ୍କ ଅପ୍‌କମିଙ୍ଗ ଫିଲ୍ମରେ ସେ ନଜର ଆସିବେ । ଏକ ଖବରସଂସ୍ଥା ସହ ସାକ୍ଷାତକାରରେ ନିଜର ଅପ୍‌କମିଙ୍ଗ ପ୍ରୋଜେକ୍ଟ ବିଷୟରେ ଆଲୋଚନା ସମୟରେ ସେ ଏହି ଖୁଲାସା କରିଛନ୍ତି । ତେବେ ଠିକ୍ ସମୟରେ ରିୟାଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟ ବିଷୟରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଫିଲ୍ମରେ ତାଙ୍କର ଭଲ କାମ ଦର୍ଶକ ଦେଖିବାକୁ ପାଇବେ ବୋଲି ମଧ୍ୟ ଶେହନାଜ୍ କହିଛନ୍ତି । ରିୟା ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଥିବାବେଳେ ନିର୍ଦ୍ଦେଶନା ଦେଉଛନ୍ତି ତାଙ୍କ ସ୍ୱାମୀ କରନ ଭୁଲାନି । ଏଥିରେ ତାଙ୍କ ସହିତ ଭୂମି ପେଡ୍‌ନେକର ଓ ଅନିଲ କପୁର ମଧ୍ୟ ଅଭିନୟ କରିଛନ୍ତି । ସଲମାନ୍‌ଙ୍କଠାରୁ ସୁଯୋଗ ପାଇବା ପରେ ଶେହନାଜ୍‌ଙ୍କ କ୍ୟାରିଅର ଆଗକୁ ବଢ଼ିଲା ବୋଲି ଅଧିକାଂଶ ଲୋକଙ୍କ ଧାରଣା । ଶେହନାଜ୍ କିନ୍ତୁ ଏଥିରେ ଏକମତ ନୁହନ୍ତି । ସେ କହନ୍ତି, ତାଙ୍କ ଯାତ୍ରା ତାଙ୍କ ହାତରେ ଏବଂ ଫିଲ୍ମ ଚୟନ ରୁଚିରେ ରହିଛି । କଠିନ ପରିଶ୍ରମ ଜରିଆରେ ଆହୁରି ଆଗକୁ ଯିବାକୁ ସେ ଚାହୁଁଛନ୍ତି । ସଲମାନଙ୍କ ସହିତ କ୍ୟାରିଅର ଆରମ୍ଭ କରିବା ପରେ ସବୁକିଛି ସହଜରେ ପାଇଛନ୍ତି ଏବଂ ଷ୍ଟାର ପାଲଟିଯାଇଛନ୍ତି ବୋଲି ଲୋକଙ୍କର ଯେଉଁ ଧାରଣା ରହିଛି, ତାହା ସମ୍ପୂର୍ଣ୍ଣ ମିଛ ବୋଲି ସେ ସ୍ପଷ୍ଟ କରିଛନ୍ତି ।



# କର୍ଣ୍ଣାଟକରେ କଂଗ୍ରେସର ଘୋଷଣାକୁ ନେଇ ବର୍ଷିଲେ ମୋଦୀ



ବେଙ୍ଗାଲୁରୁ : କର୍ଣ୍ଣାଟକର ହୋସପେଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି। ଏହି ସମୟରେ ସେ କଂଗ୍ରେସ ଉପରେ ଖୁବ ବର୍ଷିଛନ୍ତି। ସେ କଂଗ୍ରେସର ଘୋଷଣା ପତ୍ରକୁ ନେଇ କହିଛନ୍ତି, ପ୍ରଥମେ ପ୍ରଭୁ ଶ୍ରୀରାମଙ୍କୁ ନେଇ ଅସୁବିଧା ଥିଲା ଆଉ ଏବେ ଜୟ ବଜରଙ୍ଗି କହୁଥିବା ଲୋକଙ୍କୁ ଘୃଣା କରୁଛନ୍ତି। କଂଗ୍ରେସ ତା'ର ଘୋଷଣା ପତ୍ରରେ ବଜରଙ୍ଗ ଦଳ, ପିଏଫଆଇ ଭଳି ସଙ୍ଗଠନକୁ ବନ୍ଦ କରିବାକୁ ଘୋଷଣା କରିଛି। ମୋଦି କହିଛନ୍ତି, ଆଜି ମୁଁ ହନୁମାନଙ୍କ ଏହି ପବିତ୍ର ଭୂମିରେ ତାଙ୍କୁ ପ୍ରଣାମ କରୁଛି ଏହା ମୋର ବହୁତ ବଡ ସୌଭାଗ୍ୟ, ହେଲେ ଦୁର୍ଭାଗ୍ୟ ମୁଁ ଆଜି ଯେଉଁଠି ହନୁମାନଙ୍କୁ ପ୍ରଣାମ କରିବାକୁ ଆସିଛି, ଠିକ ସେହି ସମୟରେ କଂଗ୍ରେସ ପାର୍ଟି ତା'ର ଘୋଷଣାପତ୍ରରେ ବଜରଙ୍ଗବଲିଙ୍କୁ ତାଲାରେ ବନ୍ଦ କରିବାର ନିଷ୍ପତ୍ତି ନେଇଛି। ପ୍ରଥମେ ଶ୍ରୀରାମଙ୍କୁ ତାଲାରେ ବନ୍ଦ କଲେ ଆଉ ଏବେ ଜୟ ବଜରଙ୍ଗବଲି କହୁଥିବା ଲୋକଙ୍କୁ ତାଲାରେ ବନ୍ଦ କରିବାର ସଂକଳ୍ପ ନେଇଛନ୍ତି। ଏହା ଦେଶର ଦୁର୍ଭାଗ୍ୟ ଯେ କଂଗ୍ରେସ ପାର୍ଟିକୁ ପ୍ରଭୁ ଶ୍ରୀରାମଙ୍କୁବି ଅଡୁଆ ଲାଗୁଛି ଆଉ ଏବେ ଜୟ ବଜରଙ୍ଗବଲି କହୁଥିବା ବ୍ୟକ୍ତିଙ୍କୁ ବି ଅଡୁଆ ଲାଗିଲାଣି। ସୂଚନାଯୋଗ୍ୟ, କଂଗ୍ରେସ ତା'ର ଘୋଷଣାପତ୍ରରେ କହିଛି ଯେ ଜାତି ଓ ଧର୍ମ ଆଧାରରେ ସମ୍ପ୍ରଦାୟ ମଧ୍ୟରେ ଘୃଣା ବିସ୍ତାର କରୁଥିବା ସଙ୍ଗଠନ ବିରୋଧରେ କଂଗ୍ରେସ ସଠିକ ଓ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ବିଶ୍ୱାସ କରୁ ଯେ ଆଇନ ଏବଂ ସମ୍ବିଧାନ ପବିତ୍ର ଅଟେ। କୌଣସି ବ୍ୟକ୍ତି କିମ୍ବା ବଜରଙ୍ଗ ଦଳ, ପିଏଫଆଇ ଏବଂ ଅନ୍ୟାନ୍ୟ ସଙ୍ଗଠନ ଯେଉଁମାନେ ଘୃଣା ଏବଂ ଶତ୍ରୁତା ବିସ୍ତାର କରନ୍ତି ସଂଖ୍ୟା ଗରିଷ୍ଠତା ବା ସଂଖ୍ୟାଲଘୁଙ୍କ ମଧ୍ୟରେ ହେଉ, ସେମାନେ ଆଇନ ଓ ସମ୍ବିଧାନର ଉଲ୍ଲଂଘନ କରିପାରିବେ ନାହିଁ। ଆଇଇନ ଅନୁଯାୟୀ, ଏଭଳି ସଙ୍ଗଠନ ଉପରେ ପ୍ରତିବନ୍ଧକ ଲଗାଇବା ସହିତ ଆମେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ରାଜ କପୁରଙ୍କ ମହଲର ମାଲିକାନା ଆବେଦନ ଖାରଜ

ଇସଲାମାବାଦ: ବଲିଉଡ କିମ୍ବଦନ୍ତୀ ରାଜ କପୁରଙ୍କ ମହଲର ମାଲିକାନା ଅଧିକାର ପାଇଁ ଦାଖଲ ହୋଇଥିବା ଆବେଦନକୁ ପେଶୱାର ହାଇକୋର୍ଟ ଖାରଜ କରିଦେଇଛନ୍ତି। ପେଶୱାରରେ ଅବସ୍ଥିତ ଏହି ମହଲକୁ ସରକାର ଏକ ଜାତୀୟ ଐତିହ୍ୟ ବୋଲି ଘୋଷଣା କରିଛନ୍ତି।

ପେଶୱାର ହାଇକୋର୍ଟର ଦୁଇ ଜଣିଆ ବେଞ୍ଚ ଇସ୍ତିଆକ ଇବ୍ରାହିମ ଏବଂ ଅବଦୁଲ ଶକୁରଙ୍କ ମାଲିକାନା ଅଧିକାର ସମ୍ବନ୍ଧରେ ଦାଖଲ ହୋଇଥିବା ଆବେଦନ ଉପରେ ଶୁଣାଣି କରିଛନ୍ତି। ଏହି ମହଲର ଅଧିଗ୍ରହଣ ପ୍ରକ୍ରିୟା ସହ ସମାନ ଅଦାଲତର ପୂର୍ବ ରାୟକୁ ଦୃଷ୍ଟିରେ ରଖି କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଏହାକୁ ନୱାଜ ସରିଫ ସରକାର ଏକ ଜାତୀୟ ଐତିହ୍ୟ ଘୋଷଣା କରିଥିଲେ। ଖାଇବର ପାସ୍ତୁନଖ୍ୱା ପ୍ରାଦେଶିକ ପ୍ରତ୍ନତତ୍ତ୍ୱ ବିଭାଗ ମଧ୍ୟ ମଧ୍ୟ ଏହାକୁ ଏକ ବିଜ୍ଞପ୍ତି ମାଧ୍ୟମରେ ୨୦୧୬ ରେ ଜାତୀୟ ଐତିହ୍ୟ ଭାବରେ ଘୋଷଣା କରିଥିଲା। ଏହି ମାମଲା ସିଭିଲ କୋର୍ଟକୁ ନିଆଯିବା ଉଚିତ ବୋଲି ପରିଷଦକୁ କୋର୍ଟ କହିଥିଲେ। ସୂଚନାଯୋଗ୍ୟ, ଏହି ମହଲ



ବର୍ତ୍ତମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଅଛି। ଏହାର ବର୍ତ୍ତମାନର ମାଲିକମାନେ ଏହାର ମୂଳ ସ୍ଥାନକୁ ଦୃଷ୍ଟିରେ ରଖି ଭାଙ୍ଗିବାକୁ ଏବଂ ଏକ ବ୍ୟବସାୟିକ ପ୍ଲାଜା ନିର୍ମାଣ କରିବାକୁ ଚାହୁଁଛନ୍ତି। ତେବେ, ଐତିହାସିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରତ୍ନତତ୍ତ୍ୱ ବିଭାଗ ମହଲକୁ ସଂରକ୍ଷଣ କରିବାକୁ ଚାହୁଁଥିବାରୁ ଏହିପରି ସମସ୍ତ ପଦକ୍ଷେପ ନିଆଯାଇଥିଲା। ଏହି ମହଲ ୧୯୧୮ ରୁ ୧୯୨୨ ମଧ୍ୟରେ ମହାନ ଅଭିନେତା ରାଜ କପୁରଙ୍କ ଜେଜେବାପା ଦେୱାନ ବଶେଶ୍ୱରନାଥ କପୁରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ରାଜ କପୁର ଏବଂ ତାଙ୍କ ମାମୁଁ ତ୍ରିଲୋକ କପୁର ଏଠାରେ ଜନ୍ମ ହୋଇଥିଲେ।

# ଛାଡ଼ପତ୍ର ପାଇଁ ସହମତ ଦମ୍ପତିଙ୍କ ଲାଗି ୬ ମାସ ବାଧ୍ୟତାମୂଳକ ପ୍ରତୀକ୍ଷା ସର୍ତ୍ତ ଅନାବଶ୍ୟକ

ନୂଆଦିଲ୍ଲୀ: ସମ୍ବିଧାନର ଧାରା ୧୪୨ ଅନୁଯାୟୀ ନିଜର କ୍ଷମତା ପ୍ରୟୋଗ କରି ଦେଶର ଶୀର୍ଷ ଅଦାଲତ 'ବିବାହ ଭାଙ୍ଗିବା କାରଣ'ରୁ ବିବାହ ଭଙ୍ଗ କରାଯାଇପାରିବ ବୋଲି ଏକ ବଡ଼ ରାୟ ଦେଇଛନ୍ତି। ଏହି ରାୟରେ ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ପାରସ୍ପରିକ ସହମତି ଭିତ୍ତିରେ ଛାଡ଼ପତ୍ର ପାଇଁ ବାଧ୍ୟତାମୂଳକ ୬ ମାସର ଅପେକ୍ଷା ଅବଧିକୁ ଏହି ରାୟର ସର୍ତ୍ତାବଳୀ ଅଧୀନରେ ହଟାଇ ଦିଆଯାଇପାରିବ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୟ କିଶନ କୌଲ, ଜଷ୍ଟିସ ସଞ୍ଜୀବ ଖାନ୍ନା, ଜଷ୍ଟିସ ଏଏସ୍ ଓକା, ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଜେକେ ମାହେଶ୍ୱରୀଙ୍କୁ ନେଇ ଗଠିତ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି ଯେ ଆମେ ଏପରି କାରଣ ମଧ୍ୟ ନିର୍ଦ୍ଧାରଣ କରିଛୁ ଯାହା ବିବାହ କେବେ ଭାଙ୍ଗିବ ତାହା ନିର୍ଦ୍ଧାରଣ କରିପାରିବ। ବିଶେଷ କରି ରକ୍ଷଣାବେକ୍ଷଣ, ଭରଣପୋଷଣ ଏବଂ ପିଲାଙ୍କ ଅଧିକାରକୁ ନେଇ କିପରି ସନ୍ତୁଳନ ରକ୍ଷା କରାଯାଇପାରିବ ସେ ନେଇ ଖଣ୍ଡପୀଠ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସାମ୍ବିଧାନିକ ଖଣ୍ଡପୀଠକୁ ପଠାଯାଇଥିବା ମୂଳ ପ୍ରସଙ୍ଗ ଥିଲା ହିନ୍ଦୁ ବିବାହ ଆଇନର ଧାରା ୧୩(ଖ) ଅନୁଯାୟୀ ପାରସ୍ପରିକ ସହମତିରେ ଛାଡ଼ପତ୍ର ପାଇଁ ବାଧ୍ୟତାମୂଳକ ଅପେକ୍ଷା ଅବଧିକୁ ସୁପ୍ରିମକୋର୍ଟ ନିଜର କ୍ଷମତା ବ୍ୟବହାର କରି ଛାଡ଼ କରିପାରିବେ କି? ଧାରା ୧୪୨ ଅନୁଯାୟୀ, ବିଚ୍ଛେଦ ଆଦେଶ ପାଇବା ପାଇଁ ଦୀର୍ଘ ସମୟ ଧରି ନ୍ୟାୟିକ ପ୍ରକ୍ରିୟା ପାଇଁ ପାରିବାରିକ ଅଦାଲତକୁ ନ ପଠାଇ ସମ୍ମତିପ୍ରାପ୍ତ ଦମ୍ପତିଙ୍କ ମଧ୍ୟରେ



ଭାଙ୍ଗିଯାଇଥିବା ବିବାହକୁ ଭାଙ୍ଗିବା ପାଇଁ ସୁପ୍ରିମକୋର୍ଟଙ୍କ ବିପୁଳ କ୍ଷମତା ରହିଛି। ତେବେ ଶୁଣାଣି ସମୟରେ ସାମ୍ବିଧାନିକ ଖଣ୍ଡପୀଠ ଏହି ପ୍ରସଙ୍ଗରେ ବିଚାର କରିବାକୁ ନିଷ୍ପତ୍ତି ନେଇଥିଲେ ଯେ 'ଅପୂରଣୀୟ' ଭଙ୍ଗ କାରଣରୁ ବିବାହ ଭଙ୍ଗ କରାଯାଇପାରିବ କି ନାହିଁ। 'ମୌଳିକ ଅଧିକାର ଦୃଷ୍ଟିରୁ ଧାରା ୧୪୨କୁ ବିଚାର କରାଯିବା ଆବଶ୍ୟକ। ଏହା ସମ୍ବିଧାନର ଏକ ଅଣ-ନିନ୍ଦନୀୟ କାର୍ଯ୍ୟକୁ ଉଲ୍ଲଂଘନ କରିବ। ତେଣୁ, କ୍ଷମତା ଅଧୀନରେ ଅଦାଲତଙ୍କୁ ନ୍ୟାୟ ସମ୍ପୂର୍ଣ୍ଣ କରିବାର ଅଧିକାର ରହିଛି ବୋଲି ଖଣ୍ଡପୀଠ କହିଛନ୍ତି।

# ଦିଲ୍ଲୀ ଅବକାରୀ ନୀତି ମାମଲା: ଚାର୍ଜସିଟରେ ଆପ୍ ସାଂସଦ ରାଘବ ଚଡ୍ଢାଙ୍କ ନାମ ଉଲ୍ଲେଖ କଲା ଇଡି

ନୂଆଦିଲ୍ଲୀ: ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀର ଅବକାରୀ ନୀତି ମାମଲାରେ ଦ୍ୱିତୀୟ ସପ୍ଲିମେଣ୍ଟାରି ଚାର୍ଜସିଟରେ ଆପ୍ ସାଂସଦ ରାଘବ ଚଡ୍ଢାଙ୍କ ନାମ ଉଲ୍ଲେଖ କରିଛି। ମନୀଷ ସିସୋଦିଆଙ୍କ ପୂର୍ବତନ ସଚିବ ସି ଅରବିନ୍ଦ ତଦନ୍ତକାରୀ ସଂସ୍ଥା ଇଡିକୁ ସୂଚନା ଦେଇ କହିଛନ୍ତି ଯେ ପୂର୍ବତନ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ରାଘବ ଚଡ୍ଢାଙ୍କ ସହ ଏକ ବୈଠକ ହୋଇଥିଲା। ସି ଅରବିନ୍ଦ ଦେଇଥିବା ସୂଚନା ଅନୁଯାୟୀ ଏହି ବୈଠକରେ ପଞ୍ଜାବର ଅବକାରୀ କମିସନର ବରୁଣ ରୋଜାମ, ଏହି ମାମଲାର ଅଭିଯୁକ୍ତ ବିଜୟ ନାୟର ଏବଂ ପଞ୍ଜାବ ଅବକାରୀ ନିର୍ଦ୍ଦେଶାଳୟର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍



ଇନଭେଷ୍ଟିଗେସନ୍ (ସିବିଆଇ) ପ୍ରଥମ ଥର ପାଇଁ ମନୀଷ ସିସୋଦିଆଙ୍କୁ ଦିଲ୍ଲୀର ସିବିଆଇ କୋର୍ଟରେ ଦାଖଲ ହୋଇଥିବା ସପ୍ଲିମେଣ୍ଟାରି ଚାର୍ଜସିଟରେ ଅଭିଯୁକ୍ତ ଭାବରେ ନାମିତ କରିବାର କିଛି ଦିନ ପରେ ଏପରି ଘଟିଛି। ଏହି ମାମଲାରେ ଆଠ ଘଣ୍ଟା ଧରି ପଚରାଉଚରା କରିବା ପରେ ସିସୋଦିଆଙ୍କୁ ଗତ ଫେବ୍ରୁଆରି ମାସରେ ତଦନ୍ତକାରୀ ସଂସ୍ଥା ଗିରଫ କରିଥିଲା। ଅଭିଯୋଗ ରହିଛି ଯେ ମଦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରିବା ନେଇ ୨୦୨୧-୨୨ର ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି କେତେକ ବ୍ୟବସାୟୀଙ୍କୁ ବେଶ୍ ସୁହାଇଥିଲା। ସେମାନେ ଲାଞ୍ଚ ଦେଉଥିବାରୁ ଏହି ନୀତି ଆପ୍ ସେମାନଙ୍କୁ ସୁହାଇବା ଭଳି କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଆପ୍ ଏହାକୁ ଖଣ୍ଡନ କରିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଏବଂ ତାଙ୍କ ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ଏ ନେଇ ପୂର୍ବରୁ ଅଭିଯୋଗ ରହିଛି।

# ପାକ ଅଧିକୃତ କଶ୍ମୀରକୁ ପୁନରୁଦ୍ଧାର ସରକାରୀ ଏଜେଣ୍ଡାରେ ରହିଛି

ନୂଆଦିଲ୍ଲୀ: ପାକ ଅଧିକୃତ କଶ୍ମୀରକୁ ପୁନରୁଦ୍ଧାର କରିବା ସରକାରଙ୍କ ଏଜେଣ୍ଡାରେ ରହିଛି ବୋଲି ସୋମବାର ବିଜ୍ଞାନ ଓ ବୈ?ଷୟିକ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ସେ ବ୍ରିଟେନ ଗସ୍ତରେ ଥିବାବେଳେ ଏକ ଛାତ୍ର ଗୋଷ୍ଠୀ ସହ ବୈ?ଠକରେ ଏହା କହିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱ ଗ୍ରହଣ କରିବା ପରେ ଅତୀତର ଅନେକ ସମସ୍ୟାକୁ ସମାଧାନ କରିଛନ୍ତି, ଯାହାକି ୧୯୪୭ ପରଠାରୁ ରହିଥିଲା। ଜମ୍ମୁ କଶ୍ମୀରରେ ଲାଗୁ ହୋଇଥିବା ୩୭୦ ଧାରାକୁ ଉଠାଇ ସେ ଏକ ବଡ ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଜମ୍ମୁ କଶ୍ମୀର ବାସୀଙ୍କୁ ଦେଶର ଅନ୍ୟ ପ୍ରତିପକ୍ଷଙ୍କ ସହ ସମାନ ଅଧିକାର ପ୍ରଦାନ କରାଯାଇଛି। ଜାମ୍ମୁ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଯଦି ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ତତ୍କାଳୀନ ଗୃହ ମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ଅନ୍ୟ ରାଜ୍ୟଗୁଡିକ ପରି ଜାମ୍ମୁ କଶ୍ମୀର ଦାୟିତ୍ୱ ଦେଇଥାନ୍ତେ ତେବେ ଜମ୍ମୁ କଶ୍ମୀର ଅବସ୍ଥା ଏଭଳି ହୋଇନଥାନ୍ତା ବୋଲି ସେ କହିଛନ୍ତି।

# ସୁପ୍ରିମକୋର୍ଟରେ ଆବେଦନ: ଫାଶୀ ଯନ୍ତ୍ରଣାଦାୟକ, ଅନ୍ୟ ଉପାୟରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଉ

ନୂଆଦିଲ୍ଲୀ : ଫାଶୀ ମୃତ୍ୟୁ ଦଣ୍ଡାଦେଶ ଦ୍ୱାରା ଦୁନିଆର ୫୦ ରୁ ଅଧିକ ଦେଶରେ ଅପରାଧୀଙ୍କୁ ହତ୍ୟା କରିବାର ନିୟମ ରହିଛି। ସେମାନଙ୍କର ଅପରାଧ ପାଇଁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଏ। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ମଧ୍ୟ ଏଥିପାଇଁ ଏହି ବ୍ୟବସ୍ଥା ଅଛି। କିନ୍ତୁ ଏହା ଜାରି ରହିବ କି ନାହିଁ ତାହା ଉପରେ ଆଲୋଚନା ଆରମ୍ଭ ହୋଇଛି। ବାସ୍ତବରେ, ୨୦୧୭ ମସିହାରେ ଓକିଲ ଋଷି ମାଲହୋତ୍ରା ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଯେଉଁଥିରେ ଫାଶୀ ମୃତ୍ୟୁଦଣ୍ଡ ଦେବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ଦାବି କରାଯାଇଥିଲା। ଏଥିରେ ଜଣେ ବ୍ୟକ୍ତି ଯନ୍ତ୍ରଣା ଯୋଗୁ ମରିଯାଏ। ଏହା ପରିବର୍ତ୍ତେ, ଅନ୍ୟ କେତେକ ସରଳ ଉପାୟରେ ମୃତ୍ୟୁଦଣ୍ଡ ଦେବାକୁ ଚିନ୍ତା କରାଯିବା ଉଚିତ। ମଙ୍ଗଳବାର ଏହି ଆବେଦନ ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଥିଲା। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର କୋର୍ଟରେ କହିଛନ୍ତି, ମୃତ୍ୟୁଦଣ୍ଡରେ ଦୋଷୀ ସାବ୍ୟସ୍ତ ହେବା ବ୍ୟତୀତ ଅନ୍ୟ ପଦ୍ଧତି ଉପରେ ବିଚାର କରିବାକୁ ବିଶେଷଜ୍ଞ କମିଟି ଗଠନ କରିବାକୁ ବିଚାର କରାଯାଉଛି। ଋଷି ମଲହୋତ୍ରା ମଧ୍ୟ ସରକାରଙ୍କୁ ଦେଇଥିବା ଆବେଦନ ଉପରେ ଅନେକ ଉପାୟର ପରାମର୍ଶ ଦେଇଛନ୍ତି। ଇଞ୍ଜେକ୍ସନ, ଗୁଳି, ଇଲେକ୍ଟ୍ରୋକ୍ୟୁଶନ କିମ୍ବା ଗ୍ୟାସ ଚାମ୍ବର ବ୍ୟବହାର ଭଳି ମୃତ୍ୟୁଦଣ୍ଡର କମ ଯନ୍ତ୍ରଣାଦାୟକ ପଦ୍ଧତିକୁ ସେ ଅନୁରୋଧ କରିବାକୁ କହିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ଜେ.ବି ପାଦ୍ରିୱାଲାଙ୍କ ଏକ ବେଞ୍ଚ ଏହି ଆବେଦନ ଉପରେ ଶୁଣାଣି କରିଛନ୍ତି। ଆର୍ଟର୍ନି ଜେନେରାଲ ଆର ଭେଙ୍କଟାରାମଣି କେନ୍ଦ୍ର ସରକାରଙ୍କ ପକ୍ଷରୁ କୋର୍ଟରେ ହାଜର ହୋଇଥିଲେ। ସେ କହିଛନ୍ତି, ସରକାର ଏହା ଉପରେ ଏକ କମିଟି ଗଠନ କରିବାକୁ ଚିନ୍ତା କରୁଛନ୍ତି। କେଉଁ ନାମ କମିଟିରେ ଅନ୍ତର୍ଭୁକ୍ତ



ହେବ ସେନେଇ ଚିନ୍ତା ଚାଲିଛି ବୋଲି ସେ କହିଛନ୍ତି। ସେ କିଛି ଦିନ ପରେ ହିଁ ଏହି ବିଷୟରେ ଉତ୍ତର ଦେବାକୁ ସମର୍ଥ ହେବେ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏଥିରେ ସହମତ ହୋଇ କହିଛନ୍ତି, କମିଟି ଗଠନ ପ୍ରକ୍ରିୟା ଉପରେ ଆଲୋଚନା ଚାଲିଛି। ବର୍ତ୍ତମାନ ଗ୍ରୀଷ୍ମ ଛୁଟି ପରେ ଏହି ମାମଲାର ଶୁଣାଣି ତାରିଖ ସ୍ଥିର କରାଯିବ। ସୂଚନାଯୋଗ୍ୟ, ବିଶ୍ୱର ୫୮ ଟି ଦେଶରେ ଫାଶୀ ମୃତ୍ୟୁଦଣ୍ଡ ଦିଆଯାଇଥାଏ। ୭୩ ଟି ଦେଶରେ ଗୁଳି କରାଯାଇ ମୃତ୍ୟୁଦଣ୍ଡ ଦିଆଯାଉଛି। ଭାରତ ସମେତ ୩୩ ଟି ଦେଶରେ ଫାଶୀ ଲଗାଇବା ଦ୍ୱାରା ମୃତ୍ୟୁଦଣ୍ଡ କେବଳ ଗୋଟିଏ ଉପାୟରେ ଦିଆଯାଉଛି। ଏଥି ସହିତ, ବିଶ୍ୱର ୬ ଟି ଦେଶରେ ଅପରାଧୀମାନଙ୍କୁ ପଥର ଫିଙ୍ଗି ହତ୍ୟା କରାଯାଏ। ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଅନ୍ୟ ୫ଟି ଦେଶରେ ଅପରାଧୀଙ୍କୁ ଇଞ୍ଜେକ୍ସନ ଦେଇ ହତ୍ୟା କରାଯାଉଛି। ତିନୋଟି ଦେଶରେ ମୁଣ୍ଡ କାଟିବାର ନିୟମ ରହିଛି। ବିଶ୍ୱର ୯୭ ଟି ଦେଶ ଫାଶୀ ମୃତ୍ୟୁଦଣ୍ଡକୁ ରଦ୍ଦ କରି ଦେଇଛନ୍ତି।

# କର୍ଣ୍ଣାଟକ ନିର୍ବାଚନ: ଘୋଷଣାପତ୍ର ଜାରି କଲା କଂଗ୍ରେସ

ବେଙ୍ଗାଲୁର : କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଆଉ ଅଳ୍ପ ଦିନ ବାକି ଅଛି। ଏଥିନେଇ ରାଜନୀତି ସରଗରମ ରହିଛି। ତେବେ ଭାଜପା ପରେ ବର୍ତ୍ତମାନ କଂଗ୍ରେସ ମଧ୍ୟ ନିଜର ଘୋଷଣାପତ୍ର ଜାରି କରିଛି। କଂଗ୍ରେସ ଏହାର ଘୋଷଣାପତ୍ରରେ ଗୃହ ଜ୍ୟୋତି, ଗୃହ ଲକ୍ଷ୍ମୀ, ଅନ୍ନ ଭାଗ୍ୟ, ଯୁବା ନିଧି ଏବଂ ଶକ୍ତିର ପାଞ୍ଚଟି ଗ୍ୟାରେଣ୍ଟି ଦୋହରାଇଛି। କଂଗ୍ରେସ ଏହାର ମନିଫେଷ୍ଟରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛି ଯେ, ଯଦି କଂଗ୍ରେସ କ୍ଷମତାକୁ ଆସେ ତେବେ ଗୃହ ଜ୍ୟୋତି ଅଧୀନରେ ୨୦୦ ୟୁନିଟ ମାଗଣା ବିଦ୍ୟୁତ୍ ପ୍ରଦାନ କରାଯିବ। ସେହିପରି ଗୃହ ଲକ୍ଷ୍ମୀରେ ପରିବାରର ମୁଖ୍ୟଙ୍କୁ ଦୁଇ ହଜାର ଟଙ୍କା ଏବଂ ଅନ୍ନ ଭାଗ୍ୟରେ ଦଶ କିଲୋଗ୍ରାମ ଖାଦ୍ୟ ଶସ୍ୟ ସହିତ ପଶୁପାଳନକୁ ପ୍ରୋତ୍ସାହନ ଦେବା ପାଇଁ ଏବଂ ଗାଁରେ କମ୍ପୋଷ୍ଟ ଖତ କେନ୍ଦ୍ର ପ୍ରତିଷ୍ଠା ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ରାଜ୍ୟ ୟୁନିଟ ସଭାପତି ଡି.କେ ଶିବକୁମାର ଏବଂ ମନିଫେଷ୍ଟୋ କମିଟିର ସଭାପତି ପରମେଶ୍ୱରଜୀ ଏବଂ ଦଳର ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ମା' କାଳୀଙ୍କ ଆପତ୍ତିଜନକ ଫଟୋ ଟୁଇଟ୍ କରିବା ପରେ କ୍ଷମା ମାଗିଲା ୟୁକ୍ରେନ

କିଭ : ରୁଷିଆ ସହ ୟୁକ୍ରେନର ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧ ମଧ୍ୟରେ ଏବେ ୟୁକ୍ରେନ ଏମିତି ଏକ କାମ କରିଛି ଯାହା ଭାରତୀୟଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଛି। ଏବେ କିନ୍ତୁ ସେ ଏହି କାର୍ଯ୍ୟ ପାଇଁ ଅନୁତାପ କରିବା ସହ ଭାରତକୁ କ୍ଷମା ମାଗିଛି। ସୂଚନାଯୋଗ୍ୟ, ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ଫଟୋ ଟୁଇଟ କରିଛି ଯେଉଁଥିରେ ହିନ୍ଦୁ ଦେବୀ ମା'କାଳୀଙ୍କ ଆପତ୍ତିଜନକ ଫଟୋକୁ ଦେଖାଯାଇଛି। କିଛି ସମୟ ପରେ ୟୁକ୍ରେନ୍ ତା'ର ଭୁଲ ବୁଝିପାରି ଫଟୋକୁ ଟୁଇଟରରୁ ଡିଲିଟ କରି ଦେଇଥିଲା। ଏବେ ୟୁକ୍ରେନର ଉପ ବୈଦେଶିକ ମନ୍ତ୍ରି ଏମିନ ଝାପରୋଭା ତାଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ଭୁଲ ପାଇଁ କ୍ଷମା ମାଗିଛନ୍ତି। ସେ ଟୁଇଟ କରିଛନ୍ତି, କି ୟୁକ୍ରେନର ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ହିନ୍ଦୁ ଦେବୀ କାଳୀଙ୍କ ବିକୃତ ରୂପକୁ ଚିତ୍ରିତ କରିଥିବାରୁ ଆମେ ଦୁଃଖ ପ୍ରକାଶ କରୁଛୁ। ୟୁକ୍ରେନ ଓ ଏହାର ବାସିନ୍ଦା ଭାରତୀୟ ସଂସ୍କୃତିର ସମ୍ମାନ କରନ୍ତି ଓ ଅତ୍ୟଧିକ ସମର୍ଥନ ବି କରନ୍ତି। କାଳୀ ମାଆଙ୍କ ଫଟୋକୁ ପୂର୍ବରୁ ହଟାଇ ଦିଆଯାଇଛି। ଆପଣଙ୍କ ସମ୍ମାନ ଓ ମିତ୍ରତାର ଭାବନାରେ ସଂଯୋଗକୁ ଆମେ ଆଗକୁ ବଢାଇବାକୁ ଦୃଢ ସଂକଳ୍ପିତ।

# କ୍ୱାଡ଼ରେ ନୂଆ ସଦସ୍ୟ ଅନ୍ତର୍ଭୁକ୍ତ କରିବାର ଯୋଜନା ଏବେ ନାହିଁ

ୱାଶିଂଟନ: ଚଳିତ ମାସ ଶେଷରେ ଅଷ୍ଟ୍ରେଲିଆରେ ହେବାକୁ ଥିବା କ୍ୱାଡ ନେତାଙ୍କ ଶିଖର ସମ୍ମିଳନୀ ପୂର୍ବରୁ ହ୍ୱାଇଟ ହାଉସ କହିଛି, କ୍ୱାଡରେ ନୂତନ ସଦସ୍ୟ ସାମିଲ କରିବାର କୌଣସି ଯୋଜନା ଏବେ ନାହିଁ। କ୍ୱାଡ ଦେଶର ମୁଖ୍ୟ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ, ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା, ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କର ମେ' ୨୪ ରେ ଅଷ୍ଟ୍ରେଲିଆରେ ସାକ୍ଷାତ ହେବାର କାର୍ଯ୍ୟକ୍ରମ ରହିଛି। ହ୍ୱାଇଟ ହାଉସର ପ୍ରେସ ସଚିବ କରାଇନ ଜ୍ନ-ପିଆର ତାଙ୍କ ଗଣମାଧ୍ୟମକୁ କହିଛନ୍ତି, ଦୁଇ ବର୍ଷ ପୂର୍ବେ କ୍ୱାଡ ପ୍ରତିଷ୍ଠା କରାଯାଇଥିଲା। କ୍ୱାଡ ସଦସ୍ୟମାନେ ସହମତ ହୋଇଛନ୍ତି, ବର୍ତ୍ତମାନ ପାଇଁ, ସେମାନେ କ୍ୱାଡର ଶକ୍ତିକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେବେ । ପିଆର କହିଛନ୍ତି, ତଥାପି, କ୍ୱାଡ ଇଣ୍ଡୋ-ପାସିଫିକ ସହଭାଗୀମାନଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗକୁ ସ୍ୱାଗତ କରେ ଯେପରିକି ଏହାର ଇଣ୍ଡୋ-ପାସିଫିକ ଭାଗିଦାରୀ ମାଧ୍ୟମରେ ସାମୁଦ୍ରିକ ଡୋମେନ ସଚେତନତା ଉପରେ, ଯାହା ଅତ୍ୟାଧୁନିକ ସାମୁଦ୍ରିକ ଡୋମେନ ବିଷୟରେ ସୂଚନା ପ୍ରଦାନ କରିଥାଏ। ପିଆର କହିଛନ୍ତି,ମେ ୨୪ ସିଡନୀ ଶିଖର ସମ୍ମିଳନୀରେ ଜଳବାୟୁ, ବିଶ୍ୱସ୍ୱାସ୍ଥ୍ୟ, ଭିତ୍ତିଭୂମି ତଥା ସମଗ୍ର ଅଞ୍ଚଳରେ ସହଭାଗୀ ହେବା ପାଇଁ କ୍ୱାଡ ପାଇଁ ଅନ୍ୟାନ୍ୟ ସୁଯୋଗ ଉପରେ ଯୋଜନା ପ୍ରସ୍ତୁତ କରାଯିବ। ତେଣୁ, ଏହି ସମୟରେ ଏହାର ସଦସ୍ୟତା ସମ୍ପ୍ରସାରଣ ବିଷୟରେ କୌଣସି ଆଲୋଚନା ନାହିଁ।

# ଅଯୋଗ୍ୟ ପୁଅ ମନ୍ତବ୍ୟକୁ ନେଇ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କଲା ଭାଜପା

ବେଙ୍ଗାଲୁରୁ: କର୍ନାଟକ ନିର୍ବାଚନ ପାଇଁ ଜାତୀୟ ରାଜନୀତି ସରଗରମ ରହିଛି। ଭାଜପା ଓ କଂଗ୍ରେସ ମଧ୍ୟରେ ବୟାନବାଜି ଜାରି ରହିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ପୁଅ ପ୍ରିୟଙ୍କା ଖାର୍ଗେଙ୍କ ବିରୋଧରେ ଭାଜପା ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରିଛି। ଭାଜପା ଅଭିଯୋଗରେ କହିଛି ଯେ, ପ୍ରିୟଙ୍କା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯୋଗ୍ୟ ପୁଅ ବୋଲି ସମ୍ବୋଧନ କରିଛନ୍ତି। ମଲ୍ଲିକାର୍ଜୁନ ଏ ନେଇ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପୁଅ ପ୍ରିୟଙ୍କା ପ୍ରଧାନମନ୍ତ୍ରୀଙ୍କ ଉପରେ ଅଯୋଗ୍ୟ ପୁଅ କହି ମନ୍ତବ୍ୟ ଦେଇନାହାନ୍ତି। ବିପକ୍ଷ ଦଳ କଥା ବେଶୀ ବଢାଉଛନ୍ତି। ଏ ସବୁ ଜାଣିଶୁଣି କରାଯାଉଛି।

# ମହାତ୍ମା ଗାନ୍ଧୀଙ୍କ ନାତି ଅରୁଣ ଗାନ୍ଧୀଙ୍କ ପରଲୋକ

ନୂଆଦିଲ୍ଲୀ : ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ନାତି ତଥା ସାମାଜିକ-ରାଜନୈତିକ କାର୍ଯ୍ୟକର୍ତ୍ତା ଅରୁଣ ଗାନ୍ଧୀଙ୍କ ମଙ୍ଗଳବାର ପରଲୋକ ଘଟିଛି। ୮୯ ବର୍ଷ ବୟସରେ ମହାରାଷ୍ଟ୍ରର କୋହ୍ଲାପୁରରେ ଦେହାନ୍ତ ହୋଇଛି। ତେବେ କୋହ୍ଲାପୁରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବା ନେଇ ଅରୁଣ ଗାନ୍ଧୀଙ୍କ ପୁଅ ତୁଷାର ଗାନ୍ଧୀ ସୂଚନା ଦେଇଛନ୍ତି। ଅରୁଣ ଗାନ୍ଧୀ



୧୯୩୪ ଏପ୍ରିଲ ୧୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜେଜେବାପା ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅନୁସରଣ କରି ସେ ମହାରାଷ୍ଟ୍ରର ଜଣେ ଲେଖକ ତଥା କାର୍ଯ୍ୟକର୍ତ୍ତା ଭାବରେ ସେବା କରିଆସୁଥିଲେ।

# ବିମାନ ଦୁର୍ଘଟଣାରେ ୩ ମୃତ

କାଲିଫର୍ନିଆ: କାଲିଫର୍ନିଆ ମାଉଣ୍ଟେନ ବିମାନବନ୍ଦର ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ବିମାନରେ ଥିବା ତିନି ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ ଅନୁଯାୟୀ, ସୋମବାର ଅପାହ୍ନେପ୍ରାୟ ୨ ଟା ସମୟରେ ବିଚକ୍ରାଫ୍ଟ ଏ-୩୬ ବିଗ ବିୟର ସିଟି ବିମାନବନ୍ଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଗ୍ନିଶମ ବିଭାଗର ଅଧିକାରୀ କହିଛନ୍ତି, ବିମାନଟି ଖସି ପଡିଛି। ଏଥିରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ମୃତକଙ୍କୁ ଚିହ୍ନଟ କରାଯାଇ ପାରି ନାହିଁ। ଦୁର୍ଘଟଣାର କାରଣ ଅନୁସନ୍ଧାନ କରାଯାଉଛି। ପାଣିପାଗ ବିଭାଗର ରିପୋର୍ଟରେ କୁହାଯାଇଛି, ଦୁର୍ଘଟଣା ସମୟରେ ଆକାଶ ଆଂଶିକ ମେଘୁଆ ଥିଲା। ଗତ ତିନି ଦିନ ମଧ୍ୟରେ ଦକ୍ଷିଣ କାଲିଫର୍ନିଆରେ ଏହା ଦ୍ୱିତୀୟ ବିମାନ ଦୁର୍ଘଟଣା। ଏହାପୂର୍ବରୁ ଶନିବାର ଘନ କୁହୁଡ଼ିରେ ଲସ ଏଞ୍ଜେଲ୍ସର ଏକ ଘର ଉପରେ ସିଙ୍ଗଲ ଇଞ୍ଜିନ ବିମାନ ଦୁର୍ଘଟଣାଗ୍ରସ୍ତ ହେବାପରେ ଜଣଙ୍କର ମୃତ୍ୟୁ ଘଟିଥିବା ଅଧିକାରୀ କହିଛନ୍ତି।

# କାନାଡା ପୋଲିସର ମୋଷ୍ଟ ୱାଣ୍ଟେଡ ତାଲିକାରେ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାଡ

ଚଣ୍ଡିଗଡ଼ : ପଞ୍ଜାବି ସିଙ୍ଗର ସିଦ୍ଧୁ ମୁସୱାଲା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାଡଙ୍କ ସମସ୍ୟା ବଢିବାରେ ଲାଗିଛି। କାନାଡା ପୋଲିସ ଦ୍ୱାରା ଜାରି କରାଯାଇଥିବା ୨୫ ମୋଷ୍ଟ ୱାଣ୍ଟେଡ ଅଭିଯୁକ୍ତଙ୍କ ସୂଚିରେ ଗୋଲ୍ଡି ବରାଡଙ୍କ ନାମ ସାମିଲ କରାଯାଇଛି। ସେ ଏହି ତାଲିକାର ୧୫ ତମ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ପୁରସ୍କାର ବି ରଖାଯାଇଛି। ସେଠାରେ ବି ତାଙ୍କ ଉପରେ ହତ୍ୟା ଅଭିଯୋଗ ରହିଛି। ସୂଚନାଯୋଗ୍ୟ, ସିଙ୍ଗର ସିଦ୍ଧୁ ମୁସୱାଲାଙ୍କୁ ୨୯ ମେ' ୨୦୨୨ରେ ହତ୍ୟା କରାଯାଇଥିଲା। ସେତେବେଳେ ସେ ଜଣେ ବନ୍ଧୁଙ୍କୁ ଭେଟିବାକୁ



ଯାଉଥିଲେ। ଏହାପରେ ଫେସବୁକ ଜରିଆରେ ଗୋଲ୍ଡି ବରାଡ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟିଥିଲେ। ଏହି ମାମଲାରେ ଏବେ ସୁଦ୍ଧା ପୋଲିସ ୨୯ ଜଣଙ୍କୁ ଗିରଫ କରି ସାରିଛି। ଅନ୍ୟପଟେ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କ ମୃତ୍ୟୁ ହୋଇଛି।

# ତିହାର ଜେଲରେ ଗ୍ୟାଙ୍ଗଷ୍ଟର ଟିଲୁକୁ ହତ୍ୟା

ନୂଆଦିଲ୍ଲୀ : ଦିଲ୍ଲୀର ରୋହିଣୀ କୋର୍ଟରେ ଗୁଳିମାଡ଼ ଘଟଣାରେ ତିହାର ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଟିଲୁ ତାଜପୂରିୟା ଓରଫ ସୁନୀଲ ମାନକୁ ହତ୍ୟା କରାଯାଇଛି। ସୂଚନାଯୋଗ୍ୟ, ଜେଲ ଭିତରେ ଥିବା ଟିଲୁଙ୍କ ବିପକ୍ଷ ଗୋଷ୍ଠୀର ସଦସ୍ୟମାନେ ତାଙ୍କୁ ଲୁହା ରଡ୍ରେ ପିଟି ପିଟି ଗୁରୁତର କରିଦେଇଥିଲେ। ଗୁରୁତର ଭାବେ ଟିଲୁଙ୍କୁ ତାଜପୁରିଆକୁ ଦିନ ଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ତିହାର ଜେଲରେ ଜେଲରେ ଥିବା ଯୋଗେଶ ଟୁଣ୍ଡା, ସହଯୋଗୀ ଦୀପକ ତୀତାର, ରିୟାଜ ଖାନ ଓ ରାଜେଶ ଟିଲୁଙ୍କୁ ମଙ୍ଗଳବାର ସକାଳେ ଆକ୍ରମଣ କରିଥିଲେ। ଏଥିରେ ଟିଲୁ ସମେତ ରାଜେଶ ନାମକ କଏଦୀ ଗୁରୁତର ଆହତ ହୋଇଥିଲେ। ଜେଲ ପ୍ରଶାସନ ଉଭୟଙ୍କୁ ଚିକିତ୍ସା ପାଇଁ ଦିନ ଦୟାଲ ଉପାଧ୍ୟାୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହି ଆକ୍ରମଣ ସମ୍ପର୍କରେ ସୂଚନା ପାଇବା ମାତ୍ରେ ତିହାର ଜେଲ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

# ଏସ୍.ଇ.ବି.ସି. ସର୍ଭେ କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ଭଦ୍ରକ, (ପିପିଏସ) : ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ମତେ ମଇ ୧ ତାରିଖ ଆଜିଠାରୁ ମଇ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ କାର୍ଯ୍ୟ ଆଜିଠାରୁ ଭଦ୍ରକ ଜିଲ୍ଲାରେ ସମସ୍ତ ବ୍ଲକ୍‌ରେ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ବନ୍ତ ବ୍ଲକ୍ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରୀତା, ମିଶନ ଶକ୍ତି କାର୍ଯ୍ୟକ୍ରମ ଆଦି ପରିଦର୍ଶନ କରିବା ସହିତ ଆରମ୍ଭ ହୋଇଥିବା ଏସ୍.ଇ.ବି.ସି. ସର୍ଭେ କେନ୍ଦ୍ର ପରିଦର୍ଶନ କରି ସର୍ଭେ କାର୍ଯ୍ୟ ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବନ୍ତବ୍ଲକ୍‌ର ଗୋପୀନାଥପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ଅଞ୍ଚଳ ପାଇଁ ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ଖୋଲାଯାଇଥିବା ସର୍ଭେ କେନ୍ଦ୍ର ଓ ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ସର୍ଭେ କେନ୍ଦ୍ରକୁ ଯାଇ ଏନୁମରେଟର, ସୁପରଭାଇଜର ମାନଙ୍କଦ୍ୱାରା କରାଯାଉଥିବା ସର୍ଭେ କାର୍ଯ୍ୟ ସମ୍ପାଦନ ନେଇ ପଚାରିବୁଝିଥିଲେ । ବନ୍ତ ବି.ଡ଼ି.ଓ. ପି.କେ. ସେଠୀ, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ମାନେ ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟକି ଏହି ଗସ୍ତ ସମୟରେ ଜିଲ୍ଲାପାଳ ବନ୍ତ ବ୍ଲକ୍‌ର ଗୋପୀନାଥପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଏବଂ ଏହି କାର୍ଯ୍ୟାଳୟ ନିକଟ ଏ.ଏନ୍.ଏମ୍. କେନ୍ଦ୍ର,ଏ.ଏନ୍.ଏମ୍ କ୍ୱାର୍ଟର ପରିଦର୍ଶନ କରିଥିଲେ । ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ମିଶନ ଶକ୍ତି ଏସ୍.ଏଚ୍.ଜି. ସଦସ୍ୟ ମାନଙ୍କ ସହ ସେମାନଙ୍କ କାର୍ଯ୍ୟଧାରା ସମସ୍ୟା, ଲକ୍ଷ୍ୟ ଆଦି ସମ୍ବନ୍ଧରେ ପଚାରି ବୁଝିଥିଲେ । ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ବନ୍ତ ବି.ଡ଼ି.ଓ. ବନ୍ତ ବ୍ଲକ ଅଧ୍ୟକ୍ଷ ପ୍ରମୁଖ ମଧ୍ୟ ଜିଲ୍ଲାପାଳଙ୍କ ଏହି ପରିଦର୍ଶନରେ ଉପସ୍ଥିତ ଥିଲେ । ମହାନ୍ତିପଡ଼ା ଗ୍ରାମପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧି ସେବା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ।




### ଗ୍ରୀଷ୍ମ ଅବକାଶରେ ଶିକ୍ଷାର୍ଥୀଙ୍କ ପାଠପଢ଼ା ପାଇଁ ଅଭିନବ ପଦକ୍ଷେପ

# ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଜାରିହେଲା ଟୋଲଫ୍ରି ନମ୍ବର ୧୮୦୦-୩୪୫୬-୮୧୧

ଭଦ୍ରକ, (ପିପିଏସ) : ଗ୍ରୀଷ୍ମ ଅବକାଶରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ବିଷୟରେ ଶୈକ୍ଷିକ ସହାୟତା ପ୍ରଦାନ କରିବା ତଥା ବିଦ୍ୟାଳୟ ଶିକ୍ଷାକୁ ତ୍ୱରାନ୍ୱିତ କରିବାପାଇଁ ଭଦ୍ରକ ଜିଲ୍ଲା ଶିକ୍ଷା ପ୍ରଶାସନ ତରଫରୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକ ସହାୟତା କେନ୍ଦ୍ର ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ସ୍ଥାପନ କରାଯାଇଛି । ଏହି ସହାୟତା କେନ୍ଦ୍ର ତା.୦୧.୦୫.୨୦୨୩ ରିଖ ଠାରୁ ଆରମ୍ଭ ହୋଇ ତା. ୧୮.୦୬.୨୦୨୩ ରିଖ ପର୍ଯ୍ୟନ୍ତ ଚାଲିବ । ଏହି ସହାୟତା କେନ୍ଦ୍ରରେ ବରିଷ୍ଠ ତଥା ଅଭିଜ୍ଞ ଶିକ୍ଷକମାନେ ଦାୟିତ୍ୱରେ ରହିଛନ୍ତି । ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିତାମାତା ତଥା ଅଭିଭାବକମାନଙ୍କୁ ଶିକ୍ଷା ସମ୍ପର୍କୀତ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅବକାଶକାଳୀନ ଗୃହକାର୍ଯ୍ୟ କାର୍ଯ୍ୟକ୍ରମକୁ ତଦାରଖ କରିବେ । ଉପରୋକ୍ତ ଟୋଲ ଫ୍ରି ନମ୍ବର (୧୮୦୦-୩୪୫୬-୮୧୧) କୁ ରବିବାର ଏବଂ ଛୁଟିଦିନ ବ୍ୟତୀତ ଅନ୍ୟ କାର୍ଯ୍ୟଦିବସରେ ସକାଳ ୬ ଘଟିକାଠାରୁ ସଂଧ୍ୟା ୬ ଘଟିକା ମଧ୍ୟରେ ବ୍ୟବହାର କରି ଏହି ସହାୟତା କେନ୍ଦ୍ରର ସାହାଯ୍ୟ ନେଇପାରିବେ ।

# ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଜନ ଆନ୍ଦୋଳନ ଅପରିହାର୍ଯ୍ୟ

ଭଦ୍ରକ, (ପିପିଏସ) : ଦୀର୍ଘ ଦୁଇ ଦଶନ୍ଧି ଧରି ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ବାରମ୍ବାର ଦାବୀ ହେଉଥିବା ସତ୍ତ୍ୱେ, ସରକାର ସେଥି ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ , ଏବେ ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ଡାକ୍ତର ହରେକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର ଅଧିବେଶନରେ ଏହି ମତ ପ୍ରକାଶ ପାଇଛି । ଜିଲ୍ଲାର ସମସ୍ତ ସାତଟି ବ୍ଲକରୁ ବରିଷ୍ଠ ନାଗରିକ ମହାସଂଘର ସଦସ୍ୟମାନେ ଏହି ଅଧିବେଶନରେ ଯୋଗ ଦେଇ ଜିଲ୍ଲା ସଦର ମହକୁମାରୁ ପ୍ରତିଟି ପଞ୍ଚାୟତ ଏବଂ ଗ୍ରାମସ୍ତରରେ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ମତ ଦେଇଥିଲେ । ସ୍ଥିର ହୋଇଛି ଯେ, ଚଳିତ ମଇ ମାସ ୨୪ ତାରିଖରେ ଜିଲା ସଦର ମହକୁମା ସହିତ ସାତଟି ବ୍ଲକରେ ଏହି ଆନ୍ଦୋଳନ ରୂପ ନେବ । ସେହିଦିନ ଭଦ୍ରକ ଜିଲ୍ଲାପାଳ ଏବଂ ପ୍ରତିଟି ବ୍ଲକର ତହସିଲଦାର କିମ୍ବା ବିଡିଓଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯିବ । ଆଗାମୀ ୨୦୨୪ ନିର୍ବାଚନକୁ ଆଖିରେ ରଖି ଜିଲ୍ଲାର ସମସ୍ତ ବିଧାୟକ ଏବଂ ସାଂସଦକୁ ଏ ଆନ୍ଦୋଳନରେ ସାମିଲ କରିବା ପାଇଁ ଯୋଜନା ରହିଛି । ଯଦି ଜିଲାର ସମସ୍ତ ବିଧାୟକ ଓ ସାଂସଦ ଭଦ୍ରକର ଦାବୀ ପ୍ରତି ସଚେତନ ଥାଆନ୍ତେ, ବୋଧହୁଏ ଏ ଦାବୀ କେବେଠାରୁ ପୂରଣ ହୋଇସାରନ୍ତାଣି । କିନ୍ତୁ ସେମାନେ ନିଜ ସ୍ୱାର୍ଥରେ ବ୍ୟସ୍ତ ରହି ଭଦ୍ରକର ସମସ୍ୟା ପ୍ରତି ଉଦାସୀନ ରହୁଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ନିନ୍ଦା ପ୍ରସ୍ତାବ ଆଗତ କରାଗଲା । ଏହି ଆଲୋଚନାରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସାମାଜିକ କର୍ମୀ ସୁଧାକର ରାଉତଙ୍କ ସମେତ ବାସୁଦେବପୁରରୁ ଗଙ୍ଗାଧର ପଣ୍ଡା, ତିହିଡିରୁ ବିଭୂତି ଭୂଷଣ ସେନାପତି, ଆଗରପଡାରୁ କୈଳାଶଚନ୍ଦ୍ର ଧଳ,କୋଠାରରୁ ବିଷ୍ଣୁ ଚରଣ ମହାନ୍ତି, ଚାନ୍ଦବାଲିରୁ ପ୍ରମୋଦ ତ୍ରିପାଠୀ,ସାହାଡା ରୁ ଚକ୍ରଧର ପାଣିଗ୍ରାହୀ, ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସଂପାଦକ କୈଳାଶ ମହାପାତ୍ର, ଡାକ୍ତର ପ୍ରଦୀପ ନାୟକ,ରାଧାରାଣୀ ମହାପାତ୍ର,ଚନ୍ଦ୍ରଶେଖର ନାୟକ, ବିଚିତ୍ର ମାହାନ୍ତି, ତିହିଡିରୁ ଧୀରେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ନରେନ ପଲେଇ, ସନ୍ତୋଷ ଦାସ, ଇଂ ମହେଶ ଦାସ, ଲକ୍ଷ୍ମଣ ମହାନ୍ତି, ଲକ୍ଷ୍ମୀଧର ବାରିକ , ବାବୁଲାଲ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ମେଡିକାଲ କଲେଜ ପ୍ରତିଷ୍ଠା ଦାବୀକୁ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ ।

# ଅଡିଟୋରିୟମ ଠାରେ ପଠାଣି ସାମନ୍ତଙ୍କ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ ଦାବି ଉଠାଇଲେ ସମାଜସେବୀ

ନୟାଗଡ଼, (ପିପିଏସ) : ନୟାଗଡ଼ସ୍ଥିତ ପଠାଣି ସାମନ୍ତ ଅଡିଟୋରିଅମର ନବକଳେବର ହେଉଥିବା ପରିପ୍ରେକ୍ଷୀରେ ଏହାର ମୁଖ୍ୟ ପ୍ରବେଶ ପଥରେ ପଠାଣି ସାମନ୍ତଙ୍କ ସୁଦୃଶ୍ୟ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯାଇଛି । ସୂଚନାଯୋଗ୍ୟ ଯେ ନୟାଗଡ଼ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ପଠାଣି ସାମନ୍ତ ଅଡିଟୋରିୟମ ନୂତନ ରୂପରେ ଲୋକାର୍ପଣ ହେବାକୁ ଯାଉଅଛି । ଏହା ନୟାଗଡ଼ବାସୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର କଥା । ସ୍ଥାନୀୟ ବିଧାୟକ, ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଉଚିତ ପଦକ୍ଷେପ ବାସ୍ତବରେ ପ୍ରଶଂସନୀୟ । ଉକ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତେ ଚେଷ୍ଟିତ । ଯେଉଁ ମନିଷୀଙ୍କ ନାମରେ ଉକ୍ତ ଅଡିଟୋରିୟମ ନାମିତ ସେ ହେଉଛନ୍ତି ବିଶ୍ୱବିଶ୍ରୁତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ ( ସାମନ୍ତ ଚନ୍ଦ୍ରଶେଖର ସିଂ ହରିଚନ୍ଦନ ମହାପାତ୍ର) । ଦୁଃଖ ଏବଂ ପରିତାପର ବିଷୟ ଏହିକି ଯେ, ଅଦ୍ୟାବଧି ତାଙ୍କର ପ୍ରତିମୂର୍ତ୍ତୀ ଠିକଣା ଭାବରେ ଅବସ୍ଥାପିତ ହୋଇପାରିନାହିଁ । ପଠାଣି ସାମନ୍ତ ଅଡିଟୋରିୟମର ନୂତନ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବା ସହିତ ପଠାଣି ସାମନ୍ତଙ୍କ ସୁଦୃଶ୍ୟ ବ୍ରୋଞ୍ଜ ମୂର୍ତ୍ତୀ ଅଡିଟୋରିୟମର ପ୍ରବେଶ ଦ୍ୱାରରେ ସମ୍ମାନର ସହ ସ୍ଥାପନ କରାଯିବା ପାଇଁ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ,ନୟାଗଡ଼ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ଉପସଭାପତି ରଣଜିତ ଦାଶ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଭେଟି ଦାବି ଜଣାଇଛନ୍ତି ।



## ପୁରୀରେ ମୃର୍ତ୍ତିକା ସଂରକ୍ଷଣରେ ଗୋବର ପ୍ରୟୋଗର ରାଷ୍ଟ୍ରୀୟ କର୍ମଶାଳା

ପୁରୀ, (ହି.ସ.) : ସ୍ଥାନୀୟ ରୁମାନି ହୋଟେଲ ପରିସରରେ ରାଷ୍ଟ୍ରୀୟ ମୃତିକା ସଂରକ୍ଷଣରେ ଗୋବରଖତର ପ୍ରୟୋଗ ସହିତ ଗୋସଂପଦ ସୁରକ୍ଷା ସଂପର୍କତ କର୍ମଶାଳା ଅନୁଷ୍ଠିତ ହୋଇଛି । ଗୋମାତା ସେବାଫୋରମ, ସୁରଭି ଗୋଧାମ ଚାରିଟେବୁଲ ଟ୍ରଷ୍ଟ , ଗୋବିନ୍ଦ ଗୋଧାମ ଗୋଶାଳା ତରଫରୁ ମିଳିତ ପ୍ରୟାସ ରେ ଆଲୋଚିତ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୩୫୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ମୁଖ୍ୟବକ୍ତା ରୂପେ ଗୁଜୁରାଟ ଅହମଦାବାଦର ବଂଶିଗିର ଗୋଶାଳାର ଗୋପାଳ ଭାଇ ସୂତରୀୟା, ମହାରାଷ୍ଟ୍ର ନାଗପୁର ନିବାସୀ ତଥା ଭାରତ ସରକାରଙ୍କ ପ୍ରାଣିକଲ୍ୟାଣ ବୋର୍ଡର ସଦସ୍ୟ ସୁନୀଲ ମାନସିଂହକା ଯୋଗଦେଇ ମୃତିକାରେ ଯୋଗ୍ୟତା କିଭଳି ପ୍ରୟୋଗ ହୋଇପାରିବ ସେ ସଂପର୍କରେ ବିଶେଷ ସୂଚନା ଦେବା ସହିତ ଗୋ ସମ୍ପଦର ସୁରକ୍ଷା ହେଲେ ବିଶ୍ୱର କଲ୍ୟାଣ ହେବ ବୋଲି କହିଥିଲେ ଓ ଗୋସେବା ଫୋରମ୍ ର ମୁଖ୍ୟ ବିଜୟ ଟେବରିଓ୍ୱାଲ ଚାଷୀ ମାନଙ୍କୁ ଶପଥ ପାଠ କରାଇଥିଲେ ।

### ରଣପୁର ତହସିଲରେ ବେଆଇନ ନାଲି ପଥର ଖଣି ଖନନ ମାମଲା

# ପୂର୍ବତନ ତହସିଲଦାରଙ୍କ ସମେତ ୧୧ଜଣଙ୍କ ନାମରେ ଚାନ୍ଦପୁର ଥାନାରେ ମାମଲା

ନୟାଗଡ, (ପିପିଏସ) : କଡା ନିର୍ଦ୍ଦେଶ ପରେ ବଢ଼ିଲା ଆକ୍ସନ ,ମୟୁରଝାଲିଆ ବେଆଇନ ନାଲି ପଥର ଖନନ ମାମଲାରେ ଗିରଫ ହେବେ ଦୁଇ ଖଣି ଲିଜଧାରୀ ଏବଂ ୯ ସରକାରୀ କର୍ମଚାରୀ.ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ରଣପୁର ତହସିଲଦାର ଚାନ୍ଦପୁର ଥାନାରେ ଦେଇଛନ୍ତି ମାମଲା, ଏତଲା ଅନୁଯାୟୀ ମୟୁରଝାଲିଆ ନାଲି ପଥର ଖଣି ଲିଜଧାରୀ ସୁଶାନ୍ତ କୁମାର, ବରାଡ଼ ଏବଂ ଇନଫ୍ରାବିଲ୍ଡ ପ୍ରାଇଭେଟ୍ ? ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ସମେତ ରଣପୁର ତହସିଲର ତତ୍କାଳୀନ ୯ ଜଣ ସରକାରୀ କର୍ମଚାରୀଙ୍କ ନାଁରେ ଚାନ୍ଦପୁର ଥାନାରେ ଫୌଜଦାରୀ ମାମଲା ରୁଜୁ ହୋଇଛି, ରଣପୁର ତହସିଲଦାରଙ୍କ ଏତଲା ଉପରେ ଫୌଜଦାରୀ ମାମଲା ରୁଜୁ ପୋଲିସ ତଦନ୍ତ ଆରମ୍ଭ କରିଛି, ସୂଚନା ଅନୁଯାୟୀ ମୟୁରଝାଲିଆ ବେଆଇନ ମାଙ୍କଡ଼ା ପଥର ଏବଂ ମୋରମ ଖନନ ମାମଲାରେ ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଏନଜିଟିରେ ଖଣି ଲିଜଧାରୀ ସୁଶାନ୍ତ କୁମାର ବରାଡ଼ ଏବଂ ଇନଫ୍ରାବିଲ୍ଡ ପ୍ରାଇଭେଟ୍ ? ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ନାଁ ରେ ଅଭିଯୋଗ ହୋଇଥିଲା, ଏହା ଉପରେ ନୟାଗଡ଼ ଜିଲ୍ଲାପାଳ ସତ୍ୟପାଠ ଦାଖଲ କରିଥିଲେ, ଏଥିରେ ଧରାପଡିଥିଲା ବେଆଇନ ଖଣି ଖନନ, ଲିଜଧାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଘଏଞ୍ଚ ତାଙ୍କ ବିରୋଧରେ ଦୁଇ ମାସ ମଧ୍ୟରେ ଫୌଜଦାରୀ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ, ଏହାଛଡା ମାମଲାରେ ସମ୍ପୃକ୍ତ ରହିଥିବା ତତ୍କାଳୀନ ରଣପୁର ତହସିଲର ଦୁଇ ଜଣ ତହସିଲଦାର , ଅତିରିକ୍ତ ତହସିଲଦାର ଜଓ ସମେତ ଅନ୍ୟ ୯ ଜଣ ସରକାରୀ କର୍ମଚାରୀଙ୍କ ନାଁ ରେ ଫୌଜଦାରୀ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ,ଏହି ଘଟଣାରେ ସମସ୍ତ ଅଭିଯୁକ୍ତ ବାହାରେ ବୁଲୁଥିବାରୁ ଆବେଦନ କାରୀଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ମୟୁରଝାଲିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ଜମିରୁ ମାଙ୍କଡ଼ା ପଥର ଖଣି ପାଇଁ ସୁଶାନ୍ତ କୁମାର ବରାଡ଼ଙ୍କୁ ୫ ବର୍ଷିଆ ଲିଜ୍ ସୂତ୍ରରେ ଦିଆଯାଇଥିଲା । ସେହିଭଳି ଅଗ୍ରୱାଲ ଇନଫ୍ରାବିଲ୍ଡ ପ୍ରାଇଭେଟ୍ ଲିମିଟେଡକୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ଉକ୍ତ ପ୍ଲଟରୁ ୨ ଏକର ସାମୟିକ ପରମିଟ୍ ଦିଆଯାଇଥିଲା । ସେମାନେ ଉକ୍ତ ପ୍ଲଟର ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିବା ନେଇ ଜାତୀୟ ସବୁଜ ନ୍ୟାୟାଧିକରଣ କୋଲକାତାଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଦିଲ୍ଲିପ କୁମାର ସାମନ୍ତରାୟ ଓ ଦିପକ କୁମାର ରାଉତରାୟ ଅଭିଯୋଗ ଦାଖଲ କରିଥିଲେ ,ଏହି ଘଟଣାରେ ୨କୋଟି ୮୧ ଲକ୍ଷ୍ୟ ଟଙ୍କା ଫାଇନ କରିଥିଲେ, ଜିଲ୍ଲାପାଳ ସତ୍ୟପାଠ ଦାଖଲ ପରେ ଫାଇନ ଭରଣ ନ କରି ଖଣି ଲିଜଧାରୀ ସୁଶାନ୍ତ କୁମାର ବରାଡ଼ ମାମଲାକୁ ଡାଇଭଟ କରିବା ପାଇଁ ଯାଇ ଦିଲ୍ଲିପ କୁମାର ସାମନ୍ତରାୟ ଓ ଦିପକ କୁମାର ରାଉତରାୟ ଏବଂ ନୟାଗଡ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ନାଁରେ ୨୫ ଲକ୍ଷ୍ୟ ଟଙ୍କା ଲାଞ୍ଚ ମାଗିବା ଅଭିଯୋଗ ହୋଇଥିଲା, ଏନେଇ ଚାନ୍ଦପୁର ଥାନାରେ ମାମଲା ରୁଜୁ ହୋଇଥିଲା,ପୋଲିସ ତଦନ୍ତରୁ ଖଣି ଲିଜଧାରୀ ସୁଶାନ୍ତ କୁମାର ବରାଡ଼ ଆଣିଥିବା ଅଭିଯୋଗ ତଦନ୍ତରେ ତାହା ମିଛ ଜଣା ପଡିଥିବା ବେଳେ , ସେପଟେ ମୟୁରଝାଲିଆ ନାଲି ପଥର ବେଆଇନ ଖନନ ମାମଲାରେ ରଣପୁର ତହସିଲଦାର ଚାନ୍ଦପୁର ଥାନାରେ ଦେଇଥିବା ଏତଲାରେ ଖଣି ଲିଜଧାରୀ ସୁଶାନ୍ତ କୁମାର ବରାଡ଼ ,ଇନଫ୍ରାବିଲ୍ଡ ପ୍ରାଇଭେଟ୍ ? ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ସମେତ ରଣପୁର ତହସିଲ ତତ୍କାଳୀନ ୯ ଜଣ ସରକାରୀ କର୍ମଚାରୀଙ୍କ ନାଁରେ ଦଫା ୩୭୯ ,୪୨୦ ,ପଥର ଚୋରୀ ଏବଂ ଠକେଇ ମାମଲା ରୁଜୁ ହୋଇଥିବା ନୟାଗଡ଼ ଅତିରିକ୍ତ ଏସପି କହିଛନ୍ତି, ତଦନ୍ତ ପରେ ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି । ମୟୁରଝାଲିଆ ବେଆଇନ ନାଲି ପଥର ଖଣି ଖନନ ମାମଲା ଘଏଞ୍ଚରେ ଧରାପଡିବା ପରେ ଆରମ୍ଭ ହୋଇଛି ତଦନ୍ତ, ପଦାକୁ ଆସିଛି କୋଟି କୋଟି ଟଙ୍କା ହରିଲୁଟ ଘଟଣା, ଜିଲ୍ଲା ପ୍ରଶାସନ ପକ୍ଷରୁ ଚାନ୍ଦପୁର ଥାନାରେ ଏତଲା ପରେ ଛାନିଆ ଖଣି ମାଫିଆ ଏବଂ ତତ୍କାଳୀନ ରଣପୁର ତହସିଲ କର୍ମଚାରୀ ।



# ଆଇନସେବା ପ୍ରାଧିକରଣ ତରଫରୁ ଶ୍ରମିକ ଦିବସ ପାଳନ

କେନ୍ଦ୍ରାପଡ଼ା, (ହି.ସ.) : ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରମିକ ଦିବସରେ ଶ୍ରମିକମାନଙ୍କର କାର୍ଯ୍ୟକାରିତା ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରମଣୀ ରଞ୍ଜନ ରାଉତରାୟ, ଆଇନଜୀବି ଧରଣୀଧର ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପାରାଲିଗାଲ ଭଲେଂଟର କୁବେର ସାହୁ, ସୁଧିର ମଲିକ ପ୍ରମୁଖ ସହଯୋଗ କରିଥିଲେ ।

# ମିଳିତ ଜନ ଶୁଣାଣି ଶିବିରରେ ୯୬ଟି ଅଭିଯୋଗ




ଭଦ୍ରକ, (ପିପିଏସ) : ଚଳିତ ମଇ ମାସର ପ୍ରଥମ ମିଳିତ ଜନ ଶୁଣାଣି ଶିବିର ୧ ତାରିଖ ସୋମବାର ଦିନ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ସମୁଦାୟ ୯୬ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୮୪ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଅଭିଯୋଗ ଓ ୧୩ଟି ସାମୂହିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ ସମ୍ବନ୍ଧୀୟ ୪ଟି ଆବେଦନ ଥିଲା । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ଭଦ୍ରକ କୁଶଳ ଚନ୍ଦ୍ର ନାୟକ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ସହାୟକ ଜିଲ୍ଲାପାଳ ଚିତ୍ତ ରଞ୍ଜନ ସେଠୀ ଅଭିଯୋଗ ଉପସ୍ଥାପନ କାର୍ଯ୍ୟ ତୁଲାଇଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ଦିବ୍ୟାଙ୍ଗ ବିଧବା, ବାର୍ଦ୍ଧକ୍ୟ ଆଦି ଭତ୍ତା ସମ୍ବନ୍ଧୀୟ ସଂଖ୍ୟାଧିକ ଅଭିଯୋଗ ଆସିଥିଲା ବେଳେ, ଯୋଗାଣ ବିଭାଗର ରେସନ କାର୍ଡ଼, ରାଜସ୍ୱ ବିଭାଗର ଜମିଜମା, ବ୍ଲକ୍ ଅଧୀନରେ ଚାଲୁଥିବା ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ଆଦି ସହ ଶିକ୍ଷା, ଜିଲ୍ଲା ଜରୁରୀକାଳୀନ ବିଭାଗ ଆଦି ସମ୍ବନ୍ଧୀୟ ଅଭିଯୋଗ ଆଗତ ହୋଇଥିଲା । ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସମାଧାନ ପ୍ରକ୍ରିୟାରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବିବିଧ ବିଭାଗର କର୍ମଚାରୀ ଅଭିନେତ୍ରୀ ମହାନ୍ତି ଓ ଲିସାରାଣୀ ରାଉତ ଅଭିଯୋଗ ପଞ୍ଜିକରଣରେ ସହଯୋଗ କରିଥିଲେ ।

## 'ମୋ ସ୍କୁଲ' ଅଭିଯାନକୁ ପୁରସ୍କାର ରାଶି ଦାନକଲେ ଶିକ୍ଷକ

ଭଦ୍ରକ, (ପିପିଏସ) : ଏହି ବ୍ଲକର ସରସଦା ଉଚ୍ଚବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ଏକ ଲକ୍ଷ ଟଙ୍କା ପୁରସ୍କାର ଅର୍ଥକୁ 'ମୋ ସ୍କୁଲ' ଅଭିଯାନକୁ ଦାନ କରିଥିବା ଜଣାଯାଇଛି । ୨୦୨୧-୨୨ ବର୍ଷର ମ୍ୟାଟ୍ରିକ ପରୀକ୍ଷାର ସଫଳତା ପାଇଁ ଏହି ସ୍କୁଲ 'ବେଷ୍ଟ ସ୍କୁଲ' ଭାବେ ବିବେଚିତ ହୋଇ ସରକାରଙ୍କ ଠାରୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରାପ୍ତ ହୋଇଥିଲା । ପ୍ରଧାନଶିକ୍ଷକ ଗଦାଧର ଯେନାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ନାୟକ ଓ 'ମୋ ସ୍କୁଲ' ଅଭିଯାନ ସଭାପତି ବିକାଶ କୁମାର ସ୍ୱାଇଁଙ୍କୁ ପୁରସ୍କାର ଅର୍ଥ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

# ବାପଘର କରିଲେ ହତ୍ୟା ଅଭିଯୋଗ

ଫୁଲନଖରା, (ପିପିଏସ୍) : କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ପଞ୍ଚାୟତର ଖଲୋର ଗ୍ରାମରେ ସୋମବାର ଦିନ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଜଣେ ମହିଳାଙ୍କର ଝୁଲନ୍ତା ଅବସ୍ଥାରେ ମୃତଦେହକୁ କଟକ ସଦର ପୋଲିସ୍ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି । ସୂଚନାଯୋଗ୍ୟ ବାଲିଅନ୍ତା ଥାନା ଅନ୍ତର୍ଗତ ବିଶରପୁର ଗ୍ରାମର ପଞ୍ଚାନନ ପଲେଇଙ୍କ ଝିଅ ସୁଜାତା ପଲେଇ ଖଲୋର ଗ୍ରାମର ରମେଶ ଚନ୍ଦ୍ର ଦାସଙ୍କ ପୁଅ ସରୋଜ କୁମାର ଦାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବେଶ୍ କିଛି ବର୍ଷ ସୁଖରେ ପାରିବାରିକ ଜୀବନ ବିତିଥିବା ବେଳେ ଗତ ସୋମବାର ଦିନ ସୁଜାତା ବେକରେ ରଶି ଲଗାଇ ଘର ଭିତରୁ କବାଟ ଦେଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବା ବେଳେ ଝିଅର ବାପ ଘର ଲୋକ ଝିଅକୁ ହତ୍ୟା କରାଯାଇଛି ବୋଲି କଟକ ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ସୁଜାତାର ସ୍ୱାମୀ ସରୋଜ କୁମାର ଦାସଙ୍କୁ କଟକ ସଦର ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତଦନ୍ତ ଜାରି ରଖିଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସଂପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହୋଇ ପାରିବ ବୋଲି କଟକ ସଦର ଆଇଆଇସି ରଶ୍ମିରଂଜନ ମହପାତ୍ର ସୂଚନା ଦେଇଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧୀକରଣ ଦ୍ୱାରା ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଭଦ୍ରକ, (ପିପିଏସ) : ଜିଲ୍ଲା ଆଇନ ସେବା ପ୍ରାଧୀକରଣ ତରଫରୁ ସଂସ୍କୃତି ଭବନ, ଭଦ୍ରକ ଠାରେ ଆନ୍ତର୍ଜାତୀକ ଶ୍ରମିକ ଦିବସ ପାଳିତ ହୋଇଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧୀକରଣର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବାର ଆସୋସିଏସନର ସଭାପତି ନିରାକାର ଜେନା , ସଂପାଦକ ଦିବ୍ୟସିଂହ ନାୟକ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ସଦସ୍ୟ, ଶ୍ରୀଯୁକ୍ତ ନେପାଳ ଚନ୍ଦ୍ର ଦାସ, ଜିଲ୍ଲା ଆଇନ ସେବା ପ୍ରାଧୀକରଣର ପ୍ୟାନେଲ ଓକିଲ ରାଜୀବ କୁମାର ବାରିକ୍, ଦୀପକ କୁମାର ସାହୁ, କାହ୍ନୁଚରଣ ବାରିକ, ପି.ଏଲ୍‌ଭି ଅନ୍ନପୂର୍ଣ୍ଣା ସାହୁ ରଞ୍ଜୁଲତା ଗାହାଣ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ଆଇନ୍ ସେବା ପ୍ରାଧୀକରଣ ଯୋଜନା ଅନୁସାରେ ଅଣସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ଥିବା ଆଇନ୍ ସେବା, ସର୍ବନିମ୍ନ ମଜୁରୀ ଆଇନ୍, ଶିଳ୍ପ ବିବାଦ ସମ୍ବନ୍ଧୀୟ ଆଇନ୍, କାରଖାନା ଅଧିନିୟମ ଏବଂ କେନ୍ଦ୍ରୀୟ ଓ ରାଜ୍ୟ ସ୍ତରୀୟ ସରକାରୀ ଯୋଜନା ସଂପର୍କିତ ଆଇନ ସେବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ କୁଶଳୀ ଶ୍ରମିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

### ଶ୍ରମିକ ବିନା ଉନ୍ନୟନ କାର୍ଯ୍ୟ ଅସମ୍ଭବ

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ସମାରୋହ




ଭଦ୍ରକ, (ପିପିଏସ) : ପ୍ରତିବର୍ଷ ମଇ ୧ ତାରିଖରେ ପାଳିତ ହୋଇ ଆସୁଥିବା ଆନ୍ତର୍ଜାତୀୟ ଶ୍ରମିକ ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ଆଜି ସହିଦ୍ ସ୍ମୃତି ଭବନରେ ମହାସମାରୋହରେ ପାଳନ କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଭଦ୍ରକ ଜିଲ୍ଲା ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା ଯୋଗ ଦେଇଥିଲେ । ଶ୍ରମିକମାନଙ୍କର ଉନ୍ନତି ସକାଶେ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ର ସୁବିଧା ସୁଯୋଗ ସମ୍ବନ୍ଧରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ । ଶ୍ରମିକମାନେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଜରିଆରେ ନାମ ପଞ୍ଜିକରଣ କରିବା ଓ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ଆର୍ଥିକ ସହାୟତାର ଫାଇଦା ଉଠାଇବା ପାଇଁ ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଜେନା ପରାମର୍ଶ ପ୍ରଦାନ କରିଥିଲେ । ଶ୍ରମିକମାନଙ୍କ ଶ୍ରମ ବଳରେ ହିଁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସମ୍ଭବ ହେଉଛି ବୋଲି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶ୍ରମିକମାନଙ୍କ ଉନ୍ନତି ଓ ସାମାଜିକ ନିରାପତ୍ତା ପାଇଁ ସରକାରଙ୍କ ତରଫରୁ ଥିବା ବ୍ୟବସ୍ଥା ସମ୍ବନ୍ଧରେ ମଧ୍ୟ ସେ ସୂଚନା ଦେଇଥିଲେ । ସୂଚନାଯୋଗ୍ୟକି ଆଜି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାରେ ସମୁଦାୟ ୭୨୩ ଜଣ ହିତାଧିକାରୀଙ୍କୁ ସମୁଦାୟ ୨ କୋଟି ୩୦ଲକ୍ଷ ୯୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ସହିତ ସମୁଦାୟ ୬୭ଜଣଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି । ଏଥି ମଧ୍ୟରେ ଓଡ଼ିଶା କୋଠା ଓ ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଜରିଆରେ ଶିକ୍ଷା ପାଇଁ ୪୮୭ ହିତାଧିକାରୀଙ୍କୁ ୩୫,୭୩,୦୦୦, ବିବାହ ପାଇଁ ୧୪୬ ଜଣଙ୍କୁ ୬୭,୫୦,୦୦୦, ମୃତ୍ୟୁ କ୍ଷତିପୂରଣ ବାବଦ ୫୯ ଜଣଙ୍କୁ ୧,୧୩,୦୦୦୦୦, ଶବ ସଂସ୍କାର ପାଇଁ ୧୦ ଜଣଙ୍କୁ ୫୦,୦୦୦, ମାତୃତ୍ୱ ପାଇଁ ୧୨ ଜଣଙ୍କୁ ୧,୧୮୦୦୦, ସମୁଦାୟ ୭୧୪ ଜଣ ହିତାଧିକାରୀଙ୍କୁ ୨,୧୭,୯୧,୦୦୦ ଟଙ୍କା ପ୍ରଦାନ କରାଯାଇଛି ଏବଂ ୫୦ ଜଣଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି । ସେହିପରି ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଯୋଜନାରେ ୧୩ ଜଣ ହିଧାଧିକାରୀଙ୍କୁ ମୃତ୍ୟୁ ଜନିତ ସହାୟତା ପାଇଁ ୧ଲକ୍ଷ ଲେଖାଏଁ ସମୁଦାୟ ୧୩ ଜଣଙ୍କୁ ୧୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଏବଂ ୧୭ଜଣଙ୍କୁ ଶ୍ରମିକ ପରିଚୟ ପତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ଜିଲ୍ଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା ମଞ୍ଚ ପରିଚାଳନା କରିବା ସହିତ ଶ୍ରମିକମାନଙ୍କ ପାଇଁ ଶ୍ରମ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ନିର୍ମାଣ ଶ୍ରମିକ ନାମ ପଞ୍ଜିକରଣ ବିଭିନ୍ନ ସହାୟତା ପ୍ରାପ୍ତି ପାଇଁ ଆବେଦନ ପ୍ରକ୍ରିୟା ଓ ମୋ ସେବା କେନ୍ଦ୍ର ଜରିଆରେ ଆବେଦନ ପାଇଁ ଦେୟ ଶୁଳ୍କ ବାବଦରେ ସେ ସୂଚନା ପ୍ରଦାନ କରିଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ ତା ୧-୪-୨୦୨୩ରିଖ ଠାରୁ ଅଣକୁଶଳୀ ଶ୍ରମିକ ପାଇଁ ଦିନ ପ୍ରତି ସର୍ବନିମ୍ନ ୩୪୫ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକ ପାଇଁ ୩୮୫ଟଙ୍କା, କୁଶଳୀ ଶ୍ରମିକ ପାଇଁ ୪୩୫ଟଙ୍କା ଓ ଅଧିକ କୁଶଳୀ ଶ୍ରମିକ ପାଇଁ ଦିନପ୍ରତି ସର୍ବନିମ୍ନ ମଜୁରୀ ୪୯୫ ଟଙ୍କା ଧାର୍ଯ୍ୟ କରାଯାଇଛି । ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ନିରାପତ୍ତା ସମ୍ବନ୍ଧୀୟ ଆଇନ, ଶିଶୁ ଶ୍ରମିକମାନଙ୍କୁ କାମରେ ନିୟୋଜିତ କଲେ ସେଥିପାଇଁ ଜେଲଦଣ୍ଡ ଓ ଜୋରିମାନା ସମ୍ବନ୍ଧରେ ମଧ୍ୟ ସଚେତନ କରାଯାଇଥିଲା । ସହକାରୀ ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ ଓ ରତ୍ନାକର ମଲ୍ଲିକ ଏହି ପାଳନ କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ଈଶା ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ 'ପରିନ୍ଦେ-୨୦୨୩'




ଭଦ୍ରକ, (ପିପିଏସ) : ଈଶା ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୯ମ ବାର୍ଷିକ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ପରିନ୍ଦେ-୨୦୨୩' ଭଦ୍ରକ ସହୀଦ ସ୍ମୃତି ଭବନରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲାର ଅଧିକାଂଶ ଅଂଚଳରୁ ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗ ଯଥା ସାଧାରଣ ଜ୍ଞାନ, ମାନସାଙ୍କ, ଚିତ୍ରାଙ୍କନ, ବକ୍ତୃତା, ଷ୍ଟୋରି, ରାଇମ୍, ଫ୍ୟାନ୍ସି ଡ୍ରେସ୍, ଡ୍ୟାନ୍ସ ଇତ୍ୟାଦି ରଖାଯାଇଥିଲା । ଆରଏଚ୍‌ଟି ଗ୍ରୁପ୍ ଅଫ୍ ଇଷ୍ଟିଚ୍ୟୁଟ୍ ଦ୍ୱାରା ଏହି ପ୍ରତିଯୋଗିତା ୨୦୧୫ ମସିହା ଠାରୁ ଆୟୋଜନ କରାଯାଇଆସୁଅଛି । ଆରଏଚ୍‌ଟି ଗ୍ରୁପର ଅଧ୍ୟକ୍ଷ ସଂଗୁପ୍ତା ୟାସମିନ୍ ଓ ନିର୍ଦ୍ଦେଶକ ସେଖ୍ ଅମିରୁଦ୍ଦିନ୍ ଆସନ୍ତା ବର୍ଷ ଏହି ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମଟିକୁ ରାଜ୍ୟସ୍ତରୀୟ କରିବାକୁ ଇଚ୍ଛା ପ୍ରକାଶ କରିଅଛନ୍ତି । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁକଲ୍ୟାଣ ବିଭାଗର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ବରିଷ୍ଠ ସମାଜସେବୀ ଅଭୟ ଦ୍ୱିବେଦୀ ଓ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଜିଲାର କୁନି କୁନି ପ୍ରତିଭାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଅନୁଷ୍ଠାନର ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମକର୍ତ୍ତା ମାନସ ରଂଜନ, ଅବିନାଶ ରାଉତ, ଶ୍ରୀକାନ୍ତ ଓଝା, ବିପ୍ଳବ ମହାନ୍ତି, ଶିଶିର ପାଢୀ ଓ ଲଣ୍ଡନ କିଡସ୍ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ବିଚାରପତି ଭାବେ ଝର୍ଣ୍ଣାରାଣୀ ନାୟକ, ସରୋଜିନୀ, କଲିକତାରୁ ସୁହାନ ଖାତୁନ, ବାଲେଶ୍ୱରରୁ ଏ.ଏସ. ଖାନ୍ ପ୍ରମୁଖ ଦାୟିତ୍ୱ ନିଭାଇଥିଲେ ।

## ସ୍ୱାସ୍ଥ୍ୟ ପରିଦର୍ଶକଙ୍କୁ ଆକ୍ରମଣ ଅଭିଯୋଗ

ଭଦ୍ରକ, (ପିପିଏସ) : ବାରିକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ର ପରିଦର୍ଶକ ସୁଶାନ୍ତ କୁମାର ରାଉତରାୟଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଗତ ଶନିବାର ସଂପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଜଳଖିଆ ଦୋକାନରେ ଦିନ ୯ଟା ବେଳେ ଜଳଖିଆ ଖାଉଥିବା ବେଳେ ବିପ୍ଳବ ପାତ୍ର ଓ ସମର୍ଥକମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକ ପୂର୍ବତନ କର୍ମଚାରୀଙ୍କ ପ୍ରରୋଚନାରେ ଏହି ଆକ୍ରମଣ କରାଯାଇଥିଲା ବୋଲି ଅଭିଯୋଗରେ ଦର୍ଶାଯାଇଛି । ଆକ୍ରମଣରେ ଆହତ ହୋଇ ସୁଶାନ୍ତ ଭଦ୍ରକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଅଭିଯୋଗ ଆଧାରରେ ଧାମନଗର ଥାନାରେ ୧୯୪/୨୩ ନଂ ମାମଲା ରଜୁ ହୋଇଛି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ତ୍ରିଲୋଚନ କାନୁନଗୋଙ୍କ ସହ ମୋର ସମ୍ପର୍କ ୧୯୭୮ ମସିହାରୁ: ସାଂସଦ ଶ୍ରୀ ମହତାବ



କଣ୍ଟାପଡା, (ପିପିଏସ୍): ତ୍ରିଲୋଚନ କାନୁନଗୋଙ୍କ ସହ ମୋର ସମ୍ପର୍କ ୧୯୭୮ ମସିହାରୁ। ହେଲେ ତାଙ୍କ ଜନ୍ମମାଟିକୁ ମୁଁ କେବେ ଆସିପାରି ନଥିଲି। ବିଧିର ବିଧାନ ମୋତେ ତାଙ୍କ ତିରୋଧାନର ଏକାଦଶ ଦିବସରେ ଆସି ଶ୍ରଦ୍ଧାଞ୍ଜଳୀ ଦେବାକୁ ହେଉଛି ତାଙ୍କ ଗାଁ ମାଟିରେ। ଏପରି କିଛି ଆବେଗିକ କଥା ସ୍ମରଣ କରିଛନ୍ତି ସାଂସଦ ଭର୍ତ୍ତୃହରି ମହତାବ। ବରିଷ୍ଠ ଜନନେତା ତଥା ପୂର୍ବତନ ସାଂସଦ ତ୍ରିଲୋଚନ କାନୁନଗୋଙ୍କ ଏକାଦଶାହରେ ତାଙ୍କ ଜନ୍ମମାଟି କଣ୍ଟାପଡା ବ୍ଲକ ବଡମୂଳାଇ ଗ୍ରାମରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଶ୍ରୀ ମହତାବ ଯୋଗଦେଇଥିଲେ। ସାଂସଦ ଶ୍ରୀ ମହତାବ ସ୍ୱର୍ଗତ କାନୁନଗୋଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ଦେବା ସହ ତାଙ୍କ ସହ ତାଙ୍କର ସମ୍ପର୍କ ୧୯୭୮ ମସିହାରୁ ବୋଲି କହିଥିଲେ। ସ୍ୱର୍ଗତ କାନୁନଗୋ ଯେତେବେଳେ କଟକ ପୌରାଧ୍ୟକ୍ଷ ଥିଲେ ସେବେଠାରୁ ବିଧାୟକ ଓ ସାଂସଦ ପର୍ଯ୍ୟନ୍ତ ସବୁ ସମୟରେ ତାଙ୍କର ପ୍ରଜାତନ୍ତ୍ର ସହିତ ନିବିଡ ସମ୍ପର୍କ ରହିଥିଲା। ରାଜନୀତିରେ ପରାକାଷ୍ଠା ପ୍ରଦର୍ଶନ କରି ସ୍ୱର୍ଗତ କାନୁନଗୋ ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି ତାହା ବିରଳ ବୋଲି ସାଂସଦ ଶ୍ରୀ ମହତାବ କହିଛନ୍ତି।

## ନିର୍ମାଣ ହେଉନି ପୋଲ, ପହଞ୍ଚିପାରୁନି ଆମ୍ବୁଲାନ୍ସ

# ପୁଣି ଖଟିଆରେ ବୁହା ହେଲେ ରୋଗୀ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ଏପରିକି ଅନେକ ଗୁଡିଏ ଗାଁ ରହିଛି ଯେଉଁଠିକି ଯିବା ପାଇଁ ନିତିଦିନିଆ ରାସ୍ତା ନାହିଁ. ଆହୁରି ଅନେକ ଗ୍ରାମ ରହିଛି ଗ୍ରାମକୁ ଯିବାକୁ ହେଲେ ନଦୀ କିମ୍ୱା ପାହାଡିଆ ଝରଣା ଦେଇ ଯିବାକୁ ପଡେ। ନଦୀ ଓ ବିପଦପୂର୍ଣ ପାହାଡିଆ ଝରଣା ଉପରେ ପୋଲ ନିର୍ମାଣ ପାଇଁ ବହୁ ଦାବି ହୋଇ ଆସୁଥିଲେ ସୁଦ୍ଧା ପୋଲ ନିର୍ମାଣ କରାଯାଉନାହିଁ। ଏହି ଗାଁଗୁଡିକରେ କେହି ଗୁରୁତର ହେଲେ ଆମ୍ବୁଲାନ୍ସ ସେଠାରେ ପହଞ୍ଚିପାରୁନି। ଫଳରେ ନଦୀ ମଧ୍ୟ ଦେଇ ଗାଁ ଲୋକେ ରୋଗୀଙ୍କୁ ଖଟିଆରେ ବୋହିବାକୁ ବାଧ ହେଉଛନ୍ତି। ଏହିଭଳି ଦୃଶ୍ୟ ରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ଚାଞ୍ଚଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ପୂର୍ବତନ ସରପଞ୍ଚ ଲିରି ଶବର (୬୬)ଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଗ୍ରାମକୁ ରାସ୍ତା ନ ଥିବାରୁ ନଦୀ ଆରପଟେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ଖଟିଆରେ ବୋହି ନଦୀ ପାର କରି ୨ କିମି ପାଦ ଚଲାରେ ମାର୍ଲବା ପର୍ଯ୍ୟନ୍ତ ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କେବଳ ବର୍ତ୍ତମାନ ନୁହେଁ ଏଭଳି ଘଟଣା ବାରମ୍ବାର ବାରମ୍ବାର ଘଟିବାରେ ଲାଗିଛି। ଲୋକେ ବହୁ ଦୁଃଖ ଯନ୍ତ୍ରଣା ଓ କଷ୍ଟ ସ୍ୱିକାର କରି ଦିନ ହେଉ ବା ରାତି ହେଉ ଖରା ହେଉ ବା ବର୍ଷା ହେଉ ରୋଗୀକୁ କାନ୍ଧରେ ବୋହି ନଦୀ ପାର କରି ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡେ. କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଦୀରେ ପୋଲ ନିର୍ମାଣ କରନ୍ତୁ ବୋଲି ଗ୍ରାମବାସୀମାନେ ନିବେଦନ କରିଛନ୍ତି।

## ଗଞ୍ଜେଇ ଚାଲଣ ବେଳେ ଚଢାଉ, ୪ ଗିରଫ

ଜୟପୁର, (ହି.ସ): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ପାତ୍ରପୁଟ ନିକଟରେ ଚଢାଉ କରିଛି । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ବୈପାରିଗୁଡା ଥାନା ଝଡିଆଗୁଡା ଗ୍ରାମର ଭିକାରି କନ୍ଦପାଣି (୨୦) ଓ ସାମୁୟଲ କନ୍ଦପାନ (୩୮) ରାଜସ୍ଥାନର ଦନିଶ ଖାନ (୨୧) ଓ ଅଭିଦେଶ ବଇରବା (୨୩) । ପୋଲିସ ସୂଚନା ଅନୁଯାଇ ବୈପାରିଗୁଡା ଥାନା ଅନ୍ତର୍ଗତ ଝଡିଆଗୁଡା ଗ୍ରାମରୁ ହୋଣ୍ଡା ସିଟି କାରରେ ଗଞ୍ଜେଇ ଚାଲାଣ କରୁଥିଲେ। ଏନେଇ ଜୟପୁର ସଦର ପୋଲିସ ସୂଚନା ପାଇ ପାତ୍ରପୁଟ ନିକଟରେ ଚଢାଉ କରି ଯାଂଚ କରିଥିଲା । ସେହି କାରଣରୁ ୪୧ କେଜି ଗଞ୍ଜେଇ ଜବତ କରିଥିଲା। ଏହା ରାଜସ୍ଥାନକୁ ଚାଲାଣ କରି ଅଧିକା ଦରରେ ବିକ୍ରୟ ପାଇଁ ଯୋଜନା କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତ ଠାରୁ କାର, ୪ଟି ମୋବାଇଲ, ୪୧କେଜି ଗଞ୍ଜେଇ ଜବତ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

## ରାୟଗଡ ଜିଲ୍ଲା ସଦର ମହକୁମାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡା (ପିପିଏସ୍): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦରମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ତ୍ରିପାଠୀ, ଉପଜିଲ୍ଲାପାଳ ରାୟଗଡ, ଭୀମସେନ ଶବର, ପିଏ ଆଇଟିଡ଼ିଏ, ରାୟଗଡ ଦିଲ୍ଲୀପ କୁମାର ବେହେରା, ଜିଲ୍ଲାମୁଖ୍ୟ ଚିକିସ୍ଥା ଅଧିକାରୀ ଡ଼ାକ୍ତର ଲାଲମୋହନ ରାଉତରାୟ, ଆଦି ଯୋଗଦାନ କରି ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୩୧ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୨୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୭ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ପାଇଁ ଥିଲା କ୍ଷ ଜଣକୁ ୨୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ଏବଂ ଆଉ ଜଣକୁ ରେଡ଼କ୍ରସରୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ, ଅଶୋକ କୁମାର ଶତପଥି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତହସିଲଦାର ତାପସ କୁମାର ରାଉତ,ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପତିତପାବନ ସାମା'ରାୟ, ଜିଲ୍ଲା ପଂଚାୟତ ଅଧିକାରୀ ସକିଲା ଚରଣ, ବାସ୍କେ, ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ,ଜିଲ୍ଲା କର୍ମ ନିଯୋଜନଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଯାଜ୍ଞସେନି ବେହେରା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସ' କୁମାର ପ୍ରଧାନ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁରେନ୍ଦ୍ର ଗମାଙ୍ଗ, ପୌର ନିର୍ବାହୀ ଅଧିକାରୀ, ଯାଶୀର ବିଲାଲ ଅହମ୍ମଦ,ଜିଲ୍ଲା କ୍ରୀଡା ଅଧିକାରୀ, ଶେଖ ଆଲେନୁର, ତଡ୍ୱମୋସି ମହାପାତ୍ର, ସହକାରୀ ନିର୍ବାହୀ ଗ୍ରାମୀୟ ନିର୍ମାଣ ବିଭାଜନ ଚିନ୍ମୟୀ ପଲେଇ,ଶିକ୍ଷ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ,ଅନ୍ୟାନ୍ୟ ଜିଲ୍ଲା ସ୍ଥାରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁର' ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳିତ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସ୍ତରୀୟ ଶ୍ରମିକ ଦିବସ ଓ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା କାର୍ଯ୍ୟାଳୟ ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ , ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମ ଦିବସର ଗୁରୁତ୍ୱ ବିଷୟରେ ଉପସ୍ଥାପନ କରିବା ସହ ସବୁ ବର୍ଗର ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ମାନ୍ୟବର ବିଧାୟକ ମୋହନା ଦାଶରଥି ଗମାଙ୍ଗ ଓ ପାରଳାଖେମୁଣ୍ଡି ବିଧାୟକ ପ୍ରତିନିଧି ଆଦର୍ଶ ଦାସ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୋଷାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ୍.ବିରା ରାଜୁ, ଜିଲ୍ଲା ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରମିକ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଭିନ ବ୍ଲକର କୁଶଳୀ, ଅଣକୁଶାଳୀ ଓ ସଂଗଠିତ, ଅଣ ସଙ୍ଗଠିତ ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀଯୁକ୍ତ ପଣ୍ଡା କହିଥିଲେ ଯେ ବିଭିନ୍ନ ବର୍ଗର ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଆଇନ ସମ୍ବନ୍ଧ ରେ ସୂଚନା ଦେବା ସହ ଶ୍ରମିକଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ବିଭିନ୍ନ ଶ୍ରମିକ କଲ୍ୟାଣ ବୋର୍ଡରେ ଶ୍ରମିକଙ୍କ ପଞ୍ଜିକରଣ ଓ ସହାୟତା ସମ୍ପର୍କିତ ତଥ୍ୟକୁ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଲେବର କାର୍ଡ ଧାରୀ କାର୍ଯ୍ୟରତ ଅବସ୍ଥାରେ ମୃତ ଶ୍ରମିକଙ୍କ ପରିବାରକୁ ସାନ୍ତ୍ୱନା ମୂଳକ ସହାୟତା ରାଶି, ବିବାହ ପ୍ରୋତ୍ସାହନ ରାଶି, ଶିକ୍ଷା ସହାୟତା ଓ ମାତୃତ୍ୱ ସୁବିଧା ବୋଲି ଏହିପରି ମୋଟ ୭୧୦ ଜଣ ଶ୍ରମିକଙ୍କୁ ୧କୋଟି ୮୪ ଲକ୍ଷ୍ୟ ୧୩ ହଜାର ୨୦୦ ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଲୁଟ୍

ପାଟଣା (ହି.ସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମର ଚନ୍ଦ୍ରମଣି ନାଏକଙ୍କ ପରିବାର ଲୋକେ କଟକ ବଡ଼ଡାକ୍ତରଖାନା ଯାଇଥିବା ବେଳେ ଦୁର୍ବୃତ୍ତମାନେ ଗ୍ରିଲ ତାଡ଼ି ଘରେ ପଶିଛନ୍ତି। ବାକ୍ସ ଓ ଆଲମିରା ଭାଙ୍ଗି ୧ ଲକ୍ଷ ୧୦ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ସକାଳେ ଚନ୍ଦ୍ରମଣି ଘରକୁ ଫେରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ସେ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ



ରାୟଗଡ, (ପିପିଏସ୍): ରାୟଗଡା ଜିଲ୍ଲା ଗୁଣୁପୁରଠାରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ପୌରପରିଷଦ ଟାଉନ୍‌ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ରାୟଗଡା ଜିଲ୍ଲା ସଭାପତି ଅନୀଲ ସାହୁକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଶ୍ରୀ ସୁଜ୍ଞାନୁ ଚୌଧୁରୀ ସ୍ୱତନ୍ତ୍ର ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ର ଉପଦେଷ୍ଟା ଶ୍ରୀ ସୁଧୀର କୁମାର ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ତଥା ଜି.ଆଇ.ସି.ଏମ୍.ଏସ୍ ଅଧ୍ୟକ୍ଷ ଶ୍ରୀ ଅକ୍ଷୟ ଦାଶ, ସମ୍ମାନୀତ ଅତିଥି ଭାବେ ଗୁଣୁପୁର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡଃ. ଚନ୍ଦ୍ର ଧ୍ୱଜ ପଣ୍ଡା, ଗୁଣପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ମୃତ୍ୟୁୟ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ମଞ୍ଚାସୀନ ଅତିଥିଙ୍କ ସହ ସମାଜ ପାଇଁ ନିଃସ୍ୱାର୍ଥପର ଭାବେ ସେବା ଯୋଗାଉଥିବା ସଂଘ ତଥା ବ୍ୟକ୍ତିଗଣ ଯଥା ସତ୍ୟ ସାଇ ସେବା ସମିତି, ଗୁଣପୁର, ବରିଷ୍ଠ ସମାଜ ସେବୀ ଶ୍ରୀ ସୟ ସାହୁ, ଜଗନ୍ନାଥ ମହା ପ୍ରୟାଣ କମିଟି ଅଧ୍ୟକ୍ଷ ଶ୍ରୀ ଦୟାନିଧି ବାରିକ ମାନଙ୍କ ସହ ସମାଜରେ ତୃତୀୟ ଲିଙ୍ଗ ବ୍ୟକ୍ତି ମାନଙ୍କ ଅଧିକାର ପାଇଁ ସଦା ସର୍ବଦା ଲଢ଼ିଆସୁଥିବା ମା ମାଝି ଗୌରୀ ସିବି ଓ ସେକ୍ରେଟାରୀ ଶିଶିର କା' ମହାପାତ୍ର (ପିଙ୍କି)ଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ରାୟଗଡା ଜିଲ୍ଲାରେ ସ୍କୁଲମାନଙ୍କ ପଟା ବାଣ୍ଟି ରେକର୍ଡ ସୃଷ୍ଟି କରିଥିବା ଗୁଣପୁର ତହସିଲଦାର ଶ୍ରୀ ଶରତ ଚନ୍ଦ୍ର ନାୟକଙ୍କୁ ମଞ୍ଚ ଉପରେ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କିଡ୍ସ ଗୀ ପବ୍ଲିକ୍ ସ୍କୁଲ୍ର ଚେୟାରମ୍ୟାନ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ଜିତେନ୍ଦ୍ର କୁମାର ଶତପଥୀ ପରିଚାଳନା କରିଥିବାବେଳେ, ଜଗନ୍ନାଥ ମହାର୍ଁ, ପ୍ରେମ କର, ଜୟ ମହାପାତ୍ର, ଦୀପକ ପଣ୍ଡା, ସୁନୀଲ ଶାବତ, ମନୋଜ ଦାସ ପ୍ରମୁଖ ସହୋଯାଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଓଡ଼ିଶୀ ନୃତ୍ୟ ଗୁରୁ ଶୁଶ୍ରୀ ସସ୍ମିତା ପଣ୍ଡାଙ୍କ ଓଡ଼ିଶୀ ନୃତ୍ୟ ସହ ଆର୍ଟ ଏଣ୍ଡ କଲଚର୍ ଓ କିଡସ୍-ଗୀ ଅନୁଷ୍ଠାନ ପକ୍ଷରୁ ଆସିଥିବା କୁନିକୁନି କଳାକାରଙ୍କ ନୃତ୍ୟ ଉପସ୍ଥିତ ଅତିଥିମାନଙ୍କ ମନମୋହି ଥିଲା।

## ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ

# ଆସବାବପତ୍ର ସହ ୭୦ହଜାର ଟଙ୍କା ଛାରଖାର



କଣ୍ଟାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହକୁମା ବସ୍ତି ପଡା ଧନମତ ଛୁରାଙ୍କ ଘରେ ବିଦ୍ୟୁତ ସର୍ଟସର୍କିଟ ରୁ ଅଗ୍ନିକାଣ୍ଡ ଘଟିଲା, କିଛି ଆବଶ୍ୟକ କାମ ପାଇଁ ଘରେ ରଖିଥିବା ୭୦ ହଜାର ଟଙ୍କା, ସହ ଆସବାବପତ୍ର ଓ ଆବଶ୍ୟକ କାଗଜପତ୍ର, ଖାଦ୍ୟଶସ୍ୟ ପୋଡି ଛାରଖାର ହୋଇଯାଇଥିବା ଜଣାପଡିଛି । ଖବର ପାଇଁ ଦମକଳ ବାହିନୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ଘରେ ରହିଥିବା ସମସ୍ତ ଜିନିଷପତ୍ର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା, ସୂଚନାକ୍ରମେ ହଠାତ କୌଣସି କାରଣରୁ ସର୍ଟସର୍କିଟ ହୋଇ ଧନମତ ଛୁରାଙ୍କ ଘରେ ନିଆଁ ଲାଗିଯାଇଥିଲା ।ପରିବାର ଲୋକେ ନିଆଁକୁ ଆୟତ୍ତ କରିବା ଙ୍କୁ ଚେଷ୍ଟା କରିଥିଲେ, କିନ୍ତୁ ଆୟତ ନ କରି ପାରି ଦମକଳ ବାହିନୀଙ୍କୁ ଖବର ଦେଇଥିଲେ, ଦମକଳ ବାହିନୀ ଭାରି ଉଦ୍ୟମରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ ।ସେତେବେଳକୁ ଘରର ବହୁ ଜିନିଷପତ୍ର ପୋଡି ଯାଇଥିଲା ।ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ପକ୍ଷରୁ ପୀଡ଼ିତଙ୍କୁ କୌଣସି ପ୍ରକାର ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ନାହିଁ ବୋଲି ପ୍ରକାଶ କରିଛନ୍ତି ।ମୁରିବାହାଲ ସରପଞ୍ଚ ବିଶ୍ୱବିହାରି ଯୋଶୀ ପହଁଚି ଘରପୋଡି ପୀଡିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ପ୍ରତିଶୃତି ଦେଇଥିଲେ ।ମୁରିବାହାଲ ତହସିଲଦାର ଆରଆଇଙ୍କୁ ପଠାଇ ତଦନ୍ତ କରିବା ପରେ ସରକାରୀ ସହାୟତା ଯୋଗାଇଦେବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି ।ମୁରିବାହାଲ ଦମକଳ ବାହିନୀର ସମସ୍ତ କର୍ମଚାରୀ ଓଆଇସି ଦିଲିପ ମୁଣ୍ଡା ଙ୍କ ନେତୃତ୍ୱ ରେ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ଥିଲେ । ବର୍ତ୍ତମାନ ପ୍ରଶାସନ ତରଫରୁ ଧନପତ ଛୁରା ଙ୍କୁ ଗୋଟିଏ ତାରପଲିନ୍ ଦିଆଯାଇଛି।

## ରାୟଗଡ ଜିଲ୍ଲାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ



ରାୟଗଡ (ପିପିଏସ୍): ରାୟଗଡ ଜିଲ୍ଲା ସଦର ମହକୁମା ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ସ୍ଥାନୀୟ-ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡ ଠାରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀମତୀ ସ୍ୱଧା ଦେବ ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ତଥା ଅନୁସୂଚିତ ଜାତି ଓ ଜନଜାତି ବିକାଶ,ପଛୁଆ ଓ ସଂଖ୍ୟା ଲଘୁ ସଂପ୍ରଦାୟ ବିକାଶ ଓ ଆଇନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶ୍ରୀମତୀ ନିବେଦିତା ପଣ୍ଡା, ଅଧ୍ୟକ୍ଷ ପୌରପରିଷଦ ରାୟଗଡ ଶ୍ରୀ ପି ମହେଶ ପଟନାୟକ ଆଦି ଯୋଗଦାନ କରି ନିର୍ମାଣ ଶ୍ରମିକ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତି ଜସ୍ମିନି ଶୁଭଦର୍ଶିନୀ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଶ୍ରମିକ ଦିବସର ତାତ୍ପର୍ଯ୍ୟତା ଓ ଜିଲ୍ଲାରେ ପୀକୃତ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ ମାନଂକ ତାଲିକା ଉପସ୍ଥାପନ କରିବା ସହ ସେମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସହାୟତା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ । ରାୟଗଡ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଆଜି ପର୍ଯ୍ୟନ୍ତ ମୋଟ ୯୮୨୪୫ ଜଣ ନିର୍ମାଣ ଶ୍ରମିକ ପିକୃତ ହୋଇଛନ୍ତି । ରାୟଗଡ ଜିଲ୍ଲାରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ମୋଟ ୭ କୋଟି ଟଙ୍କା ଲେବର ସେସ୍ ଆଦାୟ କରାଯାଇଅଛି । ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଶ୍ରମିକ ମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ସହାୟତା ରାଶି ଯଥା ଶିକ୍ଷା ସହାୟତା ୨୬୯ ଜଣ ହିତାଧିକାରୀଙ୍କୁ ୧୨,୭୮,୨୦୦ଟଙ୍କା।/-, ସେହିପରି ୨୧୫ ଜଣଙ୍କୁ ବିବାହ ସହାୟତା ୧,୦୫,୭୫,୦୦୦/-ଟଙ୍କା, ପ୍ରସୂତୀକାଳିନ ସହାୟତା ୩୬ ଜଣକୁ ୩,୬୦,୦୦୦/-ଟଙ୍କା, ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ପାଇଁ ୧ ଜଣକୁ ୪,୦୦,୦୦୦/-ଟଙ୍କା, ମୃତ୍ୟୁ କାଳୀନ ସହାୟତା ପାଇଁ ୭୧୧ ଜଣକୁ ୧୩,୯୦,୦୦,୦୦୦/- ଟଙ୍କା, ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ୬୯୪ ଜଣକୁ ୩୪,୭୦,୦୦୦/- ଟଙ୍କା ସର୍ବମୋଟ ୧୯୨୬ ଜଣ ହିତାଧିକାରୀଙ୍କୁ ୧୫,୫୦,୮୩,୨୦୦/- ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଓଡିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ, ଭୁବନେଶ୍ୱର, ରାୟଗଡା ଜିଲ୍ଲାରେ ପିକୃତ ହୋଇଥିବା ଅଣ ସଙ୍ଗଠିତ ଶ୍ରମିକ ବର୍ଗର ପିକୃତ ହୋଇଥିବା ଅଣ ସଙ୍ଗଠିତ ଶ୍ରମିକ ଯଥା ବୁଲା ବିକାଳି, କ୍ଷୁଦ୍ରବେପାରୀ, ଘରୋଇ ଶ୍ରମିକ, ରିକ୍ସା ଚାଳକ, ଅଟୋ ଚାଳକ, ମୋଚି, କୃଷି ଶ୍ରମିକ, ଜଙ୍ଗଲ ଶ୍ରମିକ, ଖବର କାଗଜ ବିକାଳି, ସଫେଇ ବାଲା ଇତ୍ୟାଦି ମୋଟ ୮୧୩୩ ଜଣ ଅଛନ୍ତି।

# ମାଓବାଦୀଙ୍କ ତାଲିମ ଗୃହ ପାଲଟିଛି କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର

ମାଲକାନଗିରି, (ହି.ସ.): ମାଓବାଦୀଙ୍କ ତାଲିମ ଗୃହରେ କମ୍ପୁଟର ଶିଖିବେ ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳର ଆଦିବାସୀ ପିଲା । ସ୍ୱାଭିମାନ ଅଂଚଳର ଯୋଡାମ୍ବ ଠାରେ ମାଓବାଦୀଙ୍କ ଲାଲ ଘର ବା ତାଲିମ ରୁମରେ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ଶିକ୍ଷା ଦିଆଯିବ । ସ୍ୱାଭିମାନ ଅଂଚଳରେ ଏଭଳି ପ୍ରୟାସ ଆରମ୍ଭ କରିଛି ମାଲକାନଗିରି ଜିଲ୍ଲା ପୁଲିସ । ସବୁଠୁ ବଡ କଥା ହେଉଛି, ଯେଉଁ କୋଠରୀରେ ଦିନେ ମାଓବାଦୀ ମେଳି ଓ ସହିଦ ସପ୍ତାହ ପାଳନ କରୁଥିଲେ, ସେହି କୋଠରୀରେ ଏବେ ଛାତ୍ରଛାତ୍ରୀ କମ୍ପ୍ୟୁଟର ପାଠ ପଢିବେ । ଯୋଡାମ୍ବ ଠାରେ ଥିବା ମାଓବାଦୀଙ୍କ ତାଲିମ ରୁମରେ ଏକ ନୂତନ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରକୁ ଗତକାଲି ଉଦଘାଟନ କରିଛନ୍ତି ଦକ୍ଷିଣାଚଂଳ ଡିଆଇଜି ରାଜେଶ ପଣ୍ଡିତ ଓ ମାଲକାନଗିରି ଏସପି । ଏହି କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ୫ଟି କମ୍ପ୍ୟୁଟର ଥିବା ବେଳେ ୩୦ ଜଣ ଛାତ୍ରଛାତ୍ରୀ ପ୍ରତିଦିନ ସକାଳେ ଆସି ଏଠାରେ କମ୍ପ୍ୟୁଟର ଶିଖିବେ । ସେମାନଙ୍କୁ କମ୍ପ୍ୟୁଟର ଶିଖାଇବେ ପୁଲିସ ବିଭାଗର ଜଣେ କର୍ମଚାରୀ । ପିଲା ପଢିବେ ଏକ୍ସଏଲ, ଏମଏସ ୱାର୍ଡ, ଓଡିଆ ଭାଷାରେ ଲେଖା ସହ ଫଟୋ ଏଡିଟିଙ୍ଗ ଭଳି କାମ ଶିଖିବେ । କମ୍ପ୍ୟୁଟର କ୍ଲାସରୁମ ଉଦଘାଟନ କରିବା ଅବସରରେ ଡିଆଇଜି କହିଛନ୍ତି, ଶିକ୍ଷା ମାଧ୍ୟମରେ ହିଁ ଅଂଚଳକୁ ଶାନ୍ତି ଫେରିବ । ଶିକ୍ଷା ମାଧ୍ୟମରେ ହିଁ ମାଓବାଦୀମାନେ ସମାଜର ମୁଖ୍ୟସ୍ରୋତକୁ ଫେରିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାଙ୍କୁ ସ୍କୁଲ ବ୍ୟାଗ ଓ ମହିଳାଙ୍କୁ ଶାଢି, ଗାମୁଛା ବଂଟନ କରାଯାଇଥିଲା ।

## ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଗଞ୍ଜେଇ ମାଫିଆ ଗିରଫ

ଜୟପୁର, (ହି.ସ.): ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନା କରି ଗଞ୍ଜେଇ ମାଫିଆ ଗିରଫ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା ରାଜସ୍ଥାନର ମହେନ୍ଦ୍ର ସିଂ (୪୮) । ପୋଲିସ ସୂଚନା ଅନୁଯାଇ ରାଜସ୍ଥାନର ଅଭିଯୁକ୍ତ ମହେନ୍ଦ୍ର ସିଂ ଗଞ୍ଜେଇ ମାମଲାରେ ଗିରଫ ହୋଇ ଜେଲରେ ଥିଲେ । ସେ ୧୯ ଜୁନ୍ ୨୦୨୨ ତାରଖ ଠାରୁ ଜେଲରେ ଥିଲେ । ହାଇକୋର୍ଟଙ୍କ ଦ୍ୱାରା ୬ ସପ୍ତାହ ପାଇଁ ଅନ୍ତରୀଣ ବେଲ ପାଇ ଘରକୁ ଯାଇଥିଲେ । କିନ୍ତୁ ୬ ସପ୍ତାହ ଶେଷ ହୋଇଥିଲେ ମଧ୍ୟ କୋର୍ଟରେ ଆତ୍ମ ସମର୍ପଣ କରିନଥିଲେ। ଏନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୁଣି ରାଜସ୍ଥାନର ଦୁଦବା ଗ୍ରାମକୁ ପୋଲିସ ଯାଇ ଅଭିଯୁକ୍ତଙ୍କୁ ଗିରଫ କରି ଆଣି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ଡୁମାଲ ସମାଜର ସାଙ୍ଗଠାନିକ ବୈଠକ

ବଲାଙ୍ଗିର, (ହି.ସ): ଡୁମାଲ ସମାଜ ବଲାଙ୍ଗିର ଜିଲ୍ଲାର ର ଏକ ସାଙ୍ଗଠାନିକ ବୈଠକ ଯାଦବ ଭବନ ଠାରେ ଜିଲ୍ଲା ସଭାପତି ଲମ୍ବୋଧର ମହାକୁର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ପରିଷଦକୁ ପ୍ରତିନିଧିତ୍ୱ କରୁଥିବା ୬ ଜଣ ସଭ୍ୟ ଦୟାନିଧି ଖମାରୀ, ଚକାନନ୍ଦ କମ୍ପ, ପ୍ରଫୁଲ୍ଲ ବଘାର, ନାରାୟଣ କମ୍ପ, ସୁବଳ ଖମାରୀ, ବୃଷୁବ ଦନ୍ତା ଙ୍କୁ ବୈଠକରେ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ୧୪.୦୫.୨୦୨୩ ତାରିଖରେ ବଲାଙ୍ଗିର ରେ ରାଜ୍ୟ ପରିଷଦ ଗଠନ କରାଯିବାକୁ ସ୍ଥିର କରାଯାଇଥିବାରୁ ଏହା ଆମ ପାଇଁ ସମ୍ମାନର ପ୍ରଶ୍ନ ଭାବରେ ଗ୍ରହଣ କରିବାକୁ ସଭାପତି ମତପ୍ରକାଶ କରିଥିଲେ ଏବଂ ସମସ୍ତ ସକ୍ରିୟ ସଭ୍ୟ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ୬୦ ଘର ଡୁମାଲ ସମାଜର ଏକ ଭବନ ବଲାଙ୍ଗିର ସହରାଞ୍ଚଳରେ ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ ହୋଇଥିଲା । ବଲାଙ୍ଗିର ସହରାଞ୍ଚଳ ସଭାପତି ସଂଜୟ କୁମାର ମହାକୁର ଡୁମାଲ ଭବନ ପାଇଁ ଜମି ଓ ସମନ୍ୱୟ କମିଟି ଗଠନ ଉପରେ ସୂଚନା ଦେଇଥିଲେ। ଭବନ ନିର୍ମାଣ ନିମନ୍ତେ ୨୭ଟି ଚକର ସଭାପତି, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ, ସହରାଞ୍ଚଳ କମିଟି ଓ ଉପଦେଷ୍ଟା ମଣ୍ଡଳିର ସଭ୍ୟଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା।



# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ପାରଳାଖେମଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍.କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରୋମାଞ୍ଚଳ ଖମାରୀ , ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରାଜେନ୍ଦ୍ର ମିଞ୍ଜ, ପ୍ରକଳ୍ପ ପ୍ରଶାସକ, ସ୍ୱମନିତ ଅଧିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ ଫାଲଗୁନୀ ମାଝୀ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଜିଲ୍ଲା ସଦର ମହକୁମା ସମେତ ପାରଳାଖେମୁଣ୍ଡି ପୌରପରିଷଦ ସମେତ କେରାଣ୍ଡି,କତଲକଇଠା, ବାଘଷାଳ, ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ – ୩୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା– ୩୦ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା– ୯, ୬ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି ଏବଂ ତିନି ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୨୦୦୦/– ଟଙ୍କା ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳ ସେଚନ, ଗୃହ ନିର୍ମାଣ, ରାସନ୍ କାର୍ଡ, ମନରେଗା, ଶିକ୍ଷା, ବ୍ୟାଙ୍କ ଲୋନ୍,ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା. ମିଳିତ ଜନ ଅଭିଯୋଗ ଶୁଣାଣିରେ ଆବେଦନର ତୁରନ୍ତ ଫଇସଲା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଜନ ଅଭିଯୋଗ ଶୁଣାଣୀ ନୋଡାଲ ଅଧିକାରୀ ନର୍ମଦା ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

*ଭୋଟ ପାଇଯାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

**-ଡକ୍ଟର ହରେକୃଷ୍ଣ ମହତାବ**

**ପ୍ରଜାତନ୍ତ୍ର**

**ତା ୩୧।୦୫।୨୦୨୩ ■ ବୁଧବାର**

# ସୁବିଧାବାଦୀ ପଦକ୍ଷେପ

ବିହାରରେ ଜଣେ ଆଇଏଏସ୍ ଅଫିସରଙ୍କ ହତ୍ୟା ମାମଲାରେ ଜେଲ୍ ଭୋଗୁଥିବା ପୂର୍ବତନ ସାଂସଦ ତଥା ବାହୁବଳୀ ନେତା ଆନନ୍ଦମୋହନଙ୍କୁ ଗତ ମଙ୍ଗଳବାର ଦିନ ଖଲାସ କରି ଦିଆଯାଇଛି । ଖାସ୍ କଥା ହେଉଛି ଏହି ଖଲାସ କରାଯିବାର ବାଟ ସେହି ନୀତିଶକୁମାର ସରକାର କରିଛନ୍ତି ଯିଏକି ଅତୀତରେ ସୁଶାସନ ବାବୁ ଭାବେ ସରକାର ଚଳାଉଥିଲେ । ଶାସନକୁ ନେଇ ନୀତିଶକୁମାର ନିଜର ସ୍ୱଚ୍ଛ ଛବି ଲାଗି ବେଶ୍ ଖ୍ୟାତି ଲାଭ କରିଛନ୍ତି । ତାଙ୍କର ସବୁଠାରୁ ବଡ଼ ରାଜନୈତିକ ପୁଞ୍ଜି ହେଉଛି ସିଏ ବିହାରରେ ଆଇନର ଶାସନକୁ କାଏମ କଲେ । ଅବଶ୍ୟ ଏ ଧାରଣାକୁ ଭୁଲ ପ୍ରମାଣିତ କରିବାଲାଗି ଲଗାତାର ଉଦ୍ୟମ ହୋଇଆସିଛି, କିନ୍ତୁ ନୀତିଶକୁମାର ବାରମ୍ବାର ରାଜନୈତିକ ପଦକ୍ଷେପ ବଦଳାଉଥିଲେ ମଧ୍ୟ ଏକଥା ସୁନିଶ୍ଚିତ କରିବା ଲାଗି ପ୍ରୟାସ ଅବଶ୍ୟ କରିଆସିଛନ୍ତି ଯେପରି ଏହି ଧାରଣା ତାଙ୍କର ବଳବତ୍ତର ରହିବ । ତେବେ ତାଙ୍କ ସରକାର ଯେପରି ଭାବେ ପ୍ରଥମେ ଜେଲ ନିୟମାବଳୀରେ ପରିବର୍ତ୍ତନ କରି ସରକାରୀ ଅଧିକାରୀଙ୍କ ହତ୍ୟାରେ ସାମିଲ ଲୋକଙ୍କୁ କ୍ଷମା କରିବାର ବ୍ୟବସ୍ଥା କଲେ ଓ ତା'ପରେ ସେଇ ଧାରାକୁ ବ୍ୟବହାର କରି ଆନନ୍ଦମୋହନଙ୍କୁ ଜେଲରୁ ମୁକୁଳାଇଲେ, ତାହାକୁ ଆଉ କୌଣସି ରୂପେ ବ୍ୟାଖ୍ୟା କରିବା ସମ୍ଭବପର ନୁହେଁ ।

ଅବଶ୍ୟ ଜେଲ ନିୟମାବଳୀରେ ପରିବର୍ତ୍ତନ କରାଯିବା ଫଳରେ ଫାଇଦା କେବଳ ଆନନ୍ଦମୋହନଙ୍କୁ ମିଳିଲା ତା' ନୁହେଁ, ବରଂ ତାଙ୍କ ସହ ଆହୁରି ଅନେକ କଏଦୀଙ୍କୁ ମଧ୍ୟ ମିଳିଛି, କିନ୍ତୁ ପ୍ରଶ୍ନ ହେଉଛି ଏପ୍ରକାର ସଂଶୋଧନର ଆବଶ୍ୟକତା କାହିଁକି ଅନୁଭବ କରାଗଲା ? ଅବଶ୍ୟ ଏହି କଏଦୀ ଖଲାସ ହେବା ପଛରେ ସବର୍ଣ୍ଣ ଭୋଟ ବହୁଳ ସଂଖ୍ୟାରେ ବିଭାଜିତ କରିବାର ଉଦ୍ଦେଶ୍ୟ ନିହିତ ରହିଛି । ଏହା ଛଡ଼ା ଅନ୍ୟ କୌଣସି କାରଣ ଥିବା ଜଣାଯାଉ ନାହିଁ । ଏହା ବାସ୍ତବରେ ଏପରି ଏକ ବିନ୍ଦୁ ଯାହା କେବଳ ନୀତିଶକୁମାରଙ୍କୁ ନୁହେଁ, ବରଂ ଆଜିର ସମୁଚ୍ଚ ରାଜନୀତିକୁ କାଠଗଡ଼ାରେ ଛିଡ଼ା କରିଦେଇଛି । ଆନନ୍ଦମୋହନଙ୍କ କଥା ଯଦି ବିବେଚନା କରାଯାଏ ତେବେ ଶାସକ ଦଳ ହେଉ କି ବିରୋଧୀପକ୍ଷ ଏପରି କେହି ନାହାନ୍ତି ଯିଏକି ଆନନ୍ଦମୋହନଙ୍କୁ ନିଜ ପାଇଁ ବ୍ୟବହାର କରିନାହାନ୍ତି । ତାଙ୍କୁ ଖଲାସ କରିବା ଲାଗି ଅଧିକାଂଶ ରାଜନୈତିକ ଦଳମାନଙ୍କର ନେତାଗଣ ବୟାନ ଦେଇ ପରିବେଶ ସୃଷ୍ଟି କରିଚାଲିଥିଲେ । ଏ ମାମଲାରେ ନିଜକୁ ସବୁଠାରୁ ଅଲଗା ଓ ସ୍ୱଚ୍ଛ ବୋଲି କହୁଥିବା ନୀତିଶକୁମାର ମଧ୍ୟ ନିଜ ପୋଷାକରେ ମଇଳା ଲେପିବାର କାମ କରିବା ଅତ୍ୟନ୍ତ ପରିତାପର ବିଷୟ । କେବଳ ଭୋଟ ପ୍ରତିଶତ ବୃଦ୍ଧି କରିବା ଲାଗି ଏବଂ କ୍ଷେତ୍ର ବିଶେଷରେ ନିର୍ବାଚନରେ ଜିତିବା ଲାଗି ଏ ପ୍ରକାର ନିର୍ଣ୍ଣୟ ନିଆଯାଇଥିବା ଦିନକୁ ଦିନ ସ୍ପଷ୍ଟ ହେବାକୁ ଲାଗିଛି ।

କାଲିଯାଏ ନୀତିଶକୁମାର ଓ ବିରୋଧୀ ପକ୍ଷର ଅନ୍ୟ ସାଥୀଗଣ ଅନେକ ମାମଲାରେ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟିକୁ ଯେଉଁମାନେ ସମାଲୋଚନା କରିବାକୁ ଉଦ୍ୟମ କରୁଥିଲେ ସେମାନେ ଏବେ କେଉଁ ମୁହଁରେ ଆପତ୍ତି କରିବେ ? ଆଇନର ଶାସନ ଓ ସାମ୍ବିଧାନିକ ନୈତିକତାର ଦ୍ୱାହୀ ଦେଉଥିବା ବ୍ୟକ୍ତିମାନଙ୍କୁ ଲୋକେ ଆଉ କିପରି ବିଶ୍ୱାସ କରି କରିପାରିବେ ? ବରଂ ଅନେକ ହତୋତ୍ସାହିତ ହେବେ । ରାଜନୀତିର ସବୁ ଧାରା ଏ ନିର୍ଣ୍ଣୟ ଯୋଗୁଁ ନିରାଶ ହୋଇଛନ୍ତି । କିନ୍ତୁ ସବୁଠାରୁ ବଡ଼ କଥା ହେଉଛି ରାଜନୀତିର ଏ ପତନ ପଛରେ ଭୋଟ ପାଇବାର ଲାଳସା ରହିଛି ଯାହାକି ଜାତିଗତ ସମୀକରଣ ଉପରେ ଆଧାରିତ । ଭୋଟ ଦେବା ପଛରେ ଯେପ୍ରକାର ମାନସିକତା ଏବେ ପରିଲକ୍ଷିତ ହେଉଛି ତାହା ଅନେକଙ୍କୁ ବିମର୍ଶ କରୁଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସମୂହର ନିର୍ଣ୍ଣୟ ହିଁ ଶାସନ ପରିଚାଳନା କରିଥାଏ କିନ୍ତୁ ଲୋକଙ୍କୁ ଯଦି ସ୍ୱାର୍ଥକେନ୍ଦ୍ରିକ କରିଦିଆଯାଏ, ତେବେ ଉଚିତ ବ୍ୟକ୍ତି ନିର୍ବାଚନ ଲଢ଼ି ଜିତିବାର କିଛି ଗ୍ୟାରେଣ୍ଟି ନାହିଁ । ତଥାପି ଏତିକି କୁହାଯାଇପାରେ ଯେ ଅନ୍ତିମ ନିର୍ଣ୍ଣୟ ଭୋଟରମାନଙ୍କୁ ନେବାକୁ ହେବ । ସେ ଦୃଷ୍ଟିରୁ ବିହାରରେ ନିର୍ବାଚନ ପ୍ରତି ଭାରତର ନାଗରିକଙ୍କ ଦୃଷ୍ଟି ରହିବ ।□□

**-ଭର୍ତ୍ତୃହରି ମହତାବ**

# ଜୀବନର ମନ୍ତ୍ର

ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି । ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ । ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ ।

ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ ।

**ବିପିନ ବିହାରୀ ରାଉତ**
ଶ୍ରୀବିହାର କଲୋନୀ, କଟକ

# ସମଲିଙ୍ଗୀ ଓ ସର୍ବୋଚ୍ଚ ନ୍ୟାୟାଳୟ

**ଗୌରୀପ୍ରସାଦ ରଥ**

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଏକ ପାଞ୍ଚ ଜଣିଆ ଖଣ୍ଡପୀଠରେ ସମଲିଙ୍ଗୀମାନଙ୍କ ବିବାହକୁ ମାନ୍ୟତା ଦେବା ପ୍ରସଙ୍ଗରେ ଏବେ ଶୁଣାଣି ଚାଲିଅଛି । ସମଲିଙ୍ଗୀମାନଙ୍କ ତରଫରୁ ମକଦ୍ଦମା ଲଢୁଥିବା ଓକିଲ ମୁକୁଲ ରୋହତଗୀ ସମଲିଙ୍ଗୀ (ଏଲ୍‌ଜିବିଟିକ୍ୟୁଆଇଏ) ସମ୍ପ୍ରଦାୟ ନିମନ୍ତେ ବିବାହ ଘୋଷଣା କରାଯିବା ସେମାନଙ୍କର ମୌଳିକ ଅଧିକାର ବୋଲି ଯୁକ୍ତି ବାଢ଼ିଛନ୍ତି । କାରଣ ସେମାନଙ୍କୁ କରାଯାଉଥିବା ଉପହାସରୁ ମୁକ୍ତିମିଳିବା ଜରୁରୀ । ଏହି ସହ ସ୍ୱତନ୍ତ୍ର ବିବାହ ଆଇନରେ ମଧ୍ୟ ସେମାନଙ୍କୁ ପରିଚୟ ମିଳୁ । ପୂର୍ବରୁ ମଧ୍ୟ ଏ ବିଷୟରେ ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ତରଫରୁ ଏହାକୁ ବିରୋଧ କରାଯାଇଥିଲା । ଏଥରର ଶୁଣାଣି ସମୟରେ ମଧ୍ୟ ତାଙ୍କ ତରଫରୁ ବିରୋଧ କରାଯାଇଅଛି ।

ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟିରେ ପ୍ରଥମରୁ ପୁରୁଷ ଏବଂ ସ୍ତ୍ରୀ ନାରୀ ଏ ଦୁଇଟିର ସୃଷ୍ଟି ହୋଇଛି । କେବଳ ମନୁଷ୍ୟମାନଙ୍କ ମଧ୍ୟରେ ନୁହେଁ, ସମଗ୍ର ସୃଷ୍ଟିରେ ଯେତେ ରକମର ପ୍ରାଣୀ ଅଛନ୍ତି; ପଶୁ, ପକ୍ଷୀ ଆଦି ସମସ୍ତଙ୍କ ମଧ୍ୟରେ ପୁରୁଷ ଓ ନାରୀ ଅଛନ୍ତି । ଏହି ପୁରୁଷ ଓ ନାରୀ ପରସ୍ପର ପରସ୍ପରର ପରିପୂରକ । ସେହି ଭଳି ଭାବରେ ହିଁ ଏହି ସୃଷ୍ଟିର ସର୍ଜନା । ସୃଷ୍ଟିର ଆରମ୍ଭ କାଳରୁ ଆଜି ପର୍ଯ୍ୟନ୍ତ ତାହା ହିଁ ଦେଖାଯାଇଛି । କିଛି ଦିନ ତଳେ ବାହାରୁ ଆସିଥିବା ଚିତାବାଘମାନଙ୍କ ମଧ୍ୟରୁ ପୁରୁଷ ଚିତାବାଘଟି କୁଆଡ଼େ ଚାଲି ଯାଇଥିବାରୁ ବାଘୁଣୀଟି ପାଚେରୀ ଡେଇଁ ତାକୁ ଖୋଜିବାକୁ ଚାଲିଯାଇଥିବାର ଖବର ଶୁଣା ଯାଉଥିଲା । ଅନେକ ସମୟରେ ଚିଡ଼ିଆଖାନାମାନଙ୍କରେ ପୁରୁଷ ସାଥୀ ଅଥବା ନାରୀ ସାଥୀର ବିୟୋଗରେ ଅପରଟି ଦୁଃଖିତ ଥିବା କିମ୍ବା ଦୁଃଖରେ ମ୍ରିୟମାଣ ହୋଇ ମରି ଯାଇଥିବାର କଥା ଆମେ ଶୁଣିଆସୁଛୁ । କେବେ କୌଣସି ଜାଗାରେ ପୁରୁଷ ପଶୁପକ୍ଷୀ ପୁରୁଷ ପଶୁପକ୍ଷୀଙ୍କ ପାଇଁ କିମ୍ବା ନାରୀ ପଶୁପକ୍ଷୀ ନାରୀ ପଶୁପକ୍ଷୀଙ୍କ ପାଇଁ ଏଭଳି କରିଥିବାର ଶୁଣା ଯାଇନାହିଁ । ତେବେ ମଣିଷ କଣ ପଶୁପକ୍ଷୀମାନଙ୍କଠାରୁ ଏତେ ହୀନ ହୋଇଗଲା ଯେ ପୁରୁଷ ପୁରୁଷକୁ ଏବଂ ନାରୀ ନାରୀକୁ ବିବାହ କରିବାକୁ ବାହାରି ପଡ଼ିଲା ? ପ୍ରକୃତି ତାହା ହେଲେ ଗୋଟିଏ ପୁରୁଷ ଓ ଗୋଟିଏ ନାରୀ ଗଢ଼ିଥିଲା କାହିଁକି ? ପୁରୁଷ- ନାରୀର ସମ୍ପର୍କ ପ୍ରାକୃତିକ ସମ୍ବନ୍ଧ । ପୁରୁଷ-ନାରୀର ସମ୍ବନ୍ଧରୁ ସନ୍ତାନ ଉତ୍ପତ୍ତି ହୁଅନ୍ତି ଓ ସୃଷ୍ଟି ରକ୍ଷା ହୁଏ । ନାରୀ-ନାରୀ, ପୁରୁଷ-ପୁରୁଷ ମଧ୍ୟରେ ସମ୍ବନ୍ଧରୁ କଣ ଉତ୍ପନ୍ନ ହୁଏ ? ତା ଦ୍ୱାରା ସୃଷ୍ଟିର କଣ ଉପକାର ହୁଏ ? ତେଣୁ ଏ ଭଳି ସମଲିଙ୍ଗୀତ୍ୱ ହେଉଛି ପ୍ରକୃତିର ସଂପୂର୍ଣ୍ଣ ବିରୋଧୀ । ଅପ୍ରାକୃତିକ ସମ୍ବନ୍ଧ । ଏହା କାହାରି ମଙ୍ଗଳ ସାଧକ ନୁହେଁ ।

ଦ୍ୱିତୀୟତଃ ଭାରତ ହେଉଛି ଏକ ସଂସ୍କୃତି ସମ୍ପନ୍ନ ପ୍ରାଚୀନ ରାଷ୍ଟ୍ର, ମୁନି-ଋଷିମାନଙ୍କ ଦ୍ୱାରା ବହୁ ସାଧନା-ଗବେଷଣାର ଫଳ ସ୍ୱରୂପ ଭାରତକୁ ଏ ସାଂସ୍କୃତିକ ବୈଭବ ପ୍ରାପ୍ତ ହୋଇଛି । ବିବାହ ମନୁଷ୍ୟ ଜୀବନର ଏକ ପ୍ରମୁଖ ସଂସ୍କାର । ବିବାହ କେବଳ ଦୁଇ ପ୍ରାଣୀଙ୍କର ଶରୀରିକ କ୍ଷୁଧା ମେଣ୍ଟାଇବା ବ୍ୟବସ୍ଥା ନୁହେଁ । (ଅପ୍ରାକୃତିକ ଭାବେ ସମ୍ବନ୍ଧ ମଧ୍ୟ ଶାରୀରିକ କ୍ଷୁଧା ମେଣ୍ଟାଇବାରେ ସକ୍ଷମ ନୁହେଁ ।) । ଆମର ଏକ ସୁସଂସ୍କୃତ ସଭ୍ୟ ସମାଜ ରହିଛି । ସମାଜ ମଧ୍ୟରେ ଅନେକ ପରିବାର ରହିଛନ୍ତି । ସମାଜର ଏକ ସଂସ୍କୃତି ଅଲିଖିତ ନିୟମ ରହିଛି । ଯାହାକି ସମାଜକୁ ସୁଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ସୁଖ ଶାନ୍ତି ପ୍ରଦାନ କରିପାରିବ । ସେହି ସମସ୍ତ ନିୟମଗୁଡ଼ିକୁ ଅବଲମ୍ବନ କରି କାହିଁ କେଉଁ ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ଆମ ସମାଜ ଚାଲି ଆସିଛି । ଜଣେ ପୁରୁଷ ଜଣେ ସ୍ତ୍ରୀକୁ ବିବାହ କରେ, ତା' ମାନେ ସଂପର୍କ କେବଳ ସେ ଦୁହିଁଙ୍କ ମଧ୍ୟରେ ସୀମିତ ରହେ ନାହିଁ । ସେ ଝିଅଟି କାହାର ବୋହୂ ହୁଏ କାହାର ନଣନ୍ଦ ତ କାହାର ଖୁଡ଼ି, କାହାର ମାଇଁ ତ କାହାର ଯା' ଏହିଭଳି ଭାବରେ ତାକୁ ଗୋଟିଏ ବଡ଼ ପରିବାର ମିଳିଯାଏ । ତା'ର ସୁଖ ଦୁଃଖ ବାଣ୍ଟିନେବା ପାଇଁ ବହୁ ଲୋକ ମିଳି ଯାଆନ୍ତି । ସେହିମାନେ ପରିବାରକୁ ଆଗେଇ ନେଇଥାନ୍ତି । ସେମାନେ ନିଜର ସନ୍ତାନମାନଙ୍କୁ ପିତା-ମାତାର ପରିଚୟ ଦିଅନ୍ତି । ବିବାହ ଏକ ସୁଶୃଙ୍ଖଳିତ ସୁସଂସ୍କୃତ ପାରିବାରିକ ସାମାଜିକ ବ୍ୟବସ୍ଥା । ଏହା ଦ୍ୱାରା ଦୁଇଟି ଆତ୍ମାର ମିଳନ ହେବା ସଙ୍ଗେ ସଙ୍ଗେ ଦୁଇଟି ପରିବାରର ଦୁଇଟି ସଂସାର ମିଳନ ହୋଇଥାଏ । ତେଣୁ ବିବାହକୁ ଏକ ପବିତ୍ର ବନ୍ଧନ ବୋଲି ଭାରତୀୟ ସଂସ୍କୃତିରେ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତିରେ ସମଲିଙ୍ଗୀର ପ୍ରଶ୍ନ ଉଠେ କେଉଁଠି ? ଏହା ଦ୍ୱାରା କାହାର କାହା ସହିତ ମିଳନ ହୁଏ ? କେଉଁ ପାରିବାରିକ ସାମାଜିକ ଶୃଙ୍ଖଳା ଓ ସଂସ୍କାର ପାଳନ କରାଯାଇଥାଏ ? ଏମାନେ ସନ୍ତାନ ଉତ୍ପତ୍ତି କରି ପାରନ୍ତି କି ? ସୃଷ୍ଟିର କେଉଁ ଲକ୍ଷ୍ୟକୁ ଏମାନେ ସାଧନ କରିଥାନ୍ତି ?

ଏଭଳି ଏକ ସ୍ପର୍ଶକାତର ବିଷୟ ଯେତେବେଳେ ଭାରତ ଭଳି ଏକ ସଂସ୍କୃତି ସମ୍ପନ୍ନ ପ୍ରାଚୀନ ରାଷ୍ଟ୍ରର ସର୍ବୋଚ୍ଚ ନ୍ୟାୟାଳୟରେ ଆସି ପହଞ୍ଚିଛି ତା'ର ବିଚାର ମଧ୍ୟ ସେହିଭଳି ହେବା ଆବଶ୍ୟକ । କେବଳ କିଛି ପାଶ୍ଚାତ୍ୟ ଭୋଗବାଦୀ ସଂସ୍କୃତିର ଦେଶମାନଙ୍କର ଉଦାହରଣକୁ ଆଧାର କରି ଏଭଳି ଏକ ସମ୍ବେଦନଶୀଳ ବିଷୟରେ ବିଚାର ହେଲେ ଭାରତକୁ ନ୍ୟାୟ ମିଳିବାରେ ଅସୁବିଧା ହେବ । ଭାରତତ ଗୋଟିଏ ଦେଶର ଭୌଗୋଳିକ ସ୍ଥିତି, ଜଳବାୟୁ ଏବଂ ବିଚାରଧାରାକୁ ନେଇ ସେ ଦେଶର ଆଚାର ବ୍ୟବହାର ଆଦି ହୋଇଥାଏ । ଅନେକ ଦିନରୁ ଚାଲି ଆସୁଥିବା ଏହି ଭଳି ବୈଚାରିକ ଅଧିଷ୍ଠାନର ଆଚରଣକୁ ସଂସ୍କୃତି କୁହାଯାଏ । ତେଣୁ ଏ ଦେଶର ସଂସ୍କୃତି, ଜନଭାବନା ଏବଂ ଯୁଗଯୁଗରୁ ପ୍ରଚଳିତ ହୋଇ ଆସିଥିବା ଆଚାରକୁ ମଧ୍ୟ ବିଚାରକୁ ନେବାର ଆବଶ୍ୟକତା ରହିଛି । ଆବେଦନକାରୀଙ୍କ ପକ୍ଷରୁ ଓକିଲ ଏଲଜିବିଯି କ୍ୟୁଆଇଏ ସଂପ୍ରଦାୟକୁ ଉପହାସରୁ ମୁକ୍ତି ମିଳିବା ଜରୁରୀ ଏବଂ ବିବାହ ସେମାନଙ୍କର ମୌଳିକ ଅଧିକାର ବୋଲି ଯେଉଁ ଯୁକ୍ତି ଦେଖାଉଛନ୍ତି ଏବଂ ମାନ୍ୟବର ମୁଖ୍ୟ ବିଚାରପତି ଯଦି କୌଣସି ସମଲିଙ୍ଗୀ ଯୋଡ଼ି ରିଲେସନସିପ୍‌ରେ ରହୁଛନ୍ତି, ସେମାନେ ଶିଶୁଙ୍କୁ ପୋଷ୍ୟଭାବରେ ଗ୍ରହଣ କରିପାରିବେ ବୋଲି କହିଛନ୍ତି, ଏ ବିଷୟରେ ବିଚାର କରିବା କଥା । ପ୍ରଥମତଃ ଏ ଭଳି ଲୋକଙ୍କୁ କୌଣସି ଆଇନ କିମ୍ବା ନ୍ୟାୟାଳୟର ନ୍ୟାୟ ପରିହାସରୁ ମୁକ୍ତି ଦେଇ ପାରିବ ନାହିଁ, ବିଶେଷ କରି ଏହି ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ । ଦ୍ୱିତୀୟତଃ ବିବାହ ସମଗ୍ର ସୃଷ୍ଟିରେ ଜଣେ ପୁରୁଷ ସହିତ ଜଣେ ସ୍ତ୍ରୀର ହୋଇଥାଏ । ପୁରୁଷ-ପୁରୁଷ କିମ୍ବା ସ୍ତ୍ରୀ-ସ୍ତ୍ରୀର ବିବାହକୁ କଣ ବିବାହ କୁହାଯାଇପାରିବ ? ଏଥିରେ ବର କିଏ ଓ କନ୍ୟା କିଏ ? ତୃତୀୟତଃ ମାନ୍ୟବର ମୁଖ୍ୟ ବିଚାରପତି ସମଲିଙ୍ଗୀଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ କହିଛନ୍ତି । ସନ୍ତାନଟି କାହାକୁ ବାପା ଓ କାହାକୁ ମା' ବୋଲି ଡାକିବ ? କାହିଁକି ନାଁ ସାରା ସୃଷ୍ଟିରେ ପୁରୁଷକୁ ବାପା ଓ ମା'ର ସମମତା ଦେଉଥିବା ମା'କୁ ମା' ବୋଲି ଡାକି ଥାଆନ୍ତି । ଜଣେ ପୁରୁଷକୁ ମା କିମ୍ବା ଜଣେ ନାରୀକୁ ବାପା ବୋଲି ଡାକିବା କେମିତି ? ଏସବୁ ବ୍ୟବସ୍ଥା ଭୋଗବାଦୀ ସଂସ୍କୃତିର ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ପ୍ରଯୁଜ୍ୟ ହୋଇପାରେ ମାତ୍ର ଭାରତ ଭଳି ଏକ ସଂସ୍କୃତି ସମ୍ପନ୍ନ, ବିଚାର ବୈଭବଯୁକ୍ତ, ଧାର୍ମିକ, ଆଧାତ୍ମିକ, ସାମାଜିକ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର ପାଇଁ ଏଭଳି ପ୍ରକୃତି ଓ ସଂସ୍କୃତି ବିରୋଧୀ, ସମାଜରେ ଅନାଚାର ସୃଷ୍ଟି କରୁଥିବା କୌଣସି ଆଇନ କିମ୍ବା ନ୍ୟାୟାଳୟର ନ୍ୟାୟକୁ ଭାରତୀୟ ଜନମାନସ ଉପରେ ଲଦି ଦେବା ଉଚିତ ନୁହେଁ । ଭାରତବର୍ଷର ସାମାନ୍ୟ ନାଗରିକ ଏହାକୁ କେବେହେଲେ ଗ୍ରହଣ କରିପାରିବେ ନାହିଁ । ହୁଏତ କିଛି ସୂକ୍ଷ୍ମ ବ୍ୟକ୍ତି ବିଶେଷଙ୍କର ବ୍ୟସନ ହୋଇପାରେ । ମାନ୍ୟବର ମୁଖ୍ୟ ବିଚାରପତିଙ୍କ ଅନୁସାରେ ଜଷ୍ଟିସ୍ ସୌରଭ କୃପାଲ ଜଣେ ସମଲିଙ୍ଗୀ ହୋଇଥିବାରୁ ତାଙ୍କର ପଦୋନ୍ନତିକୁ କେନ୍ଦ୍ର ସରକାର ବିରୋଧ କରିଥିଲେ । ଅର୍ଥାତ୍ ଏହିଭଳି କିଛି ଲୋକଙ୍କର ସମଲୈଙ୍ଗିକ ବ୍ୟବହାର ଏକ ବ୍ୟସନ ହୋଇପାରେ କିନ୍ତୁ ଭାରତର ଜନ ସାଧାରଣଙ୍କର ନୁହେଁ ।

ଭାରତକୁ ଭାରତ ହୋଇ ରହିବାକୁ ଦେଲେ ଏଭଳି ସଂସ୍କୃତି ବିରୋଧୀ ସମାଜରେ ଅନାଚାର ସୃଷ୍ଟି କରୁଥିବା କୌଣସି ନ୍ୟାୟାଳୟର ନ୍ୟାୟ କିମ୍ବା ଆଇନ ସର୍ବଦା ବର୍ଜନୀୟ ଅଟେ ।

ମୋ. - ୯୪୩୭୦୬୬୪୭୪

# ସ୍ୱାଭିମାନର କଥା

**ବୈଷ୍ଣବ ମେହେର**

ହୁଏତ ଆଉ କିଛି ଦିନ ପରେ ସ୍ୱାଭିମାନର ପ୍ରକୃତ ଅର୍ଥକୁ ଆମେ ଭୁଲି ଯାଇପାରୁ । ସେତେବେଳେ ସ୍ୱାଭିମାନକୁ ଜଗିରଖି ଚଳୁଥିବା ମଣିଷଟିଏ ଖୋଜି ବାହାର କରିବା ସବୁଠାରୁ ବଡ଼ ମୁସ୍କିଲ ବ୍ୟାପାର ହୋଇ ଯାଇଥିବ । ସଂପ୍ରତି ଯେଉଁ ବେଗରେ ମଣିଷ ନିଜର ନୈତିକତାକୁ ଜଳାଞ୍ଜଳି ଦେବାରେ ଲାଗିଛି, ତାକୁ ଦେଖିଲେ ଏ ଆଶଙ୍କା ଅତ୍ୟନ୍ତ ସ୍ୱାଭାବିକ ମନେ ହୁଏ । ଆମେ ଭୁଲି ଯାଉଛୁ ଯେ ଆମେ ସେହି ଓଡ଼ିଆ ମାଟିର ସନ୍ତାନ ଯେଉଁଠି ମଧୁବାବୁଙ୍କ ଭଳି ପ୍ରଶସ୍ତ ଏବଂ ଦାମ୍ଭିକ ହୃଦୟର ବ୍ୟକ୍ତିତ୍ୱଙ୍କ ଜନ୍ମଲାଭ ଘଟିଥିଲା । ଯିଏ ନିଜ ଜୀବନରେ କେବେ କୌଣସି ପରିସ୍ଥିତିରେ ନିଜ ସ୍ୱାଭିମାନ ଉପରେ ତିଳେ ମାତ୍ର ଆଂଚ ଆସିବାକୁ ଦେଇ ନଥିଲେ । ଧନ, ମାନ, ପତିପତ୍ତି, ଶକ୍ତି, ସାମର୍ଥ୍ୟ, କ୍ଷମତା ସବୁ ନିମିତ୍ତ ମାତ୍ର । ମଣିଷର ପ୍ରକୃତ ପରିଚୟ ହେଉଛି ତାର ମୌଳିକତା ଆଉ ସ୍ୱାଭିମାନ ବୋଲି ମଧୁବାବୁ ବାରମ୍ବାର କହିବା ଓ କରି ଦେଖାଇବା ସତ୍ତ୍ୱେ ଏଜାତି କ'ଣ ବୁଝିଲା କେଜାଣି ମଧୁବାବୁଙ୍କ ପ୍ରିୟ ଓଡ଼ିଶାରେ ଓଡ଼ିଆଙ୍କ ସ୍ୱାଭିମାନ ଆଜି ଭୁଲୁଣ୍ଠିତ କହିଲେ ଭୁଲ ହେବ ନାହିଁ । ଯେଉଁ ମଧୁବାବୁ ଗରୀବଗୁରୁବାଙ୍କୁ ଦୁଧ ବିକ୍ରି କରୁଥିବା ଜାଣି ନିଜ ଘରର ଚାକରକୁ ଭର୍ତ୍ସନା କରି ସେହିଦିନ ଠାରୁ ମାଗଣାରେ ଦୁଧ ବାଣ୍ଟିବାକୁ ଆଦେଶ ଦେଇଥିଲେ । ଋଣ ଆଣି ନିଜେ ଦେବାଳିଆ ସିନା ହୋଇଯିବେ କିନ୍ତୁ ଜୋତା ତିଆରିରେ ସାମାନ୍ୟତମ ଭେଜାଲକୁ କଦାପି ବରଦାସ୍ତ କରିବା ତାଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ସାଧାରଣଜନତାଙ୍କ ସେବା ହିଁ ଏକମାତ୍ର ଲକ୍ଷ, ପେଟପାଟଣା ପାଇଁ ସେ ରାଜନୀତିକୁ ଆସି ନଥିବା କହି ଦରମାକୁ ବିରୋଧ କରିବାକୁ ଯାଇ ମଂତ୍ରୀ ପଦରୁ ଇସ୍ତଫା ଦେଇଥିବା ମଧୁବାବୁ ବର୍ତ୍ତମାନର ଲୋକଙ୍କ ଦୁର୍ନୀତି କରିବାରେ ପ୍ରତିଯୋଗିତା ଏବଂ ରାଜନେତାଙ୍କ ଦରମା ବୃଦ୍ଧିର ଦାବିକୁ ଦେଖି ଆଜି ଥିଲେ ସେ କିଭଳି ବିବ୍ରତ ପ୍ରକାଶ କରନ୍ତେ ତାହା ସହଜେ ଅନୁମେୟ । ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ କରି ଏକ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନରେ ମଧୁବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏଯାଏଁ ପୂରଣ ହୋଇ ସାରିଥିବା ଭଳି ଲାଗୁନି । ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଭଳି ରାଜ୍ୟ ଆଜି ବି ଓଡ଼ିଶାର ଅନେକ ଅଂଚଳକୁ ନିଜ ଅକ୍ତିଆରରେ ନେଇଛନ୍ତି ଅଥବା ନିଜ ଅଧିନକୁ ନେବାର ଚେଷ୍ଟା ଚଲାଇଛନ୍ତି । ଏହିସବୁ ରାଜ୍ୟ ସହ ଆମର ଜଙ୍ଗଲ, ଜମି, ନଦୀ, ଜଳ ଆଦିର ଆବଣ୍ଟନକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ । ଅପରପକ୍ଷେ ଆମର ନେତୃବର୍ଗ ଏସବୁ ସମସ୍ୟାର ସମାଧାନ ଆଡ଼କୁ ନଯାଇ ରାଜନୀତି ନାଁରେ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗି ହୋଇ ସେସବୁ ସମସ୍ୟାକୁ ଅଧିକ ଗୁରୁତ୍ୱର କରିବା ଦ୍ୱାରା ସେମାନଙ୍କ କେଉଁ ସ୍ୱାଭିମାନର ପରିପ୍ରକାଶ ଘଟୁଛି ତାହା ପ୍ରଭୁ ଜଗନ୍ନାଥଙ୍କୁ ଜଣା ।

୧୯୪୭ ଯାଏଁ ଓଡ଼ିଶାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମ ଭଳି ଛଅଟି ଜିଲ୍ଲା ଓ ୧୯୪୮ରେ ଗଡ଼ଜାତ ମିଶ୍ରଣ ପରେ ପୁଣି ଛଅଟି କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼, ଫୁଲବାଣୀ, ଢେଙ୍କାନାଳ, କେନ୍ଦୁଝର ଗଠନ ପରେ ୧୯୪୯ ଜାନୁଆରୀ ୧ ରେ ମୟୂରଭଞ୍ଜର ଗଠନ ହୋଇ ସମୁଦାୟ ୧୩ ଗୋଟି ଜିଲ୍ଲା ରହି ଆସିଥିଲା ବେଳେ ପ୍ରଶାସନୀକ ସୁବିଧା ଦୃଷ୍ଟିରୁ ୧୯୯୧ ରେ ୧୩ରୁ ବର୍ତ୍ତମାନର ୩୦ଟି ଜିଲ୍ଲାକୁ ପରିବର୍ଦ୍ଧିତ କରାଯାଇଥିଲା । ତଥାପି କେଉଁଠି ତୃଟି ରହିଯାଉଛି ଯେ, ଆଂଚଳିକ ବୈଶମ୍ୟତାର ଅଭିଯୋଗ କରି କିଛି ଅଂଚଳ ଓଡ଼ିଶାରୁ ବିଚ୍ଛିନ୍ନ ହେବାର ଦାବି କରୁଛନ୍ତି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗର ତୁରନ୍ତ ଆବଶ୍ୟକ ସମାଧାନ ହେଲେ ହିଁ ଓଡ଼ିଆ ମାଟିର ମଙ୍ଗଳ ହେବ । ଓଡ଼ିଶାରେ ବିସ୍ତୀର୍ଣ୍ଣ ଉର୍ବର ଭୂମି, ଶହଶହ କି.ମି.ର ସମୁଦ୍ର ତଟ, ଅରଣ୍ୟ ସମ୍ପଦ, ଖଣିଖାଦାନ, ଭରପୁର ମାନବ ସମ୍ବଳ ଥାଇ ସୁଦ୍ଧା ଶସ୍ୟ, ମତ୍ସ୍ୟ, ଶକ୍ତି, ଶିଳ୍ପ, ନିଯୁକ୍ତିରେ ଆମର ଯେତିକି ସୁଯୋଗ ସୃଷ୍ଟି ହେବା କଥା କାହିଁ ସେତେ ତ ଦେଖିବାକୁ ମିଳୁ ନାହିଁ । ଫଳରେ ପ୍ରତିବର୍ଷ ଲକ୍ଷଲକ୍ଷ ଓଡ଼ିଆ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇ ଯେଉଁ ହିନସ୍ତାକୁ ସାମନା କରୁଛନ୍ତି, ତାହା ଏ ମାଟିର ସ୍ୱାଭିମାନକୁ ତଳେ ପକାଉଛି । ଯେଉଁମାନେ କାମଧନ୍ଦା ଅନ୍ୱେଷଣରେ ବାହାରକୁ ଯାଉନାହାନ୍ତି, ସେମାନଙ୍କ ମଧ୍ୟରୁ ମାଳମାଳ ବେକାରୀ କୌଣସି ନା କୌଣସି ରାଜନୈତିକ ଦଳର ହାତବାରିସି ସାଜିଥିବା ଦେଖିବାକୁ ମିଳୁଛି । ସବୁଠାରୁ ବଡ଼କଥା ହେଲା ମାଗଣାଖିଆ ନିଶା ଆମକୁ ଏମିତି ଘାରିଛି ଯେ, ଠକିଭଣି ଯିଏ ଯେତେ ଅଧିକ ମାଗଣା ହଡ଼ପ କରିପାରେ ତା'ର ସେତେ ଅଧିକ ପାରିବାପଣ ଥିବାର ବିଚାର କରାଯାଏ । ନିଃସହାୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ଘର, ଚାଉଳ, ଆହାର ସହ ବନ୍ୟା, ମରୁଡ଼ି, ଅଗ୍ନି ବିପନ୍ନଙ୍କ ସହଯୋଗ ରାଶିକୁ ହାତେଇବାରେ ବଡ଼ବଡ଼ିଆଙ୍କ ପ୍ରତିଯୋଗିତାକୁ ଦେଖିଲେ ଆମର ଦୁର୍ବଳ ସ୍ୱାଭିମାନର ନିଛକ ଚିତ୍ର ସ୍ପଷ୍ଟ ଦିଶେ । ଧନ୍ୟ ଆମର ଓଡ଼ିଆ ଚିନ୍ତା ଓ ଚେତନା, କଥାକଥାରେ ଇଂରାଜୀ ପ୍ରୀତି ଆମର କେଉଁ ଇଜ୍ଜତକୁ ଅବା ବଢ଼ାଉଛି କେଜାଣି ! ଛୁଆପିଲାଙ୍କୁ କଥା ଶିଖାଇବା ଠାରୁ ଆରମ୍ଭ କରି ଏକୋଇଶିଆ, ବିବାହବ୍ରତ ଆଦିର ନିମଂତ୍ରଣ ପତ୍ରଛପା, ନାମଫଳକ ଆଦିରେ ଓଡ଼ିଆ ଭାଷାର ଉପେକ୍ଷା ଏବେ ଦେଖସୁହା ହେଲାଣି । ଧିକ୍ ଆମକୁ ଶହଶହ ବର୍ଷ ଧରିଏଇଠି ରହି ବ୍ୟବସାୟ କରି ଆମକୁ ଲୁଟୁଥିବା ଅଣଓଡ଼ିଆଙ୍କ ଠାରେ କଥାବାର୍ତ୍ତା ହେଲା ବେଳେ ଆମେ କେତେ ଗର୍ବରେ ସେମାନଙ୍କ ଭାଷାରେ କଥା କହୁ । ପାରମ୍ପରିକ ପ୍ରକ୍ରିୟାକୁ ଭୁଲି ଏବେ ଆମେ ବାର୍ଥ ଡେ, ୟୁନିଭରସାରି ଆଦି ପାର୍ଟି କରି କେକ୍ କଟା, ବଫେ ଖାନା ମାଧ୍ୟମରେ ନିଜ ସଂସ୍କୃତିକୁ ହିଁ ହତାଦର କରିଚାଲିଛୁ । ଜଣେ ଖାଣ୍ଟି ଓଡ଼ିଆ ଭାବରେ ବଂଚିବାକୁ ପ୍ରାଧାନ୍ୟ ଦେଉଛନ୍ତି । ତେବେ ଯାଇ ଏ ମାଟି, ଭାଷା, କଳା ସଂସ୍କୃତିର ବିକାଶ ଘଟିବ । ଏକଥାକୁ ହେଜି ପାରିଲେ ଓଡ଼ିଆଙ୍କ ସ୍ୱାଭିମାନ ନିଶ୍ଚିତ ଅତୁଟ ରହିବ ।

ସିନାପାଲି,ନୂଆପଡ଼ା
ମୋ: ୯୬୭୭୭୫୩୯୩୫

## ସଂପାଦକଙ୍କୁ ପତ୍ର

### ପୃଥିବୀ ପାଇଁ ଭୟଙ୍କର ସଂକଟ

ମହାଶୟ,

ସମ୍ପ୍ରତି ବିଶ୍ୱତାପନ ସମଗ୍ର ପୃଥିବୀ ପାଇଁ ଏକ ଭୟଙ୍କର ସଂକଟ ଭାବେ ଉଭା ହୋଇଛି । ମେରୁ ଅଞ୍ଚଳର ତାପମାତ୍ରା ବୃଦ୍ଧି ବିଶାଳ ବରଫ ଗଦାକୁ ତରଳାଇବା ଆରମ୍ଭ କଲାଣି । ଫଳରେ ଆଉ କିଛି ବର୍ଷ ପରେ ମହାସାଗର ସମୂହରେ ଜଳପତ୍ତନ ବୃଦ୍ଧି ପାଇବ ଓ ଭୂଭାଗର ବହୁ ଅଂଶ ଜଳାର୍ଣ୍ଣବ ହୋଇଯିବ । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବାୟୁମଣ୍ଡଳରେ ଥିବା ବିଭିନ୍ନ ଉପାଦାନ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଇଛି । ଅମ୍ଳଜାନ ପରିମାଣ ହ୍ରାସ ପାଇ ଚାଲିଥିବା ବେଳେ ଅଙ୍ଗାରକାମ୍ଳ ଗ୍ୟାସ ଓ ତାର ଅନ୍ୟାନ୍ୟ ଯୌଗିକ ପରିମାଣ ବଢ଼ିବାରେ ଲାଗିଛି । କଳ କାରଖାନା ଓ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ, କାର୍ବନ ମନୋକ୍ସାଇଡ଼, ନାଇଟ୍ରୋଜେନ ଯୌଗିକ ଗ୍ୟାସ ଓ ମିଥେନ ଭଳି ବିଷାକ୍ତ ଗ୍ୟାସ ବାୟୁମଣ୍ଡଳରେ ସବୁଜ ଘର ପ୍ରଭାବ ସୃଷ୍ଟି କରୁଛି । ରେଫ୍ରିଜେରେଟର ଓ ଏସି ଭଳି ଯନ୍ତ୍ରପାତିର ବହୁଳ ବ୍ୟବହାର ବାୟୁମଣ୍ଡଳର ଓଜୋନ ଗ୍ୟାସ ସ୍ତରକୁ କ୍ଷତି ପହଞ୍ଚାଇଛି । ଯେତେ ଚେଷ୍ଟା କଲେ ବି ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରାଯାଇ ପାରିବ ନାହିଁ । ସେହିପରି ଶବ ସଂସ୍କାର ବେଳେ ଅଧିକ ମାତ୍ରାରେ ବୈଦ୍ୟୁତିକ ଚୁଲାର ବ୍ୟବହାର କରାଯିବା ଉଚିତ ।

ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ସୌରଶକ୍ତି, ପବନ ଭଳି ଅକ୍ଷୟଶକ୍ତିକୁ ଅଧିକ ବ୍ୟବହାର କରିବା ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ କରିବା । ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରୀନପିସ୍ ଓ ସର୍ଭେ ସଂସ୍ଥା ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆର ରିପୋର୍ଟ ଅନୁଯାୟୀ ଦେଶର ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର ଡାଇଅକ୍ସାଇଡ଼ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି, ସେଥିମଧ୍ୟରେ ଝାରସୁଗୁଡ଼ା ସର୍ବାଗ୍ରେ ରହିଛି । ଏଭଳି ସ୍ଥିତିରେ ସବୁଜ ବିଶ୍ୱ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରାଯିବା ଉଚିତ ।

ତ୍ରିଲୋଚନ ଦାଶ,
ବକ୍ସିବଜାର, କଟକ

# ମାନବିକ ମୂଲ୍ୟବୋଧ

**ଡ. ସୀତାକାନ୍ତ ତ୍ରିପାଠୀ**

ପରମେଶ୍ୱରଙ୍କ ପରମ ସୃଷ୍ଟିର ପରମ ଜୀବ ମାନବ । କାରଣ ଏହା ସୃଷ୍ଟିର ଅନ୍ୟ ସମସ୍ତ ଜୀବଙ୍କଠାରୁ ନିଆରା । ଯଦିଓ ଆହାର, ନିଦ୍ରା, ଭୟ ଓ ମୈଥୁନ ସମସ୍ତଙ୍କଠାରେ ପରିଲକ୍ଷିତ ହୁଏ କିନ୍ତୁ ବିବେକ ବା ବିଚାର କରିବାର କ୍ଷମତା ମନୁଷ୍ୟକୁ ଏକ ସ୍ୱତନ୍ତ୍ର ଆସନରେ ଅଳଙ୍କୃତ କରିଥାଏ । ପୁରାଣ ବର୍ଣ୍ଣନା ଅନୁଯାୟୀ, ୮୪ ଲକ୍ଷ ନୀଚ ଯୋନି ପରେ ଏହି ଦୁର୍ଲଭ ମାନବ ଜନ୍ମ ପ୍ରାପ୍ତ ହୁଏ । ବଞ୍ଚି ରହିବାର ଅଦମ୍ୟ ଲାଳସାରେ ମଣିଷ ସଦା ସର୍ବଦା କର୍ମରେ ଲିପ୍ତ ରହେ କିନ୍ତୁ ଏହା ପଛରେ ଯଦି ବିବେକ ଧାବମାନ ହୁଏ ତେବେ ସେ ତାର ଉପଯୁକ୍ତ ପରିଚୟ ପ୍ରାପ୍ତ ହୁଏ କିନ୍ତୁ ମନର ପ୍ରାବଲ୍ୟରେ ସେ ଯେତେବେଳେ ସେ କର୍ମକୁ ଯାବୋଡ଼ି ବସେ ସେତେବେଳେ ସିଏ ଅମୃତର ସନ୍ତାନ ବୋଲି ଭୁଲିଯାଏ ଏବଂ ନିଜର ସତ୍ତାକୁ ହଜାଇଦିଏ । ଭାଗବତରେ ଅଛି "ମାନବ ଦେହେ ଦିବ୍ୟଜ୍ଞାନ" । ଦିବ୍ୟଜ୍ଞାନ ବା ଦେବତ୍ୱ ଏକ ଅନୁସନ୍ଧିତ୍ସାର କଥାବସ୍ତୁ ଯାହାକି ତ୍ୟାଗପୂତ କର୍ମ, ତପସ୍ୟା, ପରିଷ୍କୃତ ଚିନ୍ତା ଓ ଚେତନାର ପରିଣତି । ମନୁଷ୍ୟ ବଞ୍ଚି ରହେ କର୍ମରେ । କାରଣ ଏହି ନଶ୍ୱର ଶରୀର କ୍ଷଣ ଭଙ୍ଗୁର କିନ୍ତୁ ତାର ଦେହାନ୍ତରେ ଲୋକେ ଝୁରନ୍ତି ତାର କୃତକର୍ମକୁ । ଏହି ଅଢ଼େଇ ଦିନିଆ ଜୀବନ ଭିତରେ ମଣିଷ ଏତେ ମାତ୍ରାରେ ବସ୍ତୁବାଦୀ ଓ ଭୋଗବାଦୀ ହୋଇ ଉଠେ ଯେ ସେ ନିଜକୁ ସମ୍ପୂର୍ଣ୍ଣ ଭାବେ ଭୁଲିଯାଏ । ମହାଭାରତରେ ଧର୍ମବକ ଯୁଧିଷ୍ଠିରଙ୍କୁ ପଚାରିଥିବା ପ୍ରଶ୍ନ ମଧ୍ୟରେ ଗୋଟିଏ ଥିଲା "ଦୁନିଆରେ ଆଶ୍ଚର୍ଯ୍ୟ କଣ" ? ଯୁଧିଷ୍ଠିର ଉତ୍ତର ଦେଇଥିଲେ ମଣିଷ ଦେଖେ ତା ଆଗରେ ଲୋକେ ମରୁଛନ୍ତି କିନ୍ତୁ ସେ ଏହାକୁ ହେଜି ନପାରି ନିଜକୁ ଅଜର ଓ ଅମର ବୋଲି ଭାବି ସଂସାରିକ କର୍ମରେ ଲିପ୍ତ ରହେ । ବାସ୍ତବିକ ସୃଷ୍ଟିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟ ଓ କମନୀୟତା ପାଇଁ କର୍ମର ପ୍ରୟୋଜନୀୟତା ବେଶ୍ ଭାବେ ଅନୁମେୟ କିନ୍ତୁ ଏହା ପଛରେ ମାନବିକତା ବା ମାନବିକ ମୂଲ୍ୟବୋଧର ପ୍ରଭାବକୁ ଟାଳି ଦିଆଯାଇ ନପାରେ ।

ସଂସ୍କୃତି ବା ସଭ୍ୟତାର ଉନ୍ମେଷ ସାଧନ ଓ ଏହାର ସ୍ଥାୟିତ୍ୱ ପାଇଁ ଜାଜ୍ୱଲ୍ୟମାନ ମାନବିକତା ବା ମାନବିକ ମୂଲ୍ୟବୋଧର ଆବଶ୍ୟକତା ବେଶ୍ ଭାବେ ପରିଦୃଷ୍ଟ । ହୁଏତ ଜଣଙ୍କଠାରୁ ଅନ୍ୟ ଜଣେର ମୂଲ୍ୟବୋଧ ଅଲଗା ହୋଇପାରେ । କିନ୍ତୁ ଏଥିରେ ନଥାଏ କୌଣସି ପ୍ରକାର ସ୍ଖଳନର ଆଶଙ୍କା । କିନ୍ତୁ ଯେତେବେଳେ ଏହି ମୂଲ୍ୟବୋଧରେ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ, ସେତେବେଳେ ସେ ଜାତି ଅବିଳମ୍ବେ ଭୁଶୁଡ଼ି ପଡ଼େ ଓ ଏହାକୁ କହନ୍ତି ନୈତିକ ଅଧଃପତନ । ଜାତୀୟତା, ନାଜିବାଦ ଓ ଫାସୀବାଦ ଏ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ନିଜ ଜାତି ତଥା ଦେଶର ଉନ୍ନତି ଚିନ୍ତାଧାରା, କିନ୍ତୁ ତାକୁ ପାଇବା ପାଇଁ ଯେଉଁ ଉଦ୍ୟମ, ରଣ କୌଶଳ ଆବଶ୍ୟକ ତାହା ସେମାନେ ସଠିକ୍ ଭାବେ ପ୍ରତିପାଦନ କରିପାରନ୍ତି ନାହିଁ । ଫଳରେ ନାଜିବାଦ ଓ ଫାସିବାଦର ସ୍ଥିତି ମୂଳପୋଛ ହୋଇପଡ଼ିଲା । ଏଥିରୁ ସ୍ପଷ୍ଟ ହୁଏ ଯେ, କୌଣସି ନୀତି, ଆଦର୍ଶରେ ନିଜକୁ ସାମିଲ କରିବା ପୂର୍ବରୁ ସେଥିରେ କେତେ ମାତ୍ରାରେ ମାନବିକ ମୂଲ୍ୟବୋଧର ପ୍ରଭାବ ରହିଛି ତାହାକୁ ହୃଦୟଙ୍ଗମ କରିବା ଦାରକାର ।

ହିଂସା, ଲାଞ୍ଚ ପାଇଁ ଅଦମ୍ୟ ଲାଳସା, ଚୋରି ଓ ମିଥ୍ୟା ଏ ସମସ୍ତ ଅବକ୍ଷୟ ମୂଲ୍ୟବୋଧର ନିଦର୍ଶନ । ସମସ୍ତେ ସମସ୍ତଙ୍କ ଉପରେ ଦୋଷ ଲଦିବାରେ, ଆକ୍ଷେପ କରିବାରେ ବ୍ୟସ୍ତ । ଲୋକେ କହୁଛନ୍ତି ଜଣେ ସଚ୍ଚୋଟ ଓ ନିଷ୍ଠାପର ବ୍ୟକ୍ତି ଖୋଜି ପାଇବା ମରୀଚିକା ସଦୃଶ । କଥା କଥାରେ କହୁଛନ୍ତି "ଚାକିରି ଚୋରି ବଣିଜ ମିଛ" ଫଳରେ ସନ୍ଦେହୀ ଆଖି ଅବିଶ୍ୱାସର କୁହେଳିକା ମଧ୍ୟରେ ସତ୍ୟର ସନ୍ଧାନ କରୁଛି । କିନ୍ତୁ ସମସ୍ତ ସତ୍ୟ ତା ପାଖରେ ଅସତ୍ୟ ରୂପେ ପରିଗଣିତ ।

ଦେହ, ମନ ଓ ଆତ୍ମାର ଉପଯୁକ୍ତ ସନ୍ତୁଳନ ଉପରେ ଉଚ୍ଚ ମାନବୀୟ ଜୀବନାଦର୍ଶ ନିର୍ଭର କରେ କିନ୍ତୁ ଯେତେବେଳେ ଏହି ଭାରସାମ୍ୟରେ ସାଧାରଣ ତ୍ରୁଟି ପରିଲକ୍ଷିତ ହୁଏ ସେତେବେଳେ ନୈତିକ ମୂଲ୍ୟବୋଧର ଅଧଃପତନ ହୁଏ । ଯେତେବେଳେ ଦେହଜ କାମନା ଓ ମାନସିକ କାମନା, ଆତ୍ମିକ କାମନାଠାରୁ ଟପିଯାଏ ବା ବିବେକର ଯନ୍ତା ଭିତରୁ ମୁକ୍ତ ହୋଇ ଧାରାକୁ ସରା ମଣେ ସେତେବେଳେ ବିନାଶର ସ୍ୱର ତୀବ୍ର ହୋଇ ଉଠେ । ବାସ୍ତବିକ ସୃଷ୍ଟିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟ ଓ କମନୀୟତା ପାଇଁ କର୍ମର ପ୍ରଯୋଜନୀୟତା ବେଶ୍ ଭାବେ ଅନୁମେୟ କିନ୍ତୁ ଏହା ପଛରେ ମାନବିକତା ବା ମାନବିକ ମୂଲ୍ୟବୋଧର ପ୍ରଭାବକୁ ଟାଳି ଦିଆଯାଇ ନପାରେ । ଏହା ମଧ୍ୟ ସ୍ପଷ୍ଟ ଭାବେ ପରିଲକ୍ଷିତ ହୁଏ ଯଦି ଗୋଟିଏ ପୁରୁଷର ନୈତିକ ଅଧଃପତନ ହୁଏ ତାର ଉତ୍ତର ପୁରୁଷଙ୍କୁ ମଧ୍ୟ ସେ ଘୋର ତମସାରେ କଳଙ୍କିତ ଭବିଷ୍ୟତକୁ ଗତି କରିବା ପାଇଁ ବାଧ କରେ ଏବଂ ଏଥିରୁ ମୁକ୍ତି ପାଇବା ଏକ କଷ୍ଟକର ବ୍ୟାପାର ହୋଇପଡ଼େ ।

ଆତ୍ମିକ ବଳ ଓ ଭୌତିକ ଜ୍ଞାନ ବଳରେ ମାନବ ତାର ଜୀବନକୁ ସଫଳ ଓ ରୁଚି ସମ୍ପନ୍ନ କରିପାରେ । ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଥାଏ ପିତାପୁତ୍ରର ସମ୍ପର୍କ । ପୁତ୍ରର କର୍ତ୍ତବ୍ୟ ତାର ପିତାର ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ତାର ଉତ୍ତରୋତ୍ତର ଉନ୍ନତି କରିବା । କିନ୍ତୁ ସେ ଏଥିରେ କେତେ ଥର ସଫଳ ହୁଏ ? ନିଜ ଅକ୍ତିଆରକୁ ଆଣିବା ଆଳରେ ସେ ହିଂସା, ଦ୍ୱେଷ, କ୍ରୋଧ ଓ ଘୃଣାର କ୍ରୀତଦାସ ବନିଯାଏ । ଆମେ ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ଏବଂ ନିଜ ଭିତରେ ଥିବା ଭ୍ରାତୃତ୍ୱ ବନ୍ଧନ କଥାକୁ ସେ ପାଶୋରି ପକାଏ ।

କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ମାର୍ଗରେ ପଥିକ ହୋଇ ସେ ଅନନ୍ତ ସତ୍ତାର ସନ୍ଧାନୀ ହୋଇ ଉଠିଲେ ମାନବର ଆତ୍ମିକ କ୍ଷୁଧାର ପରିତୃପ୍ତି ଘଟେ । ମନରେ ଜଣେ ସନ୍ୟାସୀ କିନ୍ତୁ ବେଶରେ ଜଣେ ରାଜା ଭୋଗ କରିବ କିନ୍ତୁ ଆସକ୍ତି ନଥିବ, ଭଲ ପାଇବ କିନ୍ତୁ କାମନାର ଅନନ୍ତ ବାସନା ନଥିବ, ଦାନ ଦେବ କିନ୍ତୁ ନଥିବ ପ୍ରତିଦାନର ଆଶା । ବେଳେବେଳେ ଏହା ପରିଦୃଷ୍ଟ ହୁଏ ଯେ, ନିଜେ ଦୋଷ କରି ଅନ୍ୟ ଉପରେ ଏହାକୁ ଲଦି ଦେଇ ନିଜକୁ ଦୋଷମୁକ୍ତ କରିବା ପାଇଁ ଅଦମ୍ୟ ଚେଷ୍ଟା କରାଯାଏ । ଏପରିକି ଭଗବାନଙ୍କୁ ମଧ୍ୟ ଏଥିରୁ ବାଦ୍ ଦିଆଯାଏ ନାହିଁ । 'ତ୍ୱୟା ହୃଷିକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋସ୍ମି ତଥା କରୋମି' ବା 'କରି କରାଉଥାଉ ତୁହି, ତୋ ବିନୁ ଅନ୍ୟ ଗତି ନାହିଁ ।' ଇତ୍ୟାଦି ଶ୍ଳୋକ କିମ୍ବା ପଦ୍ୟାବଳୀର ଆବୃତ୍ତି କରିଦେଇ ସେ ଦୋଷମୁକ୍ତ ହୋଇଯାଏ । "ଯତ୍ କର୍ମ କୃତ୍ୱାତତ୍ ଫଳଂ ଭୁଙ୍କ୍ଷ୍ୱା" ଅର୍ଥାତ୍ କର୍ମାନୁଯାୟୀ ଫଳ କିନ୍ତୁ ମନ୍ଦ କର୍ମ କରିବ, ମନ୍ଦ ଫଳ ପାଇବ ଏଥିପାଇଁ କଣ ଭଗବାନ ଦାୟୀ ? ଅନୁତାପ ଶହ ଶହ ପାପ ରାଶିକୁ ଧ୍ୱଂସ କରି ପକାଏ କିନ୍ତୁ ପୁଣି ସେହି ଏକା ଭୁଲର ପୁନରାବୃତ୍ତି ନହେବା ଆବଶ୍ୟକ ।

ଅବକ୍ଷୟ ମୂଲ୍ୟବୋଧର ପୁନରୁଦ୍ଧାର ପାଇଁ ଆବଶ୍ୟକ ବ୍ୟକ୍ତିତ୍ୱର ପୁନର୍ଗଠନ, ଚିନ୍ତା, ଚେତନା ଓ ରୁଚିର ପୁନର୍ବିନ୍ୟାସ । ଏଥିରେ ନଥାଏ ଭାବବାଦୀ ଚିନ୍ତାଧାରା ବରଂ ଥାଏ ମନ ଓ ବିବେକ ମଧ୍ୟରେ ସାଲିସ । ମୃଗ ତୃଷ୍ଣାର ପଥିକ ହୋଇ କଳ୍ପନାବିଳାସୀ ମନ ସ୍ୱପ୍ନରେ ରଚିଥିବା ମଧୁର ଚନ୍ଦ୍ରିକାକୁ ଭୁଲି ବାସ୍ତବିକତା ଅଡ଼କୁ ମୁହାଁଇବା ପ୍ରକୃତ ମାନବିକ ମୂଲ୍ୟବୋଧର ପରିପନ୍ଥୀ । ଯେଉଁଥିପାଇଁ ଦରକାର ହୁଏ ବୈପ୍ଳବିକ ଚିନ୍ତାଧାରା ଯାହାକି ଧ୍ୱଂସର ଜ୍ୱାଳାମୁଖୀ ଲେଲିହାନ ଶିଖାଠାରୁ ସୃଷ୍ଟିର ଅପରୂପ ସୌନ୍ଦର୍ଯ୍ୟ ବା କର୍ମନୀୟତା ରକ୍ଷା କରିବାରେ ସହାୟକ ହେବ ।

ଭଦ୍ରକ,
ମୋ: ୯୬୭୮୭୬୪୩୯୪

**ସୀମାନ୍ତରେ ଆଦିବାସୀଙ୍କୁ ପ୍ରତାରଣା**

# ଶାଗ ମାଛ ଦରରେ ଜମି ଏକରକୁ ବାର୍ଷିକ ମିଳୁଛି ୪ରୁ ୬ହଜାର ଟଙ୍କା



**ଚୁକ୍ତିନାମା ନାମରେ ମନ୍ଦିର ପିଣ୍ଡାରେ ବସାଇ ନେଉଛନ୍ତି ଲୋକଙ୍କ ଦସ୍ତଖତ**

## ଦୀର୍ଘ ୨୫ ବର୍ଷ ଧରି ଆନ୍ଧ୍ର ଡାକ୍ତରଙ୍କ ହାତରେ ଆଦିବାସୀଙ୍କ ଜମି

ରାୟଗଡା, (ପିପିଏସ୍): ରାୟଗଡା ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା ଭାବେ ବେଶ୍ ପରିଚିତ, ଏଠାକାର ଆଦିବାସୀ ଅତି ସରଳ ଓ ନିରୀହ। ଏମାନେ ସହଜରେ ଯେକୌଣସି କଥାରେ ମାନି ଯାଆନ୍ତି। ରାୟଗଡ ଜିଲ୍ଲା ଗୁଣୁପୁର ଉପଖଣ୍ଡ ସୀମାନ୍ତରେ ଆଦିବାସୀଙ୍କୁ ପ୍ରତାରଣା ମିଳୁଥିବା ଦେଖିବକୁ ମିଳିଛି । ଏମାନଙ୍କ ପୂର୍ବପୁରୁଷ ଛାଡିଯାଇଥିବା ହଜାର ହଜାର ଏକର ଜମି ଏବେ ପଡୋଶୀ ଆନ୍ଧ୍ରପ୍ରଦେଶର ଜଣେ ଡାକ୍ତରଙ୍କ ହାତରେ ଅଛି। ଡାକ୍ତର ଜଣକ ପାମୋଲିନ ଚାଷ ନାମରେ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିଜ କବଜାରେ ରଖିଛନ୍ତି ଏହି ସମସ୍ତ ଜମି। ପାର୍ବତିପୁରର ଜଣେ ଡାକ୍ତର ଡି ରାମମୋହନ ରାଓ ସମସ୍ତ ଜମି କୁ ବହୁ ଦିନ ଧରି ନିଜ କବଜାରେ ରଖିଛନ୍ତି । ପ୍ରତ୍ୟେକ ମାସରେ ଏକାଧିକ ଥର ଏହି ଗଛମାନଙ୍କରୁ ପାମୋଲିନ ମି ଉତ୍ପାଦନ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । କିନ୍ତୁ ଜମି ବାବଦକୁ ଆଦିବାସୀଙ୍କୁ ବର୍ଷ ବର୍ଷ ଧରି ୪ ରୁ ୬ ହଜାର ଟଙ୍କା ହିଁ ବାର୍ଷିକ ଦେଇ ଠକି ଚାଲିଛନ୍ତି ଏହି ଡାକ୍ତର ଜଣକ । ଆଉ ଶାନ୍ତ ଓ ସରଳତାର ସୁଯୋଗ ନେଇ ବର୍ଷକରେ ଥରେ ଆସି ଆଦିବାସୀ ଲୋକଙ୍କୁ ମନ୍ଦିର ବେଢ଼ାରେ ବସାଇ ଲେଖାଇନେଉଛନ୍ତି ବୋଲି ଆଦିବାସୀମାନେ ଅଭିଯୋଗ କରିଛନ୍ତି ।

ରାୟଗଡା ଓ ଆନ୍ଧ୍ର ପ୍ରଦେଶ ସୀମାନ୍ତରେ ଆଦିବାସୀଙ୍କ ଅସରନ୍ତି କାହାଣୀ । ଏବେ ସୀମା ସେପାଖ ଶିକ୍ଷିତ ଦଳେ ଡାକ୍ତର ଆଦିବାସୀ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ଆଉ ନେତୃତ୍ୱ ନେଇଛନ୍ତି ଆନ୍ଧ୍ରପ୍ରଦେଶ ପାର୍ବତିପୁରର ଡାକ୍ତର ଡି ରାମମୋହନ ରାଓ । ଏହି ଜିଲ୍ଲାର ମାଟି, ବଂଶଧାରା ନଦୀର ପାଣି ଆଉ ଏଠାକାର ପବନ ବିନିମୟରେ ପାମୋଲିନ ଉତ୍ପାଦନ କରୁଛନ୍ତି । ଜମି ବାବଦକୁ ଚାଷୀଙ୍କ ଜମିକୁ ୧୭ରୁ ୨୫ବର୍ଷ ଧରି ନିଜ କବଜାରେ ରଖି ଏହି ଜିଲ୍ଲାର ଆଦିବାସୀଙ୍କୁ ବର୍ଷ ବର୍ଷ ଧରି ଶୋଷଣ କରିଆସୁଛନ୍ତି । କୌଣସି ସଠିକ ନଥିପତ୍ର ନାହିଁ କି ନିବନ୍ଧକ କାର୍ଯ୍ୟାଳୟରେ ଚୁକ୍ତିନାମା ଲେଖାପଢ଼ା ବି ନାହିଁ। ଚୁକ୍ତିନାମା ନାମରେ ମନ୍ଦିର ପିଣ୍ଡାରେ ବସାଇ ନେଇଯାଉଛନ୍ତି ଲୋକଙ୍କ ଦସ୍ତଖତ । ଗୁଣପୁର ଉପଖଣ୍ଡର ଜଗନ୍ନାଥପୁର, ମାଛଖୁଣ୍ଟି, ଭାଲେରି, ସୁଭଦ୍ରାପୁର, ଆଦି ୧୦ରୁ ଅଧିକ ଗାଁର ଆଦିବାସୀଙ୍କ ହଜାର ହଜାର ଏକର ଜମିରେ ୧୫/୧୭ ବର୍ଷ ଧରି ଏପରିକି ଆଉ କିଛି ଚାଷୀଙ୍କ ଜମିରେ ୨୩/୨୪ ବର୍ଷ ଧରି ଏହି ଗଛ ଲଗାଇ କରିଆସୁଛନ୍ତି ଲୁଣ୍ଠନ । ଜଗନ୍ନାଥପୁର ଗ୍ରାମର ଆଦିବାସୀ ଚାଷୀ ଶ୍ରୀ ଅଙ୍ଗଦ ଶବରଙ୍କ ଶାଶୁଙ୍କ ଜମି ଗତ ୧୭ବର୍ଷ ଧରି ଡାକ୍ତର ଡି ରାମମୋହନ ରାଓଙ୍କ ପାଖରେ





ବନ୍ଧା ପଡିଛି ବୋଲି ସେ ନିଜେ ଅଭିଯୋଗ କରିଛନ୍ତି । ତାଙ୍କ ୨ ଏକର ଜମିରେ ଏହି ଗଛ ଲଗାଯାଇଛି । ଗଛ ଲଗାଇବା ବେଳେ ଏକରକୁ ବାର୍ଷିକ ୩୦୦୦ଟଙ୍କା ଦେଉଥିବା ବେଳେ ୧୭ବର୍ଷ ପରେ ଜମି ବାବଦକୁ ମାତ୍ର ୬ହଜାର ଟଙ୍କା ଦେଉଥିବା ଅଙ୍ଗଦ କହିଛନ୍ତି । ବାରମ୍ବାର ଜମି ମାଗିବା ପରେ ମଧ୍ୟ ୨୫ବର୍ଷର ଚୁକ୍ତି ହୋଇଥିବା କଥା କହି ସମ୍ପୃକ୍ତ ଡାକ୍ତର ଜମି ଫେରାଉନାହାନ୍ତି । ନିଜର ଜମି ଅନ୍ୟକୁ ଦେଇ ବର୍ତ୍ତମାନ ଅନ୍ୟର ଜମି ଭାଗଚାଷକରି ସେଥିରେ ଗୁଜୁରାଣ ମେଣ୍ଟାଉଥିବା ଆଦିବାସୀ ଯୁବକ ଅଙ୍ଗଦ ଅଭିଯୋଗ କରିଛନ୍ତି । ସେହିପରି ଗାଁର ଆଦିବାସୀ ଚାଷୀ ନିମାଲ ଶୁକ୍ରୁଙ୍କ ଜମିକୁ ମଧ୍ୟ ପାର୍ବତିପୁରର ଡାକ୍ତର ରାମମୋହନ ରାଓ ଗତ ୧୭ବର୍ଷ ଧରି ନିଜ କବଜାରେ ରଖିଛନ୍ତି । ଆଉ ୨୫ବର୍ଷକୁ କଣ୍ଟ କରି ପ୍ରତିବର୍ଷ ଆସି ମନ୍ଦିର ମଣ୍ଡପରେ ବସି ୬୦୦୦ଟଙ୍କା ହାତରେ ଧରାଇ ଆଗାମୀ ଏକବର୍ଷ ପାଇଁ ନିଜର କରିନେଇଛନ୍ତି ।

ଆଦିବାସୀ ଜମି ସମେତ ସାଧାରଣ ବର୍ଗର ଲୋକଙ୍କ ପ୍ରାୟ ୨୦୦୦ ଏକର ଜମିକୁ ଲିଜ ଦେଇ ଗତ ୧୭ବର୍ଷ ଧରି ନିଜ ଅଧିନରେ ରଖିଛନ୍ତି ଏହି ଡାକ୍ତର ବାବୁ ଜଣକ । ଜଗନ୍ନାଥପୁର ଗାଁର ପ୍ରଦୀପ ଗୌଡଙ୍କ ୭ ଏକର ଜମିକୁ ଗତ ୧୭ ବର୍ଷ ଧରି କବଜାରେ ରଖିଛନ୍ତି । ନିଜ ଜମି ଉଚ୍ଚ ଦରରେ ବିକ୍ରୀ କରିବା ଉଦ୍ଦେଶ୍ୟରେ ଗୋଟିଏ ଏକର ଛାଡିବା ପାଇଁ ଅନୁରୋଧ କରିବା ପରେବି ସେ ମାନିନଥିଲେ । ଯଦି ଗୋଟିଏ ଏକର ଜମି ଦରକାର, ତେବେ ୨୦ଲକ୍ଷ ଟଙ୍କା ଦେଲେ ସେ ଜମି ଛାଡିବେ ବୋଲି ଧମକପୂର୍ଣ୍ଣ ଭାବେ କହିଥିବା ପ୍ରଦୀପ ଅଭିଯୋଗ କରିଛନ୍ତି । ସେହିପରି ମାଛଖୁଣ୍ଟି ଗାଁ ମୁଣ୍ଡଠାରୁ ବଂଶଧାରା ନଦୀପଠା ପର୍ଯ୍ୟନ୍ତ ୨୦୦ଏକର ଜମିରେ ମଧ୍ୟ ପାମୋଲିନ ଗଛ ଲଗାଯାଇଛି । ଗୋଟିଏ ଏକର ଜମିରେ ଲାଗିଥିବା ଗଛରୁ ବାର୍ଷିକ ପ୍ରାୟ ୪ଥର ପାମୋଲିନ ଫଳ ତୋଳାଯାଏ । ଗୋଟିଏ ଗଛରୁ ଥରଟିଏ କାଟି ବିକ୍ରୀ କରିବା ପରେ ୨୦ହଜାର ଟଙ୍କା ମିଳୁଥିବା ମାଛଖୁଣ୍ଟି ଗାଁର ଶ୍ରୀ ମହେଶ ହୁଇକା କହିଛନ୍ତି । ବର୍ଷତମାମ ବିକ୍ରୀପରେ ଏକ ଏକର ଜମିରୁ ପ୍ରାୟ ୧୫ରୁ ୨୭ଲକ୍ଷ ଟଙ୍କା ମିଳୁଥିବା ସେ କହିଛନ୍ତି । ତେବେ ମାଛଖୁଣ୍ଟି ଗାଁରେ ଗତ ୨୫ବର୍ଷ ଧରି ପାମୋଲିନ ଗଛ ଲାଗିଥିବା ବେଳେ ଆଗକୁ ସେହି ଡାକ୍ତର ପୁଣି ନିଜ ପାଇଁ ଲୋକଙ୍କ ସହ ଚୁକ୍ତି କରାଇନେବେ ବୋଲି ସେ କହିଛନ୍ତି । ଶୁଣିବାକୁ ମିଳିଛି ଯେ କିଛି ସରକାରୀ ଜମି ମଧ୍ୟ କବଜାକୁ ନେଇ ବର୍ଷ ବର୍ଷ ଧରି ପାମୋଲିନ ଚାଷ କରିଆସୁଛନ୍ତି ଡାକ୍ତର ରାଓ ।

ଓଡିଶା ସିଡ୍ୟୁଲଡ ଏରିଆସ ଟ୍ରାନ୍ସଫର ଅଫ ଇମୁଭେବଲ ପ୍ରପର୍ଟି (ଓଏସଏଟିଆଇପି) ନିୟମ ବଳରେ କୌଣସି ଅଣଆଦିବାସୀ ଆଦିବାସୀ ଜମି କିଣିବା କିମ୍ବା ବନ୍ଧକ ରଖିବାରେ ସରକାରୀ ପ୍ରତିବନ୍ଧକ ରହିଛି । କେବଳ ଚାଷ ଋଣ ପାଇଁ ଜଣେ ଆଦିବାସୀ ତାର ଚାଷ ଜମିକୁ ବ୍ୟାଙ୍କରେ ବନ୍ଧକ ରଖି ପାରିବ । ଅନ୍ୟ କୌଣସି କାରଣ ପାଇଁ କିମ୍ବା ଜଣେ ଅଣ ଆଦିବାସୀ ଲିଜ ସୂତ୍ରରେ ଆଦିବାସୀ ଜମି ବନ୍ଧକ ରଖିବା ନିୟମ ବିରୁଦ୍ଧ ବୋଲି କହିଛନ୍ତି ବରିଷ୍ଠ ଆଇନଜୀବୀ ଶ୍ରୀ ଲାବଣ୍ୟ ମୋହନ ପଟ୍ଟନାୟକ । ମାତ୍ର ସବୁକିଛି ଆଇନକୁ ଫୁ କରି ଓ ପ୍ରଭୁତ ଭାବେ ବେଆଇନ କାର୍ଯ୍ୟ କରି ଡାକ୍ତର ରାଓ ଆଦିବାସୀଙ୍କ ହଜାର ହଜାର ଏକର ଜମିକୁ ନିଜ ଅଧିନରେ ରଖିଛନ୍ତି ଓ ବେନାମୀ ହଡପ କରିବା ଚକ୍କରରେ ଅଛନ୍ତି । ଏକ ବା ଦୁଇବର୍ଷ ନୁହେଁ ୧୭ରୁ ୨୫ବର୍ଷ ଧରି ଆଦିବାସୀଙ୍କ ଜମିକୁ ନିଜ କବଜାରେ ରଖି ପାମୋଲିନ ଚାଷକରି କୋଟି କୋଟି ଟଙ୍କା ମୁନାଫା ଉଠାଉଛନ୍ତି । ମାତ୍ର ଏ ଜିଲ୍ଲାର ଗରିବ ଯେଉଁ ତିମିରେକୁ ସେ ତିମିରେ । ଲିଜ ଏଗ୍ରୀମେଣ୍ଟ ଚାଷୀଙ୍କ ପାଖରେ ନାହିଁ କି କୌଣସି ନିବନ୍ଧକ କାର୍ଯ୍ୟାଳୟରେ ତାହା କରାଯାଉନାହିଁ । ଡାକ୍ତର ରାଓଙ୍କ ଏଭଳି କାର୍ଯ୍ୟକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି ।

ଏ ଘଟଣା ମୋ ନଜରକୁ ଆସିନାହିଁ । ତେବେ ଏହାକୁ ଉପ-ଜିଲ୍ଲାପାଳଙ୍କ ନଜରକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ଶ୍ରୀମତୀ ଶାନ୍ତିପ୍ରଭା ପ୍ରଧାନ । ଏ ବିଷୟରେ ରାୟଗଡା ବିଧାୟକ ଶ୍ରୀ ମକରନ୍ଦ ମୁଦୁଲିଙ୍କୁ ପଚାରିବାରେ ସେ କହିଛନ୍ତି ଯେ ନାରାୟଣପାଟଣା ଭଳି ଜମି ଆନ୍ଦୋଳନ ଏଠାରେ ପୁନରାବୃତ୍ତି ନହେବା ଦରକାର । ଏଭଳି ବେଆଇନ ଚୁକ୍ତିନାମା ଆଇନସଙ୍ଗତ ନୁହେଁ । ଏହା ଅତି ଚିନ୍ତାର ବିଷୟ । ଜିଲ୍ଲାପାଳଙ୍କୁ ଅବଗତ କରାଇ ଆଇନ୍ଗତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେବି ଓ ଆବଶ୍ୟକ ସ୍ଥଳେ ବିଧାନସଭାରେ ପ୍ରଶ୍ନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି କହିଛନ୍ତି ଶ୍ରୀ ମୁଦୁଲି ।

ଡାକ୍ତର ରାଓ ପଡୋଶୀ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ ରେ ମଧ୍ୟ ଠିକ ଏହିଭଳି ପ୍ରକ୍ରିୟା ଚଳାଇଥିବା ବେଳେ ସେଠାକାର ସ୍ଥାନୀୟ ତହସିଲଦାର ଏହାର ବିରୁଦ୍ଧରେ ଉକ୍ତ ସରକାରୀ ଜମିରେ ନାଲି ପତାକା ଲଗାଇଛନ୍ତି । ତେବେ ପ୍ରଶ୍ନ ଉଠୁଛି ସ୍ୱଷ୍ଟ ଦିବାଲୋକରେ ଆଦିବାସୀଙ୍କ ଉପରେ ଏଠାରେ ଏଭଳି ଶୋଷଣ କିପରି ହେଉଛି ଓ ରାୟଗଡା ଜିଲ୍ଲା ପ୍ରଶାସନ ପାଖରେ ତାର ଖବର ଅଛି କି ନାହିଁ ତାହା ବିଡମ୍ବନାର ବିଷୟ ପାଲଟିଯାଇଛି ।

**ବାଟବଣା ଲକ୍ଷାଧିକ ଟଙ୍କାର ୫ଟି ରାସ୍ତା**

# ରାସ୍ତା କାମ ନକରି ଟଙ୍କା ଚଳୁ କରାଯାଇଥିବା ନେଇ ଅଭିଯୋଗ



ରାୟଗଡା (ହି.ସ): ରାୟଗଡା ଜିଲ୍ଲାର ଚନ୍ଦ୍ରପୁର ବ୍ଲକରେ ୬ଟି ଏମଜିଏନଆରଜିଏ କାମ ମଧ୍ୟରୁ ୫ଟି କାମ ଆଦୌ କରାନଯାଇ ସଂପୃକ୍ତ ବିଭାଗ ପକ୍ଷରୁ ବିଲ କରି ଟଂକା ଚଳୁ କରାଯାଇଥିବା ଜଣାପଡିଛି। ୨୦୨୧ ମସିହା ଜୁଲାଇ ୯ ତାରିଖରେ ଚନ୍ଦ୍ରପୁର ବ୍ଲକର ବିଜାପୁର ପଞ୍ଚାୟତର ବଡପଙ୍ଗାଳ, ସାନପଙ୍ଗାଲ ଏବଂ ମରିଚଗୁଡା ଗ୍ରାମର ଦଣ୍ଡାସି ମାଝିଙ୍କ ନେତୃତ୍ୱରେ ୧୨ ଜଣ ଶ୍ରମିକ ଅଭିଯୋଗ କରିଥିଲେ ଯେ ସୁରଲୁ ଠାରୁ ସାନପଙ୍ଗଳ ପର୍ଯ୍ୟନ୍ତ ରାସ୍ତା କାମ ନକରି ଟଂକା ଚଳୁ କରାଯାଇଥିବା ନେଇ ଲୋକପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅଭିଯୋଗକୁ ଭିତ୍ତି କରି ଲୋକପାଳ ଏବଂ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଲୋକପାଳ ଯାହା ଦେଖିଥିଲେ ବିଶ୍ୱାସ କରିପାରିନଥିଲେ। ଗୋଟିଏ ରାସ୍ତାରେ ହିଁ ଛଅ ଛଅଟି କାମ କରାଯାଇ ଟଂକା ଉଠାଯାଇଛି। ସେଗୁଡିକ ମଧ୍ୟରୁ ପ୍ରଥମଟି ହେଲା ସୁରଲୁ ଠାରୁ ସାନ ପଙ୍ଗାଳ ରାସ୍ତାର ମରାମତି। ଏହାର ୱାର୍କ କୋଡ ନମ୍ବର ହେଲା ୨୪୨୯୦୦୨୦୦୧/ଆରସି/୧୦୪୩୫୩୯୯। ଏଷ୍ଟିମେଟ ହେଲା ୧୦ ଲକ୍ଷ ଟଂକା। ଦ୍ୱିତୀୟ କାମଟି ହେଲା ପୁଣି ସୁରଲୁ ଘାଟ ତଳ ଠାରୁ ସାନପଙ୍ଗାଲର ମରାମତି। ଏହାର ୱାର୍କ କୋଡ ହେଲା ୨୪୨୯୦୦୨୦୦୧/ଆରସି/ ୧୦୪୪୮୬୯୬। ଏହାର ଏଷ୍ଟିମେଟ ହେଲା ୧୦ ଲକ୍ଷ। ତୃତୀୟ କାମଟି ହେଲା ସୁରଲୁ ଠାରୁ ବଡପଙ୍ଗାଳ ରାସ୍ତା ନିର୍ମାଣ। ଏହାର ୱାର୍କ କୋଡ ହେଲା ୨୪୨୯୦୦୨୦୦୧/ ଆରସି/୧୦୪୪୮୬୯୮ ।ଏହାର ଏଷ୍ଟିମେଟ ହେଲା ୪ ଲକ୍ଷ ୬୯ ହଜାର। ଚତୁର୍ଥ କାମଟି ହେଲା ବଡପଙ୍ଗାଳ ଠାରୁ ସାନ ପଙ୍ଗାଳ ମଧ୍ୟରେ ରାସ୍ତା ନିର୍ମାଣ। ଏହାର ୱାର୍କ କୋଡ ହେଲା ୨୪୨୯୦୦୨୦୦୧/ଆରସି/ ୧୦୪୪୮୬୯୩ ।ଏହାର ଏଷ୍ଟିମେଟ ହେଲା ୯ ଲକ୍ଷ। ପଞ୍ଚମ କାମଟି ହେଲା ଗାଡେଙ୍ଗିଁ ଠାରୁ ବଡପଙ୍ଗାଳ ରାସ୍ତା ନିର୍ମାଣ। ଏହାର ୱାର୍କ କୋଡ ହେଲା ୨୪୨୯୦୦୨୦୦୧/ ଆରସି/ ୧୦୪୩୫୪୦୨ । ଏହାର ଏଷ୍ଟିମେଟ ହେଲା ୧୦ ଲକ୍ଷ ଟଂକା। ଷଷ୍ଠ କାମଟି ହେଲା ଗାଡେଙ୍ଗା ବ୍ରିଜ ଠାରୁ ବଜପଙ୍ଗାଳ। ଏହାର ୱାର୍କ କୋଡ ହେଲା ୨୪୨୯୦୦୨୦୦୧/ଆରସି/୧୦୪୪୮୬୯୫ । ଏହାର ଏଷ୍ଟିମେଟ କୋଷ୍ଟ ହେଉଛି ୧୦ ଲକ୍ଷ ଟଂକା।

ତେବେ ଏହାର ତଦନ୍ତ ପାଇଁ ଲୋକପାଳ ଗତ ୨୦୨୧ ମସିହା ଜୁଲାଇ ୩୦ ତାରିଖରେ ପଞ୍ଚାୟତରେ ପହଞ୍ଚିଲା ବେଳକୁ ପଞ୍ଚାୟତରେ ତାଲି ଝୁଲୁଥିଲା। ତଦନ୍ତ ବେଳେ ଲୋକପାଳ ଜାଣିବାକୁ ପାଇଲେ ଯେ ପ୍ରଥମ କାମ ସୁରଲୁ ଠାରୁ ସାନପଙ୍ଗାଲ ରାସ୍ତାର ଉନ୍ନତିକରଣ କରିବା ପାଇଁ ମାତ୍ର ୩୦୦ ମିଟର କାମ କରାଯାଇଛି ଯାହାକି ସୁରଲୁ ମୁଖ୍ୟ ରାସ୍ତା ଠାରୁ ଘାଟ କାଟିଂ କରାଯାଇଛି। କାମ ହୋଇଥିବା ଦେଖାଇବା ପାଇଁ ମାତ୍ର ୩୦୦ ମିଟର ରାସ୍ତା ଜେସିବି ଲଗାଇ କରାଯାଇଥିବା ଗ୍ରାମବାସୀ ଲୋକପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ପ୍ରଥମ କାମରେ ହିଁ ଅଳ୍ପ କାମ ହୋଇଥିବା ବେଳେ ଅନ୍ୟ ୫ଟି କାମ ଆଦୌ କରାନଯାଇ ଟଂକା ଆତ୍ମସାତ କରାଯାଇଥିବା ଅଭିଯୋଗ କରାଯାଇଛି।

ତେବେ କାମଗୁଡିକର ଟି-ବୋର୍ଡ ଗୁଡିକ ନଥିବା ବେଳେ ଯାହା ଥିଲା ସେଠାରେ ଭୁଲ ରିପୋର୍ଟ ରହିଥିବା ଦେଖିବାକୁ ମିଳିଥିଲା ।ଏପରିକି କାମଗୁଡିକର ମେଟେରିଆଲ କିଣିଥିବା ବିଲରେ ପୂର୍ବତନ ପିଇଓ ସୁଶିଲ ନିମାଲପୁରିଙ୍କ ପତ୍ନୀ ସକୁନ୍ତଳା ନିମାଲପୁରିଙ୍କ ନାମରେ ରହିଛି ।ଯାହା ସଂଦେହକୁ ଆହୁରି ଦୃଢିଭୁତ କରୁଛି। ତଦନ୍ତ ହେବା ଜାଣିବା ପରେ ପିଇଓ, ଜେଇ, ଏପିଓ, ଜିଆରଏସ ସମେତ ବ୍ଲକ କର୍ମକର୍ତ୍ତା ଏହାକୁ କିପରି ରଫାଦଫା କରାଯିବ ସନେଇ କାମ ଆରମ୍ଭ କଲେ।

ଚଳିତ ବର୍ଷ ଜାନୁଆରି ୪ ତାରିଖ ଦିନ ଏପିଓ, ଜେଇ ଲୋକପାଳଙ୍କ ନିକଟରେ ଆସି ସମସ୍ତ ମାଷ୍ଟର ରୋଲ ସହ ସମସ୍ତ ନଥିପତ୍ର ପ୍ରଦାନ କରିଥିଲେ, ଯାହା ତଦନ୍ତରେ ଥିଲା ସେସବୁ ଏଥିରେ ନଥିଲା। ଏପରିକି ସକୁନ୍ତଳା ନିମାଲପୁରି ନାମରେ ଥିବା ମେଟେରିଆଲ ବିଲକୁ ଯଆହାର ଜିଏସଟି ନମ୍ବର ଥିଲା ୧ଏଡିଡିପିଏନ ୨୦୦୨ ଆର୨ଜେଡଆରକୁ ମଧ୍ୟ ବଦଳାଇ ଦିଆଯାଇଥିଲା। ପରେ ଏହାକୁ ଜଣେ ଠିକାଦାର ସୋମନାଥ ନନ୍ଦ ନାମରେ କରାଯାଇଥିଲା। କଥା ପଦାରେ ପଡିବା ପରେ ପିଇଓ ତୁରନ୍ତ ବିଡିଓଙ୍କ ନିକଟରେ ପହଞ୍ଚି ୨୧ ଲକ୍ଷ ୭୬ ହଜାର ୩୦୭ ଟଂକା ନଗଦ ପ୍ରଦାନ କରିଥିବା ଜଣାପଡିଛି। ସୋମନାଥ ନନ୍ଦଙ୍କୁ ସେଥିରୁ ୧୪ ଲକ୍ଷ ଟଂକା ପ୍ରଦାନ କରାଯାଇଥିବା କୁହାଯାଇଥିଲା ।ବଳକା ଟଂକାକୁ ପିସି ଆକାରରେ ବ୍ଲକ କର୍ମକର୍ତ୍ତା ରଖିଥିବା ସୋମନାଥ ନନ୍ଦ ଲୋକପାଳ ଯୁକ୍ତି ବାଢିଥିଲେ। କାମର ଟଂକା ଉଠାଗଲା ସତ କିନ୍ତୁ କାମ କେଉଁଆଡେ ଚୋରି ହୋଇଗଲା ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ଲୋକପାଳ ଲକ୍ଷ୍ମୀ ପାଢୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ତେବେ ଜିଲ୍ଲାପାଳ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଜଣାପଡିଛି। ଏତେ ବଡ ଦୁର୍ନୀତି ଜିଲ୍ଲାରେ ଘଟୁଥିଲେ ମଧ୍ୟ କିପରି ଜିଲ୍ଲା ପ୍ରଶାସନ ଜାଣି ଚୁପ ରହିଛି ତାହାକୁ ନେଇ ସଂଦେହ ସୃଷ୍ଟି ହୋଇଛି।



### ବିନା ସୂଚନାଫଳକରେ ଚାଲିଛି କାମ

# ଧରାପଡ଼ିଲା ମନରେଗା ଅନିୟମିତତା



କେନ୍ଦୁଝର (ହି.ସ): ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପ୍ରକଳ୍ପ କାମ ଶ୍ରମିକଙ୍କ ଦ୍ୱାରା ହେବା କଥା। ମାତ୍ର ଶ୍ରମିକ ବଦଳରେ ମେସିନ କରୁଛି କାମ। କାମ ଆରମ୍ଭରୁ ପ୍ରକଳ୍ପ ନିର୍ମାଣ ସ୍ଥାନରେ ସୂଚନାଫଳକ ଲାଗିବା କଥା। କିନ୍ତୁ ବିନା ସୂଚନାଫଳକରେ କାମ ହେଉଛି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ରେ ମନରେଗା ଯୋଜନାରେ ହେଉଥିବା ଏଭଳି ଏକାଧିକ ଅନିୟମିତତା ଦେଖି କ୍ଷୁବ୍ଧ ହୋଇଛନ୍ତି ମନରେଗା ଲୋକାପାଳ। ଏନେଇ ସେ ତେଲକୋଇ ବିଡିଓଙ୍କୁ ଚିଠି ଲେଖିବା ପରେ ବ୍ଲକ୍ ପ୍ରଶାସନ ଏବେ କାଠଗଡ଼ାରେ ଠିଆ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ଏପ୍ରିଲ ୧୩ରେ ମନରେଗା ଲୋକପାଳ ତେଲକୋଇ ବ୍ଲକ୍‌ର ଓରିଆବିରିଦା ପଞ୍ଚାୟତକୁ ଗସ୍ତ କରିଥିଲେ। ଏହି ସମୟରେ ସେଠାରେ ଜଟପୋଖରୀ ଖନନ ଚାଲିଥିଲା। ଏଥିପାଇଁ ମନରେଗାରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଏଠାରେ ମନରେଗା ଯୋଜନାର କୌଣସି ମାର୍ଗଦର୍ଶିକା ଅନୁସରଣ କରାଯାଉ ନଥିଲା। ଏନେଇ ଚିଠି ନମ୍ବର ୧୯ରେ ମନରେଗା ଲୋକପାଳ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ପୋଖରୀ ଖନନ ପାଇଁ ସୂଚନାଫଳକ ଲଗାଯାଇ ନଥିବା ବେଳେ ଶ୍ରମିକଙ୍କ ବଦଳରେ ଜେସିବି ମେସିନରେ କାମ ହେଉଥିଲା। କୌଣସି ରନିଂ ବିଲ୍ କରାନଯାଇ କେବଳ ଶ୍ରମିକଙ୍କ ପାଉଣା ବାବଦକୁ ୩ ଲକ୍ଷ ୨୩ ହଜାର ୬୭୬ ଟଙ୍କା ପ୍ରଦାନ କରାଯାଇଛି। ଯାହା ବେଆଇନ ବୋଲି ଲୋକାପାଳ ଦର୍ଶାଇଛନ୍ତି। ଏହି ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ତେଲକୋଇ ବିଡିଓଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମାତ୍ର ପାଉଣା ଦେବାବେଳେ ସରପଞ୍ଚଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହା ବେଆଇନ ବୋଲି ଲୋକପାଳ ନିଜ ଚିଠିରେ ଦର୍ଶାଇଛନ୍ତି। ଲୋକପାଳଙ୍କ ଗସ୍ତ ସମୟରେ କନିଷ୍ଠ ଯନ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ। ମାତ୍ର ପୋଖରୀ ଖୋଳା କାମ ଜେସିବି ମେସିନରେ ହୋଇଛି। ଯାହା ମନରେଗା ମାର୍ଗଦର୍ଶିକାର ଉଲ୍ଲଂଘନ ବୋଲି ଚିଠିରେ ଦର୍ଶାଯାଇଛି। ସେହିପରି ଜଟପୋଖରୀ ନିକଟରେ ଆଉ ଏକ ପୋଖରୀ କୋଟାପୋଖରୀ ଖନନ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏହି ପୋଖରୀ ଖୋଳା କାମ ଆରମ୍ଭ ହୋଇ ନଥିଲେ ବି ଏଠାରେ ସୂଚନାଫଳକ ଲାଗିଛି। ଜଟପୋଖରୀ ଖୋଳା ଫଟୋକୁ ବ୍ୟବହାର କରି ଉକ୍ତ ପୋଖରୀ ଖୋଳା କାମ ହୋଇଛି ବୋଲି ଦର୍ଶାଯାଇଛି। ଯାହା ଭ୍ରମାତ୍ମକ ବୋଲି ଲୋକପାଳ ନିଜ ଚିଠିରେ ଦର୍ଶାଇଛନ୍ତି।

# ୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ଜଣେ ଅଟକ



ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜ଼ିଲ୍ଲା ମୋହନା ପୋଲିସ ମୋହନା - ପି. ଗୋବିନ୍ଦପୁର ରାସ୍ତା ରେ ପେଟ୍ରୋଲିଂ କଲାବେଳେ କେଶରା ଛକ ନିକଟରୁ ଏକ ବୋଲେରୋ ପିକ୍ ଅପ୍ ଗାଡି ନଂ OD ୦୭ S ୯୩୧୧ରୁ ବିପୁଳ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇ ଅଡବା ଅଞ୍ଚଳ ରୁ କେଶରା ଦେଇ ଗଞ୍ଜାମ ଜ଼ିଲ୍ଲା କୁ ଚାଲାଣ ହେଉଥିଲା। ଉକ୍ତ ଗାଡ଼ିରେ ଥିବା ତିନି ଜଣ ଚାଲାଣକାରିଙ୍କ ମଧ୍ୟରୁ ଦୁଇଜଣ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଜଣେ ଅଭିଯୁକ୍ତ କୁ ଅଟକ ରଖି ପୋଲିସ ଅଧିକ ତଥ୍ୟ ବାହାର କରୁଛି। ଜବତ ଗଞ୍ଜେଇକୁ ଓଜନ କରିବାରେ ତାହା ୬ କୁଇଣ୍ଟାଲ ୯ କେଜି ହୋଇଥିବା ଜଣା ପଡିଛି । ଏହାର ମୂଲ୍ୟ ୩୦ ଲକ୍ଷ ରୁ ଉର୍ଦ୍ଧ ହେବ। ଘଟଣା ର ତଦନ୍ତ ଚାଲିଛି ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

### ଅଦିନିଆ ବର୍ଷାରେ ଶୋଚନୀୟ ହୋଇପଡ଼ିଛି ପାତ୍ରସାହି ରାସ୍ତା

# ଡ୍ରେନ ଓ ରାସ୍ତା ନିର୍ମାଣ ପାଇଁ ଦାବି



ପାରଳାଖେମୁଣ୍ଡି, (ପିପିଲସ୍): ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ମୋହନାର ମୋହନା ଗ୍ରାମପଞ୍ଚାୟତ ଅଧିନ ମୁଖ୍ୟ ବଜାର ପାର୍ଶ୍ୱରେ ରହିଥିବା ପାତ୍ର ସାହିର ରାସ୍ତା ଓ ଡ୍ରେନର ସମସ୍ୟା କହିଲେ ନସରେ. ଅସରାଏ ବର୍ଷାରେ ସାହି ରାସ୍ତା ଏକ ପ୍ରକାର ବେହାଲ ହୋଇ ଯାଇଥିଲା। ରାସ୍ତା ଉପରେ ବର୍ଷାପାଣି ସହିତ ଘରର ଆବର୍ଜନା ଜଳ ଢ଼େଉ ଖେଳୁଥିଲା। ଯାହାଫଳରେ ସାହି ବାସିନ୍ଦା ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦୀର୍ଘବର୍ଷ ହେଲା ଡ୍ରେନ ମରାମତି ନହୋଇ ପୋତି ହୋଇ ପଡି ରହିଥିବା ବେଳେ ରାସ୍ତା ସଂପ୍ରସାରଣ ନ ହୋଇ ନିର୍ମାଣ ହୋଇପାରୁନି। ଯାହାଫଳରେ ସାହି ଲୋକେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସୂଚନା ଯୋଗ୍ୟ ଗତ ୨୩ ଜାନୁଆରୀ ୨୦୨୧ରେ ସ୍ଥାନୀୟ ଏମକେସିଜି ଯୁବକ ସଂଘ ଓ ସାହି ବାସିନ୍ଦାଙ୍କ ପକ୍ଷରୁ ପାତ୍ର ସାହି ରାସ୍ତାକୁ ଓସାର କରାଯାଇ ପକ୍କା ରାସ୍ତା ନିର୍ମାଣ କରାଯାଉ ବୋଲି ବିଡ଼ିଓ ଓ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।ଏହା ମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତାଟି ନିର୍ମାଣ ହୋଇପାରିନାହିଁ। ୧୯୮୫ ମସିହା ପର୍ଯ୍ୟନ୍ତ ରାସ୍ତାଟି ଓସାର ହୋଇ ରହିଥିଲା। ଯାହାଫଳରେ ଗ୍ରାମର ପ୍ରତ୍ୟେକ ଯାତ୍ରା, ବୈଠକ, ଭୋଜିଭାତ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସାହି ମଧ୍ୟରେ ହୋଇପାରୁଥିଲା ।କିନ୍ତୁ ଜବରଦଖଲ ଯୋଗୁଁ ଏବେ ରାସ୍ତାଟି ସଂକୀର୍ଣ୍ଣ ହୋଇଯାଇଛି। ଏଣୁ ଏହାକୁ ଉଚ୍ଛେଦ କରି ଚ଼ଉଡା ରାସ୍ତା ନିର୍ମାଣ କରିବା ପାଇଁ ଯୁବକ ସଂଘ କର୍ମକର୍ତ୍ତା ଓ ସାହି ବାସିନ୍ଦା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଷ୍ଟାଣ୍ଡରେ ବସ୍ ନରହି ରାସ୍ତାରେ ରହୁଥିବାରୁ ବଢୁଛି ଟ୍ରାଫିକ ସମସ୍ୟା

ଘଟଗାଁ (ହି.ସ): ଘଟଗାଁରେ ବସ୍ ରହିବା ପାଇଁ ବସ୍‌ଷ୍ଟାଣ୍ଡ୍ ନିର୍ମାଣ କରାଯାଇଛି। ୨୦ ତାରିଖରୁ କୌଣସି ବସ୍ ଷ୍ଟାଣ୍ଡକୁ ଆସୁନାହାନ୍ତି। ବସ୍ ଗୁଡ଼ିକ ରାସ୍ତା ଉପରେ ଠିଆ ହୋଇ ଯାତ୍ରୀଙ୍କୁ ନେବାଆଣିବା କରୁଥିବାରୁ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ବିଭିନ୍ନ ସମୟରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ସାଧାରଣ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ମଧ୍ୟ ନିଦାବିଷ୍ଟୁ ସାଜିଛି। କାହା ନିର୍ଦ୍ଦେଶରେ ଷ୍ଟାଣ୍ଡକୁ ବସ୍ ଆସୁ ନାହାନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୩ ରେ ୪୨ ଲକ୍ଷ ଟଙ୍କା ବ୍ୟୟରେ ଘଟଗାଁ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରାଯାଇଥିଲା। ବସ୍‌ଷ୍ଟାଣ୍ଡରେ ଶୌଚାଳୟ ,ପରିସ୍ରାଗାର, ଯାତ୍ରୀ ବିଶ୍ରାମଗାର ଓ ବସ୍‌ଷ୍ଟାଣ୍ତ ପରିସରକୁ କଂକ୍ରିଟ କରାଯାଇ ଚାରିପାଖରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। ତତ୍କାଳୀନ କେନ୍ଦୁଝର ଜିଲ୍ଲାପାଳ ଏହାର ଉଦ୍‌ଘାଟନ କରିଥିଲେ। ବସ୍‌ଷ୍ଟାଣ୍ତର ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଥିଲା। ଦୀର୍ଘ ୧୦ ବର୍ଷ ହେଲା ଏଠାକୁ ବସ୍ ଆସୁଥିଲେ। ଯାତ୍ରୀଙ୍କୁ ନେବାଆଣିବା କରୁଥିଲେ। ବସ୍‌ଷ୍ଟାଣ୍ଡକୁ ବସ୍ ଓ ଯାତ୍ରୀ ଆସୁଥିବାରୁ ଦୋକାନୀମାନେ ମଧ୍ୟ ଭଲ ଦୁଇପଇସା ରୋଜଗାର କରୁଥିଲେ। ମାତ୍ର ଗତ ୨୦ ତାରିଖରୁ ହଠାତ୍ ଯାତ୍ରୀବାହୀ ବସ୍ ? ଗୁଡ଼ିକ ଷ୍ଟାଣ୍ଡ ଭିତରକୁ ନଯାଇ ରାସ୍ତାରେ ଠିଆ ହେଉଛନ୍ତି। ସେଠାରେ ଯାତ୍ରୀଙ୍କୁ ଓହ୍ଲାଉଛନ୍ତି। ବସ୍ ଗୁଡ଼ିକ ରାସ୍ତାରେ ୧୦/୧୫ ମିନିଟ ଧରି ଅଟକି ରହିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସେହିପରି ବସ୍‌ଷ୍ଟାଣ୍ତରେ ଦୋକାନ କରିଥିବା ବ୍ୟାବସାୟୀମାନେ କ୍ଷତି ସହୁଛନ୍ତି। ଏନେଇ ବ୍ୟବସାୟୀମାନେ ଗତକାଲି ସ୍ଥାନୀୟ ସରପଞ୍ଚଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଆର୍ନ୍ତଜାତୀୟ ଶ୍ରମିକ ଦିବସ ପାଳିତ



ରାଉରକେଲା, (ପିପିଏସ): ଜିଲ୍ଲା ଶ୍ରମ ବିଭାଗ, ସୁନ୍ଦରଗଡ଼ ତଥା ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଆର୍ନ୍ତଜାତୀକ ଶ୍ରମିକ ଦିବସ ସମାରୋହ ସ୍ଥାନୀୟ ସିଭିକ ସେଣ୍ଟରଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଂଗପୁର ବିଧାୟକ ଡାକ୍ତର ସିଏସ ରାଜିନ ଏକ୍କା ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରିଥିଲେ। ସେ କହିଥିଲେ ଯେ ପ୍ରତ୍ୟେକ ଶ୍ରମିକ ନିଜ ନିଜ ମୌଳିକ ଅଧିକାର ବିଷୟରେ ସଚେତନ ହେବା ଉଚିତ୍। ଶ୍ରମିକ ମାନଙ୍କୁ ସରକାର ପକ୍ଷରୁ ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ପ୍ରଦାନ କରାଯାଉଛି। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରସୁତି, ମୃତ୍ୟୁ କାଳିନ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ପ୍ରତ୍ୟେକ ଶ୍ରମିକ ନିଜ ସର୍ବ ନିମ୍ନ ମଜୁରି ସହିତ ସାମାଜିକ ନିରାପତ୍ତା ଆଇନ ବିଷୟରେ ସଚେତନ ହେବା ନିତାନ୍ତ ଜରୁରୀ। ସମ୍ମାନୀୟ ଅତିଥି ଭାବରେ ଯୋଗଦାନ କରି ଉପଜିଲ୍ଲାପାଳ ପାନପୋଷ ଶ୍ରୀ ଅଭିମନ୍ୟୁ ମାଝୀ ଦେଶ ଗଠନରେ ଶ୍ରମିକ ମାନଙ୍କ ଅବଦାନ ଅତୁଳନୀୟ କହିଥିଲେ। ସେହିପରି ସମ୍ମାନିୟ ଅତିଥି ଅଖିଳ ଭାରତୀୟ ଉପସଭାପତି (ସିଆଇଟିୟୁ) ବିଷ୍ଣୁ ମହାନ୍ତି ଶ୍ରମିକ ଦିବସର ଇତିହାସ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୧୭୬ ହିତାଧିକାରୀ ମାନଙ୍କୁ ଶିକ୍ଷା ପାଇଁ ଆର୍ଥିକ ସହାୟତୀ ରାଶି, ୭୦ ଜଣ ଶ୍ରମିକ ମାନଙ୍କୁ ବିବାହ, ପ୍ରସୁତି ପାଇଁ ୩୮, ୧୫୩ ଜଣଙ୍କୁ ମୃତ୍ୟୁ କାଳିନ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏବଂ ୧୦୮୩ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା ଅସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୫ ଜଣଙ୍କୁ ମୃତ୍ୟୁ କାଳିନ ଆର୍ଥିକ ସହାୟତା ଏବଂ ୫୦ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜେନେରାଲ ସେକ୍ରେଟାରୀ (ଆଇଏନଟିୟୁସି) ପ୍ରଶାନ୍ତ ବେହେରା , ହିନ୍ଦ ମଜଦୁର ସଭା ରାଜ୍ୟ ଉପସଭାପତି ବୈଦନାମ ଦାସ, ଷ୍ଟିଲ ମଜଦୁର ୟୁନିୟନ ସଭାପତି ପଶୁପତିନାଥ ଚାଟାର୍ଜୀ, ଏଆଇୟୁଟିୟୁସି ଜିଲ୍ଲା ସଚିବ ଅଜିତ ନାୟକ ଓ ସଦାନନ୍ଦ ସାହୁ, ଜିଲ୍ଲା ସଚିବ (ସିଆଇଟିୟୁ) ବିମାନ ମାଇତି ଉପସ୍ଥିତ ଥିଲେ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ରାଉରକେଲା, (ପିପିଏସ): ସୁନ୍ଦରଗଡ଼ର ସଦଭାବନା ଭବନ ଠାରେ ଜିଲ୍ଲାପାଳ ଡା. ପରାଗ ଗଭାଲି ଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ମୋଟ ୧୩୩ ଟି ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଗୁଡିକ ମଧ୍ୟରେ ୧୧୪ ଟି ଅଭିଯୋଗ ବ୍ୟକ୍ତିଗତ ଜନିତ ହୋଇଥିବା ବେଳେ ୧୯ ଗୋଟି ସାମୁହିକ ବା ଗୋଷ୍ଠି ସମସ୍ୟା ସମ୍ପର୍କିତ ଅଭିଯୋଗ ଗୁଡିକ ରହିଥିଲା। ଏହି ସାମୁହିକ ଅଭିଯୋଗ ଗୁଡିକ ମଧ୍ୟରେ ରାସ୍ତା ଘାଟ ମରାମତି, ଡ୍ରେନେଜ ସମସ୍ୟା, ବିଦ୍ୟାଳୟର ସମସ୍ୟା, କର୍ମଚାରୀ ନିଯୁକ୍ତି ଆଦି ରହିଥିଲା ଓ ସେହିପରି ବ୍ୟକ୍ତିଗତ ଅଭିଯୋଗ ଗୁଡିକ ମଧ୍ୟରେ ରାସନ କାର୍ଡ, ଟ୍ରାଇ ସାଇକେଲ ଯୋଗାଣ, ବାର୍ଦ୍ଧକ୍ୟ ଭତ୍ତା, କୋର୍ଟ କେଶ ଆଦି ରହିଥିଲା। ସେହିପରି ୬୨ ଗୋଟି ଅଭିଯୋଗର ତତ୍ କ୍ଷଣାତ୍ ସମାଧାନ କରାଯାଇଥିଲା ଓ ସେଥିମଧ୍ୟରୁ ୪୩ ଗୋଟି ସି. ଏମ୍. ଆର୍. ଏଫ୍.ରୁ ଆର୍ଥିକ ସହାୟତା ନିମନ୍ତେ ରହିଥିଲା ଏବଂ ୨ ଗୋଟି ଜିଲ୍ଲା ରେଡ୍ କ୍ରସ୍‌ରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆବେଦନ ରହିଥିଲା। ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ମନୋଜ ମହାଜନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସୁନ୍ଦରଗଡ଼ ସୁରେନ୍ଦ୍ର ମାଝୀ, ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ପି. ଏ. ଆଇ. ଟି. ଡ଼ି. ଏ. ସୁନ୍ଦରଗଡ଼ ରାମକୃଷ୍ଣ ଗଣ୍ଡ, ସଦର ତହସିଲଦାର କୁଳମଣି ରଣବିଡ଼ା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବଲାଙ୍ଗିର, (ହି.ସ.): ବାହାଘର ଭୋଜି ପରଷୁଥିବା ସମୟରେ ବିଦ୍ୟୁତ ଆଘାତରେ ଜଣକର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ସହର ଖରସେଲପଡାରେ। ଗତ ରାତିରେ କ୍ଷମା ସାହୁଙ୍କ ଝିଅଙ୍କ ବାହାଘର ଥିଲା। ଅନ୍ୟ ବନ୍ଧୁବାନ୍ଧବଙ୍କ ସହିତ ନିଜ ସମ୍ପର୍କୀୟ ଘରକୁ ବାହାଭୋଜି ଖାଇବା ପାଇଁ ଆସିଥିଲେ ଦେଓଗାଁ ବ୍ଲକ ବହଳି ଗାଁ ର ଗୋକୁଳ ସାହୁ। ବାହାଘର ଭୋଜି ପରଷୁଥିବା ସମୟରେ ଏକ ଲୁହା ଖମ୍ବକୁ ସେ ହାତରେ ଧରି ଦେଇଥିଲେ। ସଙ୍ଗେ ସଙ୍ଗେ କରେଂଟ ଲାଗି ଗୋକୁଳଙ୍କ ଜୀବନ ଚାଲିଯାଇଥିଲା। ଲୁହା ଖୁଂଟରେ ଏକ ହେଲୋଜେନ ଲାଇଟ ଲଗାଯାଇଥିଲା। ସେହି ଲାଇଟରୁ ସର୍ଟସର୍କିଟ ହୋଇ କରେଂଟ ଲାଗିଥିବା ଅନୁମାନ କରାଯାଉଛି। ଟାଉନ ପୋଲିସ ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଛେଦ ନିମନ୍ତେ ପଠାଇ ଅଧିକ ତଦନ୍ତ ଜାରୀ ରଖିଛି। ଘଟଣା ପରେ ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତ ଗୋକୁଳ ଜଣେ ପାଇପ ମିସ୍ତ୍ରୀ ଥିଲେ।

# ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ




ବଲାଙ୍ଗିର (ହି.ସ): ବଲାଙ୍ଗିର ଜିଲ୍ଲାର ସରକାରୀ ହାଇସ୍କୁଲରେ ୨୦୧୬-୨୦୨୨ ମସିହାର ନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଦୁଇ ମାସର ଦରମା ଓ ନିୟମିତ ଦାବୀ ନେଇ ରାଜ୍ୟ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ଉପ-ସଭାପତି ବିନୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କ ଜନ୍ମ ଦିନ ତଥା ଗତ ଅକ୍ଟୋବର ମାସ ୧୫ ତାରିଖରେ ଓଡିଶା ମାଟିରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କଲେ । ଜି.ଏ.ଏଣ୍ଡ ପି.ଜି ବିଭାଗ ର ନୋଟିଫିକେସନ ନଂ- ୨୯୦୭୬, ତା. ୧୭.୧୦.୨୦୨୨ ଅନୁସାରେ ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମରେ ନିଯୁକ୍ତ ସମସ୍ତ କର୍ମଚାରୀମାନେ ନିୟମିତ ହେବେ ବୋଲି ଉଲ୍ଲେଖ କରାଯାଇଛି । ଏହି ଶିକ୍ଷକ ମାନେ ଉକ୍ତ ନିୟମ ଅନୁସାରେ ଆସୁଥିଲେ ହେଁ ରାଜ୍ୟ ର ଅନ୍ୟ ସମସ୍ତ ବିଭାଗର କର୍ମଚାରୀ ମାନେ ନିୟମିତ ହୋଇ ଦରମା ଓ ବକେୟା ପାଇ ସାରିଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୮,୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରୁନାହିଁ । ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ହେଲା ପରେ ଅର୍ଥ ବିଭାଗ ଆଉ ୨୦୨୩-୨୪ଆର୍ଥିକ ବର୍ଷ କଣ୍ଟ୍ରାକ୍ଟୁଆଲ ହେଡରେ ଏଲଟମେଣ୍ଟ ପ୍ରଦାନ କରି ନ ଥିବାରୁ ମାର୍ଚ୍ଚ ଓ ଏପ୍ରିଲ ଦୁଇ ମାସ ହେଲା କଣ୍ଟ୍ରାକ୍ଟୁଆଲ ଦରମା ମଧ୍ୟ ପାଉନାହାନ୍ତି, ତେଣୁ ଶିକ୍ଷକ ମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପକ୍ଷରେ ନିୟମିତ କରୁ ନାହାନ୍ତି ଓ ଅନ୍ୟ ପକ୍ଷରେ ନିୟମିତ ହୋଇନାହାନ୍ତି ବୋଲି ଦରମା ମଧ୍ୟ ଦୁଇ ମାସ ହେଲା ନ ପାଇବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅସନ୍ତୋଷର ବାତାବରଣ ଖେଳିଯାଇଛି । ଓଡିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଏପ୍ରିଲ ୧ ତାରିଖରୁ ୧୩ ତାରିଖ ଧରି ବିଧାନସଭା ସମ୍ମୁଖରେ ଧାରଣା ଦେଲା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ନୋଟିଫିକେସନ ନଂ ୮୪୭୪, ତା.୧୩.୦୪.୨୦୨୩ ପ୍ରକାଶ ପାଇଥିଲେ ହେଁ ଜିଲ୍ଲା ଶିକ୍ଷାଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ନ ଥିବାରୁ ଚୁକ୍ତିଭିତ୍ତିକ ଶିକ୍ଷକ ମାନେ ନିୟମିତ ହୋଇପାରୁନାହାନ୍ତି । ରାଜ୍ୟ ସଂଘର ଉପସଭାପତି ବିନୋଦ କୁମାର ମିଶ୍ର ସରକାର ଶୀଘ୍ର ନିୟମିତ କରନ୍ତୁ ବୋଲି କହିଥିବା ବେଳେ ବରିଷ୍ଠ ଶିକ୍ଷକ ଅରବିନ୍ଦ କୁମ୍ଭାର ସରକାର ଯଦି ସାତ ଦିନ ଭିତରେ ନିୟମିତ କରି ଦରମା ପ୍ରଦାନ ନ କଲେ ମେ ୮ ତାରିଖରୁ ପୁଣି ଥରେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନି ଦେଇଛନ୍ତି । ଦାବିପତ୍ର ଦେବାବେଳେ ଶିକ୍ଷକ ମାଧବ ପଧାନ, ଅଭିମନ୍ୟୁ ନାଏକ, ଯୋଗେନ୍ଦ୍ର ଆଡ଼ୟୁଏଡ, କର୍ମ ପଧାନ, ବିରେନ୍ଦ୍ର ନାଏକ, ଅଭିନିତା ପଟ୍ଟନାଏକ, ପୂଜା ଦର୍ଜ୍ଜି , ଡିଲେଶ୍ୱରୀ କୁଅଁର ସହ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ମୋଟର କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ




ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ବସଷ୍ଟାଣ୍ଡ ଠାରେ ଥିବା ପାରଳାଖେମୁଣ୍ଡି ମୋଟର କର୍ମଚାରୀ ସଂଘ ପକ୍ଷରୁ ମଇ ଦିବସ ବା ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡ କାର୍ଯ୍ୟାଳୟ ଠାରେ ସଭାପତି ନୃସିଂହ ଚରଣ ପଟ୍ଟନାୟକ ଙ୍କ ସଭାପତିତ୍ୱ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ଏସଡିପିଓ ରାମକୃଷ୍ଣ ପତି ଯୋଗ ଦେଇ ଶ୍ରମିକ ଦିବସ ର ଇତିହାସ ଓ ସରକାରୀ ନିୟମ ଯୋଜନା ମାଧ୍ୟମରେ ଅଧିକାର ପ୍ରାପ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବରେ ପାରଳା ଥାନା ଅଧିକାରୀ ବାବୁଲି ନାୟକ, ସଙ୍ଘ ର ସଂପାଦକ ବଂଶୀକ୍ରୀଷ୍ଣା, ସାଧାରଣ ସଂପାଦକ ପି. ସିମାଦ୍ରି, ଯୁଗ୍ମ ସମ୍ପାଦକ ଲୋକନାଥ ସାହୁ କୋଷାଧକ୍ଷ କେ. ଗିରିଧର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଙ୍ଘ ର କାର୍ଯ୍ୟକାରୀ ସଭାପତି ନୂତନ ଭାବେ ଆଦର୍ଶ ଦାସ ଙ୍କୁ ଚୟନ କରାଯାଇଥିଲା, ସଂଘ ର ପୁରାତନ ପ୍ରତିଷ୍ଠିତ ସଦସ୍ୟ ମାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସାଧାରଣ ସଭା ଆୟୋଜନ ହେବା ସହ ସଂଘ ର ଦିବଂଗତ ନେତା ରାମ ଗୋପାଳ ରାଓ, ପିନିଣ୍ଟି କ୍ରୀଷ୍ଣା ଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ମୋଟର କର୍ମଚାରୀ, ଅଟୋ ସଂଘ, ଖଲାସୀ ସଂଘ ପକ୍ଷରୁ ମିଳିତ ଭାବେ ଏକ ବିରାଟ ଶୋଭାଯାତ୍ରା ରେ ସହର ପରିକ୍ରମା ଯେଉଁଥିରେ ଶହ ଶହ ଶ୍ରମିକ ମାନେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟନିର୍ବାହୀ ପରିଷଦ ପରିଚାଳନା କରିଥିବା ବେଳେ ବିଶେଷ କରି ମୋଟର ଚାଳକଙ୍କ ସମସ୍ୟା ଓ ଅଧିକାରକୁ ନେଇ ଆଲୋଚନା ହୋଇଥିଲା। ଶେଷ ରେ ବରିଷ୍ଠ ସଦସ୍ୟ ମାନେ ସଲାମୀ ସଙ୍ଗୀତ ପରିବେଷଣ କରିଥିଲେ।

# ଆକାଶବାଣୀ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ

ରାଉରକେଲା (ପିପିଏସ): ଆକାଶବାଣୀ କେନ୍ଦ୍ର ରାଉରକେଲା ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍ ଶହେତମ ଏପିସୋଡ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆକାଶବାଣୀ କେନ୍ଦ୍ରର ମୁଖ୍ୟ ପରିଚାଳକ ଜୟଦେବ ଭୁଏ ଓ ଇଂ ଏମଡି ସମିମ୍ ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ମୁଖପାତ୍ର ଧୀରେନ ସେନାପତି, ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ?ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, କଣ୍ଠଶିଳ୍ପୀ ରାଜକୁମାରୀ ଦେବୀ ଓ କ୍ରୀଡା ସଂଗଠକ ସୁଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସର୍ବଶ୍ରୀ ବିଷ୍ଣୁଚରଣ ସେଠୀ, ଗୌରାଙ୍ଗ ମହାନ୍ତି, ସଲିକ ବରୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥି ମାନେ ଜଗଦା ସ୍ଥିତ କେନ୍ଦ୍ର ଓ ସେକ୍ଟର ୬ ପାହାଡ ଉପରେ ଥିବା ଟ୍ରାନ୍ସମିଶନ କେନ୍ଦ୍ର ବୁଲି ଦେଖିଥିଲେ । ସେହିଭଳି ଆକାଶ ବାଣୀ କେନ୍ଦ୍ର ତରଫରୁ କାର୍ଯ୍ୟକ୍ରମ ପରିଚାଳକ ଆହ୍ଲାଦିନୀ ହୋତା, ମୀନାକ୍ଷୀ ନାୟକ, ବିକ୍ରମ ସାହୁ, ଦିଲ୍ଲୀପ ଖଡିରନ୍, ଚିତ୍ତରଞ୍ଜନ ଜେନା, ସିକନ୍ଦର ସୟ, ବସନ୍ତ କୁମାର ସାହୁ,କନକଲତା ବେହେରା,ଜଶିନ୍ତା ଡୁଙ୍ଗଡୁଙ୍ଗ, ଲଳିତା ମାଇଙ୍ଗ, ରଘୁନନ୍ଦନ ଲାକ୍ରା ଓ ଟ୍ରାନ୍ସମିଟର ଷ୍ଟାଫ୍ ସର୍ବଶ୍ରୀ ଦେବାଶିଷ ଚକ୍ରବର୍ତ୍ତୀ, ଅଜିତ କୁମାର ସାହୁ, ସୌଭାଗ୍ୟ ବାରିକ,ଗିରିଶ ଚନ୍ଦ୍ର ନାୟକ, ଭକ୍ତୁ କିଶାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଓଡ଼ିଆ ବିଭାଗ ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଣ୍ଟାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଯୁକ୍ତ+୨ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରୀଆନ ଶାନ୍ତରାମ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିକ୍ରମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ପ୍ରାଧ୍ୟାପକ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଅଧ୍ୟାପକ ଶ୍ରୀ ପଣ୍ଡା ତା ୨୬/୦୫/୧୯୯୨ କଲେଜରେ ଯୋଗଦାନ କରିଥିବାବେଳେ ତା ୩୦/୦୪/୨୩ ରେ ଅବସର ଗ୍ରହଣ କରିଛନ୍ତି। ମୁରିବାହାଲ ଯୁକ୍ତ +୨ କଲେଜ ଆରମ୍ଭ ରୁ ଅଧ୍ୟାପକ ହିସାବରେ ଦୀର୍ଘ ୩୨ ବର୍ଷ କାର୍ଯ୍ୟ କରି ଆଜି ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୨ ବର୍ଷ ସାଙ୍ଗରେ ରହି ଆଜି ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ଥିଲା କିନ୍ତୁ ଚାକିରୀ କରିଛୁ ମାନେ ଅବସର ଅଛି। ଅବସରକାଳୀନ ପରେ ବାକିତକ ଜୀବନ ସୁସ୍ଥ, ନିରୋଗ ଓ ଖୁସିରେ ରହନ୍ତୁ ବୋଲି ଶ୍ରୀ ଜଗନ୍ନାଥ ମହାପ୍ରଭୁ ପାଖରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ନରେନ୍ଦ୍ର ପାଣିଗ୍ରାହୀ, ରାଧେଶ୍ୟାମ ତ୍ରିପାଠୀ, ହୃଦାନନ୍ଦ ପୁହାଣ, ସାଗର ଦେହୁରୀ,ଧି ପୋଢ଼, ଏ.ନ ଭୋଇ ସମସ୍ତଅଧ୍ୟାପକ ଅଧ୍ୟାପିକା ଏବଂ ଷ୍ଟାଫ ପ୍ରମୁଖ ଉପସ୍ଥିତ ଥିଲେ।

# ସୂଚନା ଅଧିକାରରେ ତଥ୍ୟ ନମିଳିବାରୁ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧିନ ବାଲିଦାଣ୍ଡି ଗ୍ରାମର ବିଭିନ୍ନ ସରକାରୀ ଯୋଜନାରେ ହୋଇଥିବା ଅନିୟମିତତା ସମ୍ପର୍କରେ ସୂଚନା ଅଧିକାର ତଥ୍ୟ ବ୍ଲକ କାର୍ଯ୍ୟାଳୟକୁ ମଗା ଯାଇଥିଲା। ବ୍ଲକ କାର୍ଯ୍ୟାଳୟରୁ ସୂଚନା ନମିଳିବାରୁ ମଙ୍ଗଳବାର ଗ୍ରାମର ସୁରଥ ଧଳ, ଦେବେନ୍ଦ୍ର ନାୟକ, ସନ୍ନ୍ୟାସୀ ଧଳ, ଭଗବାନ ନାୟକ, ନିତାଇହରି ନାୟକ, ଧୁମାଳ ମହାକୁଡ଼, ମୁକ୍ତିକାନ୍ତ ଧଳ, ବସନ୍ତ ଧଳ, ସୁକାନ୍ତୀ ଧଳ, ରସାନନ୍ଦ ପାଢ଼ୀ, କମଳାକାନ୍ତ ପରିଡ଼ା,ଚନ୍ଦ୍ରମଣି ନାୟକ, ମନୋଜ ଧଳ, ଅନୁସୟ ନାୟକ, ଅଭୟ ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ପରେ ଆଗାମୀ ୭ଦିନ ମଧ୍ୟରେ ସେମାନଙ୍କୁ ତଥ୍ୟ ନମିଳିଲେ ଆମରଣ ଅନଶନ କରିବେ ବୋଲି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରି ଧାରଣା ସ୍ଥଗିତ ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବାଲିଦାଣ୍ଡି ଗ୍ରାମର ମୋପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦିରେ ୨୦୧୯ ମସିହା ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟ ସୂଚନା ଅଧିକାରରେ ଆବେଦନ କରିଥିଲେ। ମାତ୍ର ପ୍ରଥମ ଅପିଲ ବିଡିଓଙ୍କ ନିକଟରେ କରିବାକୁ ଆବେଦନକାରୀଙ୍କୁ ଚିଠି କରାଯାଇଥିଲା। ବିଳମ୍ବରେ ଚିଠି ପାଇ ସୂଚନା ଅଧିକାରର ପ୍ରଥମ ଅପିଲରେ ବିଡିଓଙ୍କ ନିକଟରେ ହାଜର ହୋଇଥିଲେ। ଆବେଦନକାରୀଙ୍କୁ ସମସ୍ତ ତଥ୍ୟ ମାଗଣାରେ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ଇତି ମଧ୍ୟରେ ୭ଦିନ ବିତି ଯାଇଥିବା ବେଳେ ତଥ୍ୟ ମଳିପାରି ନାହିଁ। ଯେଉଁଥିପାଇଁ ସେମାନେ ଧାରଣାରେ ବସିଥିଲେ। ତେବେ ବଡିଓ ଜ୍ୟୋତିର୍ମୟ କରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ, ଆବେଦନକାରୀଙ୍କୁ ତଥ୍ୟ ଦିଆଯାଇଛି। ସେ ତଥ୍ୟ ନନେଇ ସମ୍ପୂର୍ଣ୍ଣ ତଥ୍ୟ ଦିଆ ନଯାଇଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ଦିଆଯାଇଥିବା ତଥ୍ୟ ନେଇ ଅବଶିଷ୍ଟ କେଉଁ ତଥ୍ୟ ଦିଆ ନଯାଇଛି ସେନେଇ ସୂଚନା ଅଧିକାର ଆଇନ ଅନୁଯାୟି ଆବେଦନ କରିପାରିବେ।

# କମ୍ରେଡ଼ ଶିବଦାସ ଘୋଷଙ୍କ ଜୟନ୍ତୀ

କଟକ ସଦର, (ପିପିଏସ) : ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ, ସର୍ବହରା ଶ୍ରେଣୀର ନେତା ତଥା ଏସ୍.ୟୁ.ସି.ଆଇ.(ସି)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବ ଦାସ ଘୋଷଙ୍କର ଜନ୍ମ ଶତବର୍ଷ ପାଳନ କରାଯାଉଛି। କମରେଡ଼ ଶିବଦାସ ଘୋଷଙ୍କ ଶିକ୍ଷା ଓ ସଂଗ୍ରାମକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ଉପଲକ୍ଷେ ଆଜି ସ୍ଥାନୀୟ କଲେଜଛକଠାରେ ତାଙ୍କ ଉଦ୍ଧୃତି ପ୍ରଦର୍ଶନ, ବୁକ୍‌ଷ୍ଟଲ କରାଯିବା ସହ ପ୍ରଚାର ଉଦ୍‌ଘାଟନ କରାଯାଇଥିଲା। ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା କଟକ ଜିଲ୍ଲା କମିଟି ସମ୍ପାଦକ ବିଶ୍ୱବସୁ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପ୍ରତି ଦେଖାଦେଇଥିବା ଜାତୀୟ ଓ ଆନ୍ତର୍ଜାତୀୟ ସଙ୍କଟ ସମୟରେ ତାଙ୍କ ଶିକ୍ଷାକୁ ପାଥେୟ କରି ଦରଦାମ୍ ବୃଦ୍ଧି, ବେକାରୀ, ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସାୟୀକରଣ, ସାମ୍ପ୍ରଦାୟିକ ହିଂସା, ନାରୀ ନିର୍ଯ୍ୟାତନା ଇତ୍ୟାଦିରୁ ମୁକ୍ତି ତଥା କୃଷକ ଶ୍ରମିକମାନଙ୍କ ଅଧିକାରର ସୁରକ୍ଷା ପାଇଁ ସାମାଜିକ ପରିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ନେତାମାନେ ଆହ୍ୱାନ ଦେଇଥିଲେ।

# ଆନ୍ତର୍ଜାତୀୟ ଶ୍ରମ ଦିବସରେ ଭଦ୍ରକ ନିର୍ବାଚନ ମଣ୍ଡଳୀ ବିଧାୟକଙ୍କ ତ୍ରୁଟିପୂର୍ଣ୍ଣ ମନ୍ତବ୍ୟକୁ ବିରୋଧ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଭଦ୍ରକ ଟାଉନ ହଲ ଠାରେ ପାଳନ କରାଯାଇଥିବା ଆନ୍ତର୍ଜାତୀୟ ଶ୍ରମ ଦିବସରେ ଭଦ୍ରକ ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସଂଜୀବ କୁମାର ମଲ୍ଲିକ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟରେ ଶ୍ରମିକମାନଙ୍କ ନାମ ପଞ୍ଜିକରଣ କ୍ଷେତ୍ରରେ ଶ୍ରମିକ ସଂଗଠନମାନଙ୍କୁ ନ ପଚାରି ଲୋକଙ୍କର ପଞ୍ଜିକରଣ କରିବା ପାଇଁ ଶ୍ରମ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପରାମର୍ଶକୁ ତଥା ବିଧାୟକଙ୍କ ଏଭଳି ତୃଟିପୂର୍ଣ୍ଣ ମନ୍ତବ୍ୟକୁ ଜିଲ୍ଲା ମିଳିତ ଶ୍ରମିକ ସଂଗଠନ ତରଫରୁ ନିନ୍ଦା କରିବା ସହିତ ବିରୋଧ କରିଛନ୍ତି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ସଂବିଧାନର ବିଓସି ଆକ୍ଟରେ ଶ୍ରମିକମାନଙ୍କ ନାମ ପଞ୍ଜିକରଣ ପାଇଁ ଶ୍ରମିକ ସଂଗଠନକୁ ଅଖଣ୍ଡ କ୍ଷମତା ଦିଆ ଯାଇଛି। ଶ୍ରମକି ଦିବସ ପାଳନ ଅବସରରେ ଶ୍ରମିକ ସଂଗଠନର ନେତୃତ୍ୱ ଉପସ୍ଥିତ ଥିବା ବେଳେ ବିଧାୟକଙ୍କ ଏଭଳି ମନ୍ତବ୍ୟ ସମସ୍ତଙ୍କୁ ଆଘାତ ପହଞ୍ଚାଇଥିଲେ ମଧ ଭଦ୍ରକର ସ୍ୱାଭିମାନ ଏବଂ ବିଧାୟକଙ୍କ ସମ୍ମାନକୁ ଆଖି ଆଗରେ ରଖି ଏହାର ପ୍ରତିବାଦ କରି ନଥିଲେ ବୋଲି ଭଦ୍ରକ ଜିଲ୍ଲା ଶ୍ରମିକ ସମନ୍ୱୟ ସଂଗଠନର ସଭାପତି ନାରାୟଣ ଚନ୍ଦ୍ର ନାୟକ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏଣୁ ମିଳିତ ଶ୍ରମିକ ସଂଗଂନମାନଙ୍କର ଦାବୀ ମାନ୍ୟବର ବିଧାୟକ ଉପରୋକ୍ତ ତୃଟିପୂର୍ଣ୍ଣ ମନ୍ତବ୍ୟ ପାଇଁ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ। ନଚେତ ଆଗାମୀ ଦିନରେ ରାଜରାସ୍ତାରେ ପ୍ରତିବାଦ ଓ ଆନ୍ଦୋଳନ କରାଯିବ ବୋଲି ସଭାପତି ଶ୍ରୀ ନାୟକଙ୍କ ସହିତକ୍ଷୀରସିନ୍ଧୁ ନାୟକ, ଅମୀୟ କୁମାର ନାୟକ, ଶାନ୍ତିଲତା ରାଉତ, ପାର୍ବତୀ ବସନ୍ତିଆ, ଶଶୀରେଖା ପଣ୍ଡା, ବିଜୟ କୁମାର ଜେନା, ବୃନ୍ଦାବନ ବାରିକ ସତ୍ୟବ୍ରତ ନାୟକ, ବାସନ୍ତୀଲତା ବେହେରା, ବିଷ୍ଣୁ ଚରଣ ଖଟୁଆ, ପ୍ରମୋଦ କୁମାର ମହାଳିକ, ମନୋଜ କୁମାର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଶାରୀରିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ




କଟକ, (ପିପିଏସ) : ଭୁବନେଶ୍ୱର ସ୍ଥିତ ସରକାରୀ ଶାରୀରିକ ଶିକ୍ଷାନୁଷ୍ଠାନ ୨୦୦୬-୦୭ ବ୍ୟାଚ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ମାଛୁଆବଜାର ସ୍ଥିତ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ବିପିଇଡିର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ ପତ୍ରପୁଷ୍ପ ଅତିଥି ପରିଚୟ ପ୍ରଦାନ କରିଥିଲେ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀ ନିଜ ସଫଳତାର କାହାଣୀ କହିବା ସହିତ ପୂର୍ବ ଦିନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ଏହି ଅବସରରେ ଡ. ଅଶୋକ ନାୟକ, ଡ. ଭାରତୀ ଦାସ, ଡ. ମନମୋହନ ରାଉତ, ଡ. ଧନେଶ୍ୱର ପଲେଇ, ଡ. ଦେବେନ୍ଦ୍ର ନାଥ ବେହେରା ଏବଂ ଦିବାକର ମୁଦୁଲିଙ୍କୁ ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାମୁଛାରେ ଫାଶୀ ଦେଇ ଯୁବକଙ୍କ ଆତ୍ମହତ୍ୟା

ଚମ୍ପୁଆ, (ହି.ସ.) : ଚମ୍ପୁଆ ଥାନା ଅନ୍ତର୍ଗତ ରଙ୍ଗାମାଟିଆ ପଂଚାୟତ ଟିଆଁସିପଶି ଗ୍ରାମରେ ଜଣେ ଯୁବକ ଗାମୁଛାରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯୁବକ ଜଣକ ହେଲେ ଟିଆଁସିପଶି ଗ୍ରାମର ତ୍ରିନାଥ ସିଂହଙ୍କ ପୁଅ ମଳୟ ସଂଚାର ସିଂହ (ଡାକ ନାମ ବାନା) ବୟସ ୨୨ ବର୍ଷ। ମିଳିଥିବା ସୂଚନା ଅନୁଯାୟୀ, ମଳୟ ଗତକାଲି ଗ୍ରାମ ହାଟ ରୁ ସଉଦା କରି ସଂଧ୍ୟା ବେଳକୁ ଘରକୁ ଫେରିଥିଲେ। ପୁଣି ଥରେ ସେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ସକାଳୁ ଗ୍ରାମ ରୁ ବୈତରଣୀ ନଦୀକୁ ଯାଇଥିବା ରାସ୍ତା କଡ ଆମ୍ବ ଗଛରେ ମଳୟଙ୍କ ମୃତ ଦେହ ଝୁଲୁଥିବା ଦେଖି ଗ୍ରାମବାସୀ ଚମ୍ପୁଆ ପୋଲିସକୁ ଖବର ଦେଇଥିଲେ। ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ବ୍ୟବଛେଦ ନିମନ୍ତେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ର ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡିଛି।

# ଚମ୍ପୁଆରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଚମ୍ପୁଆ, (ହି.ସ.) : ଚମ୍ପୁଆ ତାଲୁକ୍ ଆଇନ ସେବା କମିଟି ତରଫରୁ ଚମ୍ପୁଆ କୋର୍ଟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଚମ୍ପୁଆ ତାଲୁକ୍ ଆଇନ୍ ସେବା କମିଟିର ଅଧକ୍ଷ ସରୋଜ କୁମାର ଦାସ ଯୋଗଦେଇ ଶ୍ରମିକମାନଙ୍କୁ ଆଇନ୍ ଦେଇଥିବା ବିଭିନ୍ନ ଅଧିକାର ବିଷୟରେ ବର୍ଣ୍ଣନା କରିବା ସହ ଶିଶୁ ତଥା ନାବାଳକ ମାନଙ୍କୁ ଶ୍ରମିକ ଭାବେ କାର୍ଯ୍ୟ କରାଇବା ଆଇନତଃ ଅପରାଧ ବୋଲି ସୂଚିତ କରିଥିଲେ। ଏହା ସହ ନିର୍ଯ୍ୟାତିତ ଶ୍ରମିକ ମାନେ ନିଜ ହକ ଓ ନ୍ୟାର୍ଯ୍ୟଦାବୀ ପାଇଁ ଶ୍ରମ ଅଧିକାରୀ ଓ ଆଇନ୍ ସହାୟତା ପାଇବା ପାଇଁ ତାଲୁକ୍ ଆଇନ୍ ସେବା କମିଟିର ଦ୍ୱାରସ୍ଥ ହେଲେ କମିଟି ପକ୍ଷରୁ ସେମାନଙ୍କୁ ମାଗଣା ରେ ଆଇନ୍ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଚମ୍ପୁଆ ସବଜଜ ପ୍ରଦୀପ କୁମାର ପ୍ରଧାନ, ଏସଡିଜେଏମ ଶ୍ରଦ୍ଧା ମାଣ୍ଡାଠିଆ, ଜେଏମଏଫସି ସୁଶ୍ରୀ ସାଇପ୍ରିୟା ତ୍ରିପାଠୀ, ଫ୍ରଂଟ ଅଫିସ ରିଟେନର ରମାବଲ୍ଲଭ ମିଶ୍ର, ବରିଷ୍ଠ ଆଇନଜୀବି ବିଷ୍ଣୁଚରଣ ରାଠୋର, ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଆଇନ୍ ସେବା କମିଟି ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

# ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୁକୁନ୍ଦପୁର ଜଗନ୍ନାଥ ଫେଡେରେସନ କାର୍ଯ୍ୟାଳୟ ତାଲା ଭଙ୍ଗାଗଲା

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧିନ ମୁକୁନ୍ଦପୁର ପଞ୍ଚାୟତ ଜଗନ୍ନାଥ ଫେଡେରେସନର ପୁନର୍ଗଠନକୁ ନେଇ ବିବାଦ ଉପୁଜିଥିଲା। ଯାହାକୁ ନେଇ ଗୋଟିଏ ମହିଳା ଗୋଷ୍ଠୀ କକାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ମଙ୍ଗଳବାର ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ କାର୍ଯ୍ୟାଳୟର ତାଲା ଭଙ୍ଗାଯାଇ ରେକର୍ଡ଼ ପତ୍ର ଜବତ କରାଯାଇଛି। ପରବର୍ତ୍ତି ବୈଠକରେ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ନୂତନ କର୍ମକର୍ତ୍ତାଙ୍କୁ ହାସ୍ତାନ୍ତର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମଳିଛି। ପ୍ରକାଶ ଯେ, ପଞ୍ଚାୟତର ଜଗନ୍ନାଥ ଫେଡେରେସନ ପୁନର୍ଗଠନ ବେଳେ ପ୍ରଥମେ ସଭାନେତ୍ରୀ, ସମ୍ପାଦିକାଙ୍କ ମନୋନୟନ ପରେ ଅନ୍ୟ ପଦବୀ ମନୋନୟନ ସମୟରେ ଗଣ୍ଡଗୋଳ ଉପୁଜିଥିଲା। ଯାହାଫଳରେ ସଂପୂର୍ଣ୍ଣ ପୁନର୍ଗଠନ ହୋଇପାରି ନଥିଲା। ଫେଡେରେସନର ନୂତନ ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ନେଇ ବିବାଦ ଦେଖା ଦେଇଥିଲା। ଯେଉଁଥି ପାଇଁ ଗୋଟିଏ ମହିଳା ଗୋଷ୍ଠୀ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ପରେ ଏହି ପ୍ରସଂଗ ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟ ଜିଲାପାଳଙ୍କୁ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ଅବେଦନର ବିଚାର କରି ବାକିଥିବା ପଦବୀ ଗୁଡ଼ିକର ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପରିସର ମଧ୍ୟରେ ବାକିଥିବା ପଦବୀ ଗୁଡ଼ିକର ନିର୍ବାଚନ ହୋଇଥିଲା। ମାତ୍ର କାର୍ଯ୍ୟାଳୟରେ ତାଲା ପଡ଼ି ରହିଥିବାରୁ ନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟାମାନେ କାର୍ଯ୍ୟାଳୟକୁ ପଶି ପାରୁନଥିବା ବେଳେ ମହିଳାମାନେ କୌଣସି ସରକାରୀ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଥିଲେ। ଏ ନେଇ ବିଡିଓ ଜ୍ୟୋତିର୍ମୟ କର ତାଲା ଭାଙ୍ଗି କାର୍ଯ୍ୟାଳୟ ଖୋଲିବାକୁ ଉପଜିଲାପାଳଙ୍କୁ ଚିଠି ଲେଖିଥିଲେ। ଉପଜିଲାପାଳ ମନୋଜ କୁମାର ପାତ୍ରଙ୍କ ନିର୍ଦ୍ଦେଶ ପରେ ମାଜିଷ୍ଟ୍ରେଟ ଅତିରିକ୍ତ ତାସିଲଦାର ଅଙ୍କିତା ମହାନ୍ତି, ପୁଲିସ ଏସଆଇ ଅରୁନ୍ଧତୀ ବେହେରା, ଏଏସଆଇ ଦିଲୀପ ଦେହୁରୀ, ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ଷ୍ଟାଲିନ ନାୟକ, ବିଏଲସି ସ୍ନିଗ୍ଧାରାଣୀ ନାୟକ, ନନ୍ଦିନୀ ନାୟକ ଓ ସସ୍ମିତା ଖୁଣ୍ଟିଆ, ଏମବିକେ ସନ୍ଧ୍ୟାରାଣୀ ବାରିକ, ଏଲଏସପି ସୁଜିତ୍ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟାଳୟର ତାଲା ଭଙ୍ଗା ଯାଇ କାଗଜପତ୍ର ଜବତ କରାଯାଇଛି। ତୁରନ୍ତ ବ୍ୟାଙ୍କର ଜମାଖାତାରେ ନୂତନ ସଭାନେତ୍ରୀ ଉର୍ମିଳା ସେଠୀ, ସମ୍ପାଦିକା ରେବତୀ ମହଲାଙ୍କ ଦସ୍ତଖତ ପରିବର୍ତ୍ତନ କରାଇବାକୁ ଏମବିକେଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# କେନ୍ଦ୍ରୀୟ ଶ୍ରମିକ ଓ କର୍ମଚାରୀ ସଂଗଠନ ପକ୍ଷରୁ ମଇ ଦିବସ ସମାବେଶ




କଟକ ସଦର, (ପିପିଏସ) : ଆନ୍ତର୍ଜାତିକ ମଇ ଦିବସ ଉପଲକ୍ଷେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ., ଏଚ୍.ଏମ୍.ଏସ୍., ଆଇ.ଏନ୍.ଟି.ୟୁ.ସି., ଏନ୍.ଏଫ୍.ଆଇ.ଟି.ୟୁ, ସିଟି ଫେଡ଼େରେସନ୍ ଓ ସିଟି କୋଡିନେସନ୍ କମିଟି ପକ୍ଷରୁ ମଇ ଦିବସ ପାଳନ ଅବସରରେ କଲେଜଛକଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଣୀହାଟ ନିକଟରୁ ଏକ ପଟୁଆରେ ସତାଧିକ ଶ୍ରମିକ କର୍ମଚାରୀ ଶୋଭାଯାତ୍ରାରେ ଆସି କଲେଜଛକ ସମାବେଶସ୍ଥଳରେ ପହଞ୍ଚିଥିଲେ। ଉକ୍ତ ସଭାରେ ଶ୍ରମିକ ନେତା କିଶୋର ଜେନା, ଅଭୟ ସ୍ୱାଇଁ, ଖଗେଶ୍ୱର ସେଠୀ, ବିଜୟ ବେହେରା, ସନ୍ତୋଷ କୁମାର ଭୋଳ, ଯୁଧିଷ୍ଠିର ମହାରଣା, ବିପିନ ବିହାରି ପାଢ଼ୀ ଓ ଅଭୟ ମହାନ୍ତି ପ୍ରମୁଖ ସଭାପତି ମଣ୍ଡଳୀ ଦ୍ୱାରା ସଭା ପରିଚାଳନା କରାଯାଇଥିଲା। ଉକ୍ତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ରବିନାରାୟଣ ମଲ୍ଲିକ୍, ଅମରେନ୍ଦୁ ମହାନ୍ତି, ରାଜ କିଶୋର ମଲ୍ଲିକ୍, ସାକିର ଖାନ୍ ମଲ୍ଲିକ୍, ମନୋଜ ରଥ ଏବଂ ଅଭୟ ଦାସ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କ ଶ୍ରମିକ କର୍ମଚାରୀ ବିରୋଧି ନୀତିକୁ ନିନ୍ଦା କରିବା ସହ ଶ୍ରମିକ ବିରୋଧି ଶ୍ରମ ଆଇନ୍ ସଂଶୋଧନ୍ ଓ ଶ୍ରମ କାର୍ଡ଼ ବାତିଲ କରିବା, ବିଭିନ୍ନ କ୍ଷେତ୍ରରେ ଘରୋଇକରଣ ବନ୍ଦ କରିବା ଓ ଜାତୀୟ ସମ୍ପତ୍ତିଗୁଡ଼ିକୁ କର୍ପୋରେଟମାନଙ୍କୁ ଟେକିଦେବା ବନ୍ଦ କରିବା ପ୍ରମୁଖ ଦାବିଗୁଡ଼ିକୁ ନେଇ ମିଳିତ ଭାବେ ଶ୍ରମିକ କର୍ମଚାରୀ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ।

# ସହୀଦ ଦେବାଶିଷ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ସାକ୍ଷୀଗୋପାଳ (ପିପିଏସ) : ଅଳଗୁମ ଦନେଇ ବାଙ୍କସ୍ଥିତ ଏକ କଲ୍ୟାଣମଣ୍ଡପରେ ସହୀଦ ଦେବାଶିଷ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ବକୁଳ ବନ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥି ଭାବେ ଡ଼ ପ୍ରସନ୍ନ ପାଟଶାଣୀ ପ୍ରଦୀପ ପ୍ରଜ୍ଜ୍ୱଳନ କରି ସହିଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନୀତ ଭକ୍ତ କବି ଶଚ୍ଚିକାନ୍ତ ବିଶ୍ୱାଳ , ମହୋତ୍ସବର ସଭାପତି ସାଧୁଚରଣ ବେହେରା, ଉପସଭାପତି ଲକ୍ଷ୍ମୀ ନାରାୟଣ ମିଶ୍ର, ସମ୍ପାଦକ ଯଯାତି କେଶରୀ ରାୟ, ଇ ଟୋଣ୍ଟି ଫୋର ମେଡିକାଲ ର ପରିଚାଳନା ନିର୍ଦ୍ଦେଶକ ଇଂ ରାଜେଶ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ ପ୍ରତିଭା ମହାରଥୀ, ଉପେନ୍ଦ୍ର କୁମାର ବିଶ୍ୱାଳ ଅତିଥି ଯୋଗ ଦେଇ ଥିଲେ। ଏହି ଅବସରରେ ଶହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କବିତା ଆଶର ଆୟୋଜନ କରା ଯାଇଥିଲା ଏଥିରେ କବି କବୟିତ୍ରୀ ହେଲେ ଶିକ୍ଷୟତ୍ରୀ ବିଶାଖା ଦେବି, ସୁଜାତାଦେବି, ଜିତେନ୍ଦ୍ର ପଣ୍ଡା, ଦୀନକୃଷ୍ଣ ପ୍ରଧାନ, ଡକ୍ଟର ଯୋଗେନ୍ଦ୍ର ନାୟକ, ଶିକ୍ଷକ ପାଣ୍ଡବ ମହାରଣା, କୃପାନିଧି ପ୍ରଧାନ, ଶିକ୍ଷକ ଅଭୟ ସାହୁ, ସମେତ ୫୦ରୁ ଅଧିକ କବି ଓ କବୟତ୍ରୀ ଯୋଗ ଦାନ କରିଥିଲେ ସମସ୍ତ ଅତିଥି ଶହୀଦଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଦେବାକୁ ଭଗବାନଙ୍କ ନିକଟରେ ପାର୍ଥନା କରି ଭେଟିଥିଲେ।

# ପ୍ରଫେସର ଡକ୍ଟର ବିଚିତ୍ରାନନ୍ଦ ମହାନ୍ତିଙ୍କ ସ୍ମୃତି ସଭା ଅନୁଷ୍ଠିତ

କଟକ, (ପିପିଏସ) : ବିଶିଷ୍ଟ ଗବେଷକ ଓ ପ୍ରଫେସର ଡକ୍ଟର ବିଚିତ୍ରାନନ୍ଦ ମହାନ୍ତିଙ୍କ ସ୍ମୃତି ସଭା କଟକସ୍ଥିତ ରାମକୃଷ୍ଣ କୁଟୀର ଠାରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ପ୍ରଫେସର ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଡକ୍ଟର ମହାନ୍ତିଙ୍କ ଓଡ଼ିଆ ସାହିତ୍ୟକୁ ଅଶେଷ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏଥିରେ ଗୋବିନ୍ଦ ଚନ୍ଦ୍ର ମିଶ୍ର ପ୍ରଫେସର ସୁନାମଣି ରାଉତ, ଲେଖକ ସହଯୋଗ ସମିତିର ସଭାପତି ରଘୁନାଥ ମହାପାତ୍ର, ଆଡ଼ଭୋକେଟ ଗୋକୁଳାନନ୍ଦ ପଟ୍ଟନାୟକ, ସ୍ମୃତି କମିଟିର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି, ସାମ୍ବାଦିକ ଡକ୍ଟର ସତ୍ୟ ରାୟ, ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାଶ, ଭୁବନାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଡକ୍ଟର ମହାନ୍ତିଙ୍କର ସାହିତ୍ୟ କୃତି ସଂପର୍କରେ ଆଲୋଚନା କରିଥିଲେ। ଏଥିରେ ଡକ୍ଟର ମହାନ୍ତିଙ୍କର ପରିବାରବର୍ଗଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



# ହେଲ୍ପଦି ହ୍ୟୁମାନିଟି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରମିକ ଦିବସ ପାଳିତ

କଟକ ସଦର, (ପିପିଏସ) : ପୋତାପୋଖରୀସ୍ଥିତ ରାଧାମୋହନଜୀୟୁ ମନ୍ଦିର ପରିସରରେ ହେଲ୍ପଦି ହ୍ୟୁମାନିଟି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶ୍ରମିକ ଦିବସ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ଉପଦେଷ୍ଟା ଇଂ. ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଯଚିନ୍ଦ୍ର ମୋହନ ବେହେରା ଉଦ୍‌ଘାଟକ ଭାବେ ଯୋଗଦେଇ ଶ୍ରମିକମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ ଆଇନ୍ ଦିଗରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆଡଭୋକେଟ ପ୍ରଭୁ ପ୍ରସନ୍ନ ବେହେରା ଯୋଗଦେଇ ଶ୍ରମିକମାନଙ୍କର ଶ୍ରମ କାର୍ଡ଼ରୁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ନିର୍ମାଣ ଶ୍ରମିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶିଶିର କୁମାର ସାହୁ, ଅଞ୍ଜଳି ଶର୍ମା, ବିକାଶ ସାହୁ, ଲିପ୍‌ସାମୟୀ ବସ୍ତିଆ, ରାଜେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତିହିଡ଼ିରେ ସିଆଇଟିୟୁ ପକ୍ଷରୁ ମଇ ଦିବସ ପାଳିତ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ସିଆଇଟିୟୁ ପକ୍ଷରୁ ମଇ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ତିହିଡ଼ି ପୁରୁଣାହାଟ ଠାରେ ସିପିଏମ ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଚରଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳାଇ, ମାୟାଧର ଦାସ, ସତ୍ୟଜିତ୍ କୁଣ୍ଡ, ଗଜେନ୍ଦ୍ର ବେହେରା, ମୁକ୍ତିକାନ୍ତ ଭୋଳ, ଅର୍ଜୁନ ବଳ, ଭାଗବତ ସେନାପତି, ରବିନ୍ଦ୍ର ମୁଦୁଲି, ଅଶୋକ ମୁଦୁଲି, ଦିଲୀପ ନାଥ, ଗୟାଧର ସେଠୀ ପ୍ରମୁଖ ଯୋଗ ଦେଇ ଶ୍ରମିକମାନଙ୍କର ଦାବି ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ କହିଥିଲେ। ସେହିପରି କାଁପଡ଼ାରେ କୃଷ୍ଣ ଚନ୍ଦ୍ର ମଳିକ, ଜ୍ୟୋତିର୍ମୟ ମଳିକ, ଅଜୟ ମଳିକ, ବାବୁରାମ ମଳିକ, ଶ୍ରୀକାନ୍ତ ପଣ୍ଡା, ବିଜୟ କୁମାର ଭୋଇ, ନିରାକାର ମହାଳିକଙ୍କ ନେତୃତ୍ୱରେ ମଇ ଦିବସ ପାଳନ କରାଯାଇ ପତାକା ଉତ୍ତୋଳନ କରାଯାଇଥିଲା। ବାରେ ପଞ୍ଚାୟତରେ କୃଷକ ନେତା ନାରାୟଣ ଦାଶ, ବାଦଲ ଦାଶ, କନକଲତା ଦାସ, ମୋହନ ମହାଳିକ, ଅକ୍ଷୟ ସାହୁ ପ୍ରମୁଖ ମଇ ଦିବସ ପାଳନ କରିଥିଲେ।

# ଭଦ୍ରକ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ

ଭଦ୍ରକ, (ପିପିଏସ) : ଜନ ଶିକ୍ଷଣ ସଂସ୍ଥାନ, ଭଦ୍ରକ ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। ଏହି ଅବସରରେ ସଂସ୍ଥାନର ନିର୍ଦ୍ଦେଶିକା ଆରତୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଓ ସଚେତନତା କାର୍ଯ୍ୟକ୍ରମ ଶ୍ରମିକଙ୍କ ଅଧିକାର ନିୟମ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଅଜୟ କୁମାର ଦାସ ଏବଂ ସମ୍ମାନନୀୟ ଅତିଥି ଭାବେ ଆଇନଜୀବୀ ପବନ ଶର୍ମା, ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ସଂସ୍ଥାର ପ୍ରୋଗ୍ରାମ ଅଫିସର ମିଲୁ କୁମାର ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ସରକାରଙ୍କ ଦ୍ୱାରା ପ୍ରଣୟ କରାଯାଉଥିବା ଓ ଉପଲବ୍ଧ ହେଉଥିବା ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ନେଉଥିବା ଛାତ୍ରୀମାନଙ୍କ ମଧ୍ୟରେ ଏକ ମେହେନ୍ଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୮୨ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜନ ଶିକ୍ଷଣ ସଂସ୍ଥାନର କମ୍ପ୍ୟୁଟର ଅପରେଟର ରଶ୍ମି ରଂଜନ ସାହୁ, ଆକାଉଣ୍ଟ ଅଫିସର ବିଶ୍ୱଜିତ୍ ବେହେରା, ସବିତା ଯେନା ପରିଚାଳନା କରିଥିଲେ। ଶେଷରେ ସଂସ୍ଥାନର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥଯାତ୍ରାରେ ସୁଗମ ଦର୍ଶନ ବ୍ୟବସ୍ଥା ପାଇଁ ଭିନ୍ନକ୍ଷମଙ୍କ ଦାବି

ପୁରୀ, (ପିପିଏସ) : ଶ୍ରୀଗୁଣ୍ଡିଚା ଯାତ୍ରାରେ ଭିନ୍ନକ୍ଷମମାନଙ୍କର ସୁଗମ ଦର୍ଶନ ବ୍ୟବସ୍ଥା କରାଯିବା ପାଇଁ ଜିଲ୍ଲା ଭିନ୍ନକ୍ଷମ ମହାମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ପ୍ରଦୀପ ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଭିନ୍ନକ୍ଷମମାନେ ଦାବି କରିଥିଲେ ଯେ ବିଗତ ବର୍ଷମାନଙ୍କରେ ଉପଯୁକ୍ତ ସହଯୋଗ ଓ ବ୍ୟବସ୍ଥା କରାଯାଇ ନଥିବାରୁ ଭିନ୍ନକ୍ଷମମାନେ ଶ୍ରୀଜୀଉଙ୍କର ଦର୍ଶନ କରିପାରିନଥିଲେ। ଚଳିତ ବର୍ଷ ଏ ନିମନ୍ତେ ପ୍ରଶାସନ ଉପଯୁକ୍ତ ବ୍ୟବସ୍ଥା କରିବାକୁ ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

# ୟୁନାଇଟେଡ ଇଲେକ୍ଟ୍ରିସିଟି ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳିତ

କେନ୍ଦ୍ରାପଡ଼ା, (ହି.ସ.) : ୟୁନାଇଟେଡ ଇଲେକ୍ଟ୍ରି ସିଟି ଏମ୍ପ୍ଲଇଜି ୟୁନିୟନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ସ୍ୱୟଂ ସେଲିବ୍ରେସନ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୌରପରିଷଦ ଅଧକ୍ଷା ସରିତା ସାହୁ ପାରାଦ୍ୱିପ ଡିଭିଜନ ସଂପାଦକ ଆଦିତ୍ୟ ପ୍ରସନ୍ନ ମହାନ୍ତି, କେନ୍ଦ୍ରାପଡା ଡିଭିଜନ ଏଜିଏମ ପ୍ରଦିପ୍ତ କୁମାର ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଅଜୟ କୁମାର ସାମଲ, ଜଗତସିଂହପୁର ଡିଭିଜନ ସଂପାଦକ ଅଦ୍ୱୈତ କୁମାର ନାୟକ, ମାର୍ଶାଘାଇ ଡିଭିଜନ ସଂପାଦକ ଦିପକ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୟୁନିୟନର କର୍ମକର୍ତାଙ୍କ ଅକାଳ ବିୟୋଗରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୟୁନିୟନର ଜିଲ୍ଲା ସଭାପତି ଭୀମସେନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ ସଂପାଦକୀୟ ପାଠ କରିବା ସହିତ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଅତିଥି ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅସ୍ଥାୟୀ କର୍ମଚାରୀମାନଙ୍କୁ ନିୟମିତ କରିବା, ବେତନ ବୃଦ୍ଧି ହେବା ପ୍ରକ୍ରିୟାକୁ ଜୋରଦାର କରିବାକୁ ସଂଘର ନେତାମାନେ ଦାବି ଜଣାଇବା ସହିତ ବିଭିନ୍ନ ସଂଘର୍ଷମୟ ପରିସ୍ଥିତିରେ ସଂଘ ଲୋକଙ୍କୁ ବିଦ୍ୟୁତ ସେବା ଯୋଗାଇ ଆସୁଥିଲେ ମଧ ସରକାର ସଂଘର ଦାବିକୁ ବିଭିନ୍ନ ସମୟରେ ହାଲୁକା ଭାବେ ବିଚାର କରୁଛନ୍ତି। ୩୩/୧୧ କେ.ଭି ଷ୍ଟ୍ରକ୍‌ଚରରେ କାର୍ଯ୍ୟରତ କର୍ମଚାରୀମାନେ ଯେପରି କ୍ଷତିଗ୍ରସ୍ତ ହେବେ ନାହିଁ ସେଥିପ୍ରତି ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ସଂଘ କର୍ମଚାରୀ, କର୍ମକର୍ତା ଆଦି ଯୋଗ ଦେଇଥିଲେ। ଶୁଶାନ୍ତ କୁମାର ପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିପିନ ମଲ୍ଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉମେଶ ପତି, ରାଜୀବ ସାହୁ, ଗୌରାଙ୍ଗ ସିଂହ, ରବି ନାରାୟଣ ସୁତାର, ସୁଶାନ୍ତ ପତି, ଉମାକାନ୍ତ ସେଠୀ, ପ୍ରସନ୍ନ ପଣ୍ଡା, ମହେଶ୍ୱର ରାଉତ, ସାଗର ଲାଲ, ସାନ୍ତନୁ ମହାନ୍ତି, ସଞ୍ଜୟ କୁମାର ପଣ୍ଡା, ଦତ ନାରାୟଣ ବେହେରା, ସରୋଜ ମେକାପ, ରଞ୍ଜିତ ମଲ୍ଲିକ, ଗଣେଶ ମହାନ୍ତି ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ଏଲ୍.ଆର୍. ଡିଏଭି ପୁରାତନ ଛାତ୍ର ସଂସଦର ସମ୍ମିଳନୀ



କଟକ ସଦର, (ପିପିଏସ) : କଟକ ଗଣ୍ଡରପୁରସ୍ଥିତ ଲଜପତ ରାୟ ଡିଏଭି ପବ୍ଲିକ୍ ସ୍କୁଲର ପୁରାତନ ଛାତ୍ର ସଂଗଠନର ଚତୁର୍ଥ ସମ୍ମିଳନ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନିରେ କଟକ ଜିଲ୍ଲାପାଳ ଡଃ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତ୍ୟେକ ଛୋଟ ଜିନିଷରେ ହିଁ ବଡ଼ ହେବାର ସମ୍ଭାବନା ଲୁଚି ରହିଥାଏ ବୋଲି ଛାତ୍ରଛାତ୍ରୀଙ୍କର ମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ଯୋଗଦେଇ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ ପ୍ରତ୍ୟେକ ଉଦ୍ୟମ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରି ଧର୍ଯ୍ୟ ସଫଳତାର ଚାବି କାଠି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ସଂସଦର ସଭାପତି ମନିଷା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଗୌରବ ରାଣା, କୋଷାଧକ୍ଷ ତାରା ପ୍ରସାଦ ନାୟକ ଏବଂ ସଂଯୋଜିକା ସ୍ୱାତୀ ସ୍ନିଗ୍ଧା ବିଶ୍ୱାଳ, ସଂସଦ ତରଫରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଶୋକ କୁମାର ନନ୍ଦଙ୍କୁ ସମ୍ମାନୀତ କରିଥିବା ବେଳେ ଶିଶୁ ପ୍ରତିଭା ପ୍ରଧାନମନ୍ତ୍ରୀ ବାଲ୍ ପୁରସ୍କାର ପ୍ରାପ୍ତ ସମ୍ଭବ ମିଶ୍ର, ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ଏବଂ ମୁଖ୍ୟ ଅତିଥି ଡଃ ଚୟନୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




କଟକ ସଦର, (ପିପିଏସ) : ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆରେ ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ସମୀର ରଂଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉତ୍ତମ ଶିକ୍ଷା ମାଧ୍ୟମରେ ହୋଇଥାଏ ଏବଂ ଓଡ଼ିଶାରେ ଉନ୍ନତମାନର ଶିକ୍ଷାର ପ୍ରସାର ଦ୍ରୁତ ଗତିରେ ହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଏମ୍‌ସି ମେୟର ଶିବାସ ସିଂହ ଯୋଗଦେଇ ଚରିତ୍ର ଗଠନରେ ଶିକ୍ଷାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ତଥା ଓଡ଼ିଶା ଲୋକସେବା ଆୟୋଗର ଅଧକ୍ଷ ଡଃ ସତ୍ୟକାମ ମିଶ୍ର ଯୋଗଦେଇ ଶିଶୁମାନଙ୍କର ସାମଗ୍ରିକ ବିକାଶ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳ ଏବଂ ଜୟ ଭାରତ ସ୍କାଇସେସ୍‌ର ପରିଚାଳନା ନିର୍ଦ୍ଦେଶକ ସୁସାନ୍ତ କୁମାର ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟର ସଭାପତି ନନ୍ଦିତା ପଣ୍ଡା ସଭାରେ ଅଧକ୍ଷତା କରିଥିବା ବେଳେ ଉପସଭାପତି ପ୍ରଦୀପ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଲଳିତେନ୍ଦୁ କାନୁନ୍‌ଗୋ ସ୍ୱାଗତ ଭାଷଣ ଏବଂ ପ୍ରଧାନ ଆଚାର୍ଯ୍ୟ ମନୋରଂଜନ ସେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ଅନ୍ୱେଷା' ଅତିଥିମାନଙ୍କ ଦ୍ୱାର ଉନ୍ମୋଚନ କରାଯାଇଥିଲା। ୨୦୨୧-୨୨ ମାଟ୍ରିକ ପରୀକ୍ଷାରେ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖି ଏଗ୍ରେଡ୍‌ରେ ପାସ୍ କରିଥିବା ୫୬ ଜଣ ଛାତ୍ରଛାତ୍ରୀ, ପଠାଣୀ ସାମନ୍ତ ଗଣିତ ପ୍ରତିଭା, ଏନ୍.ଆର୍.ଟି.ଏସ୍. ଓ ସରକାରୀ ବୃତି ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ଲକ୍ଷ୍ମୀପ୍ରିୟା ଦାସ ଉପସ୍ଥିତ ଥିଲେ। କୋଷାଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ ମେଧାବୃତି ପରୀକ୍ଷା ଫଳ ପ୍ରକାଶିତ
# ଖଣ୍ଡପଡା ଓଡିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟର ୨ୟ ସ୍ଥାନରେ

ଖଣ୍ଡପଡା, (ପିପିଏସ) : ଜାତୀୟ ମେଧାବୃତି ପରୀକ୍ଷା ଫଳ ପ୍ରକାଶ ପାଇଛି । ଖଣ୍ଡପଡା ଓଡିଶା ଆଦର୍ଶ ବିଦ୍ୟାଳୟର ୧୭ ଜଣ ଛାତ୍ରଛାତ୍ରୀ ଚଳିତ ମେଧାବୃତି ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇ ବୃତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଅନୁଷ୍ଠାନର ଅଧକ୍ଷ ମନୋଜ କୁମାର ବିଶ୍ୱାଳ ଜଣାଇଛନ୍ତି । ପ୍ରକାଶିତ ଜାତୀୟ ମେଧାବୃତି ପରୀକ୍ଷା ଫଳାଫଳ ଅନୁଯାୟୀ ରାଜ୍ୟସ୍ତରରେ ବାଲେଶ୍ୱର ଓ ସୁନ୍ଦରଗଡ ଜିଲ୍ଲାର ୨ଟି ଆଦର୍ଶ ବିଦ୍ୟାଳୟରୁ ୧୯ ଜଣ ଲେଖାଏଁ ଛାତ୍ରଛାତ୍ରୀ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଖଣ୍ଡପଡା ଆଦର୍ଶ ବିଦ୍ୟାଳୟ ଜାତୀୟ ମେଧାବୃତି ମେରିଟ ତାଲିକାରେ ୨ୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି । ଛାତ୍ରଛାତ୍ରୀମାନଙ୍କର ଏହି ବିଶେଷ ସଫଳତାକୁ ନେଇ ଖଣ୍ଡପଡା ଆଦର୍ଶ ବିଦ୍ୟାଳୟ କର୍ତୃପକ୍ଷ ଗର୍ବ ଓ ଗୌରବ ଅନୁଭବ କରୁଥିବା ବେଳେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପରିସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅନୁଷ୍ଠାନର ଅଧକ୍ଷ ଓ ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ ଆଶିଷ କୁମାର ବିଶୋଇ, ମଧୁସ୍ମିତା, ରୁତ୍ୱିକ ତୁଷାର, ସୁମନ୍ତ କୁମାର ବେହେରା, ସୌଭାଗ୍ୟ କୁମାର ମହାରଣା, ଅଭିନାଷ ସାହୁ ପ୍ରମୁଖଙ୍କ ଶିକ୍ଷାଦାନ ଶୈଳୀ, ନିଷ୍ଠାପର ଉଦ୍ୟମ ଯୋଗୁଁ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଫଳତାର ଶିର୍ଷରେ ପହଁଚି ପାରିଥିବା ବେଳେ ଏହା ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନର ଅଧକ୍ଷ ଶ୍ରୀ ବିଶ୍ୱାଳ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ଜୟଶ୍ରୀ ବଳିୟାର ସିଂ, ଯାଜ୍ଞସେନୀ ବେହେରା, ଅଂଶୁମାନ ସାହୁ, ସ୍ମୃତିରଂଜନ ପରିଡା, ଦିବ୍ୟଶ୍ରୀ ନାଏକ, ସୋନି ନାୟକ, ସୁନିତା ଦାସ, ଦିବ୍ୟାଙ୍କ ସାହୁ, ସୁଲଗ୍ନା ପ୍ରିୟଦର୍ଶିନୀ ରଥ, ଲୋପମୁଦ୍ରା ଶିରୋମଣି, ସୌଭାଗ୍ୟଲକ୍ଷ୍ମୀ ସାହୁ, ସୁପ୍ରିୟା ସ୍ୱାଇଁ, ଓମ ସୂର୍ଯ୍ୟାଂଶୁ ରାୟ, କସ୍ତୁରୀ ସାହୁ, ସୁଚିସ୍ମିତା ମହାପାତ୍ର, ବୈଭବୀ ଭାରତୀ ସିଂ ପ୍ରମୁଖ ମେଧାବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଜଣାଯାଇଛି ।

## କୈବର୍ତ୍ତ ସମାଜର ବାର୍ଷିକ ଅଧିବେଶନ

ଖଣ୍ଡପଡା, (ପିପିଏସ) : ଖଣ୍ଡପଡା ବ୍ଲକ ଅଧିନ ନୂଆଗଡିଆସାହି ଗ୍ରାମରେ କୈବର୍ତ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । କୈବର୍ତ ସମାଜର ସଭାପତି ଭଜମନ ନିଶଂକଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ରୁପେ ଇଂ ବ୍ରଜକିଶୋର ପରିଡା ଓ ମୁଖ୍ୟ ବକ୍ତା ରୁପେ ଯୁବ ନେତା ଅଭିଲାଷ ପଣ୍ଡା, ସମ୍ମାନୀତ ଅତିଥି ରୁପେ ସନାତନ ବେହେରା, ଇଂ ପ୍ରାଣବନ୍ଧୁ ବେହେରା, ବିଶ୍ୱେଶର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ପ୍ରାରମ୍ଭରେ ପରଲୋକଗତ ସଦସ୍ୟମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । କୈବର୍ତ ସମାଜର ସଂପାଦକ ନବକିଶୋର ବେହେରା ସଂପାଦକୀୟ ବିବରଣୀ ପାଠ କରିଥିଲେ । ଖଣ୍ଡପଡା ରାଜ୍ୟ କୈବର୍ତ ସମାଜର ୬୫ ଜଣ ଥାନପତିଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ନୀତି ନିର୍ଦ୍ଧାରଣ କରାଯାଇଥିଲା । ୨୦୨୨ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ଫଳ ପ୍ରଦର୍ଶନ କରିଥିବା ସମାଜ ପରିବାରର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅର୍ଥରାଶି ସହ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । କୈବର୍ତ ସମାଜର ପ୍ରତ୍ୟେକ ପରିବାର ସମୟ ଅସମୟରେ ପରସ୍ପରକୁ ସହଯୋଗ କରିବା, ସଦାସର୍ବଦା ଭାଇଚାରା ଭାବ ବଜାୟ ରଖିବାକୁ କର୍ମକର୍ତାମାନେ ପରାମର୍ଶ ଦେଇଥିଲେ । ଖଣ୍ଡପଡା, ଭାପୁର ଓ କଂଟିଲୋ ସମେତ ଆଖପାଖ ଅଂଚଳରୁ ୧୦୦୦ରୁ ଉର୍ଦ୍ଧ ପରିବାରର ସଦସ୍ୟ ବାର୍ଷିକ ଅଧିବେଶନରେ ଯୋଗ ଦେଇଥିଲେ । ସମାଜର ଉପ ସଭାପତି ବନମାଳୀ ଦୁଆରୀ, ସହ ସଂପାଦକ ଶରତ କୁମାର ଦାସ, କୋଷାଧକ୍ଷ ରବିନ୍ଦ୍ର କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

## ମୋ କଲେଜ ଅଭିଯାନ ଓ ପୁରାତନ ଛାତ୍ର ସଂସଦ ବୈଠକ

ଗୋପାଳପୁର, (ପିପିଏସ) : କଲେଜରେ ଆଜି ମୋ କଲେଜ୍ ଅଭିଯାନ ଓ ପୁରାତନ ଛାତ୍ର ସଂସଦର ବୈଠକ କଲେଜର ଅଧକ୍ଷ ଡ଼ଃ ରାମ ପ୍ରସାଦ ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଉପ ନିର୍ଦ୍ଦେଶକ ଡ଼ଃ ସିଦ୍ଧାର୍ଥ ଶଙ୍କର ପାତ୍ରୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ମୋ କଲେଜ୍ ଅଭିଯାନ ଯୋଜନା ଉପରେ ଆଲୋକପାତ କରିଥିଲେ ।ସମ୍ମାନିତ ଅତିଥି କଲେଜର ପୂର୍ବତନ ଅଧକ୍ଷ ଏସ. ରାମା ରାଓ,ପୂର୍ବତନ ଅଧକ୍ଷ ରମା କାନ୍ତ ଚୌଧୁରୀ,ପୁରାତନ ଛାତ୍ର ସଂସଦ ର ସଭାପତି ଏ.ଜାନକୀ ରାମ,ସମ୍ପାଦକ ରାଜୀବ ଲୋଚନ ମିଶ୍ର,ସଦସ୍ୟ ଏମ.କକ୍ଷମେଶ୍ୱର ରାଓ ପ୍ରମୁଖ ମଞ୍ଚାସିନ ରହି କଲେଜ ର ଉନ୍ନତି କ୍ଷେତ୍ରରେ ପୁରାତନ




ବିଦ୍ୟାର୍ଥୀ ମାନେ ଆଗକୁ ଆସି ସହଯୋଗ କରିବାକୁ ମତବ୍ୟକ୍ତ ଦେଇଥିଲେ ।ଅଧାପକ ଡ଼ଃ ରାମ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ର ସଂଯୋଜକ ଅଧାପକ ଆଶୁତୋଷ ଷଡ଼ଙ୍ଗୀ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ସଂସଦର ସହ ସମ୍ପାଦିକା ରମିଳାକ୍ଷ କୁମରୀ ଦାସ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅଧାପକ ଡ଼ଃ ପ୍ରଦୀପ୍ତ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ଅବସର ରେ ପୁରାତନ ଛାତ୍ର ଛାତ୍ରୀ ମାନେ ନିଜ ନିଜ ମତବ୍ୟକ୍ତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ ଅଧାପିକା, ଛାତ୍ର ଛାତ୍ରୀ,ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ଶେଷରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ



ଚୌଦ୍ୱାର, (ପିପିଏସ୍) : ପୂର୍ବତଟ ରେଳପଥର ଚୌଦ୍ୱାର ନିକଟ ମଙ୍ଗୁଳି ଷ୍ଟେଶନ୍ ନିକଟ ରେଳ ଧାରଣା ଉପରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଲେ ଚୌଦ୍ୱାର ଥାନା ଅଧିନ ବାଣିପଦା ଗ୍ରାମ ହନୁମାନ ସାହିର ତାପସ ରାଉତ(୨୮) ଯୁବକଙ୍କ ମୃତ୍ୟୁ ଏକ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନଥିବା ବେଳେ ମୃତକଙ୍କ ପରିବାର ପକ୍ଷରୁ ଚୌଦ୍ୱାର ଥାନାରେ ହତ୍ୟା ଅଭିଯୋଗ କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ବାଣିପଦା ଗ୍ରାମରେ ଚାଲିଥିବା ଅପେରାର ଶେଷ ରାତି ଗତ ୩୦ ତାରିଖ ଦିନ ସାଇକେଲ ଷ୍ଟାଣ୍ଡକୁ ନେଇ ଗ୍ରାମର ଭୋଇସାହି ଓ ହନୁମାନ ସାହିର ଯୁବକ ମାନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଦେଖାଦେଇଥିଲା । ଫଳରେ ଯାତ୍ରା ପଡିଆ ନିକଟରେ ଉଭୟ ପକ୍ଷଙ୍କ ମଧ୍ୟରେ ଗାଳିଗୁଲଜ ସହିତ ହାତାହାତି ମଧ୍ୟ ହୋଇଥିବା ଗ୍ରାମବାସୀ ମାନେ କହିଛନ୍ତି । ଏହି ଗଣ୍ଡଗୋଳରେ ତାପସ ମଧ୍ୟ ସାମିଲ ଥିଲେ । ପରେ ତାପସ ଘରକୁ ଚାଲିଆସି ଥିବାବେଳେ ଯାତ୍ରା ଚାଲିଥିବା ସମୟରେ ବିଳମ୍ବିତ ରାତିରେ ଭୋଇ ସାହିର କିଛି ଯୁବକ ତାପସଙ୍କ ଘର ଉପରକୁ ଢେଲା ଓ କାଚବୋତଲ ମାଡ କରିବା ସହିତ ତାଙ୍କ ସାନଭାଇଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ତାପସଙ୍କ ସାନଭାଇଙ୍କ ମୁଣ୍ଡ ଫାଟି ଯାଇଥିଲା । ପରଦିନ ଏନେଇ ତାପସଙ୍କ ପରିବାର ପକ୍ଷରୁ ଟିପିଏମ ଫାଣ୍ଡିରେ ଅଭିଯୋଗ କରାଯାଇଥିଲା । ଘଟଣାର ପରଦିନ ଅର୍ଥାତ୍ ୧ ତାରିଖ ଦିନ ତାପସ ତାଙ୍କ ମାମୁଁ ଘର ଜଗତପୁର ଥାନା ଖଇରା ଗ୍ରାମକୁ ପଳାଇଯାଇଥିଲେ । ପେଷାରେ ଡ୍ରାଇଭର ତାପସ ମାମୁଁଘରୁ ସେହିଦିନ ଚୌଦ୍ୱାର ଫେରି ଆସିଥିଲେ । ସେଦିନ ସେ ଆଉ ଘରକୁ କିମ୍ବା ମାମୁଁ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ । ରାତି ପ୍ରାୟ ୭ଟା ସମୟରେ ତାପସଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମଙ୍ଗୁଳି ରେଳଧାରଣାରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଜିଆରପି ପୋଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଚୌଦ୍ୱାର ଥାନାକୁ ଖବର ଜଣାଇଥିଲା । ତାପସଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକଙ୍କ ସହିତ ଗ୍ରାମରେ ତୀବ୍ର କ୍ରନ୍ଦନ ଦେଖା ଦେଇଥିଲା । ତାପସ ଆତ୍ମହତ୍ୟା କରିନଥିବା ଓ ଦିନକ ପୂର୍ବରୁ ହୋଇଥିବା ଝଗଡାରେ ସଂପୃକ୍ତ ଥିବା ଯୁବକ ମାନେ ତାକୁ ମାରି ଟ୍ରେନ ଲାଇନରେ ଫୋପାଡି ଦେଇଥିବା ତାପସର ମା ଭାରତୀ ରାଉତ ଅଭିଯୋଗ କରିଛନ୍ତି । ତାପସଙ୍କ ମୃତ୍ୟୁର ସଠିକ ତଦନ୍ତ ସହିତ ଏଥିରେ ସଂପୃକ୍ତ ଦୋଷି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ହନୁମାନ ସାହି ବାସିନ୍ଦା ଓ ପରିବାର ଲୋକେ ତାପସଙ୍କ ଶବକୁ ଦୀର୍ଘ ସମୟ ଧରି ଗ୍ରାମ୍ୟ ରାସ୍ତାରେ ଅଟକାଇ ରଖିଥିଲେ । ପରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ଆଇଆଇସି ବିରଞ୍ଚି ନାରାୟଣ ପତି ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଲୋକମାନେ ରାସ୍ତାରୁ ହଟିଥିଲେ । ହେଲେ ଗ୍ରାମରେ କିଛି ଅଘଟଣ ଘଟିବାର ଆଶଙ୍କା କରି ବାଣିପଦା ଗ୍ରାମରେ ୩ପ୍ଲାଟୁନ ଫୋର୍ସ ମୃତୟନ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରୀ ରହିଥିବା ଆଇଆଇସି କହିଛନ୍ତି ।

## ଚୌଦ୍ୱାରରେ ଶ୍ରମିକ ଦିବସ ପାଳନ

ଚୌଦ୍ୱାର, (ପିପିଏସ୍) : ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଇମ୍ଫା କମ୍ପାନୀ ପକ୍ଷରୁ ଇନ୍ଦାଣୀପାଟଣା ପଞ୍ଚାୟତ ଗୌଖାନା ସ୍ଥିତ ଶ୍ରମିକ କଲୋନୀରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଉପସଭାପତି ବିନୟ କୁମାର ଅଗ୍ରୱାଲ,ଡିଜିଏମ ଜି.ସାରଦା ପ୍ରସାଦ ରାଓ,ଶ୍ରମିକ ନେତା ସୁଶାନ୍ତ ନାୟକ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିବା ସହିତ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ ଇମ୍ଫା ଗୁରୁତ୍ୱ ଦେଉଥିବାରୁ ଶ୍ରମିକ ଓ କର୍ମଚାରୀ ମାନେ କାର୍ଯ୍ୟକ୍ଷେତ୍ରରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ଶ୍ରମିକ ଓ କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ,ଉପାଧକ୍ଷ ଶୁଭେନ୍ଦୁ ସାମଲ,ପ୍ରେମଚାନ୍ଦ ନାୟକ,ବିଷ୍ଣୁ ଚରଣ ପରିଡାଙ୍କ ସମେତ ସମସ୍ତ କାଉନ୍ସିଲର କମ୍ପାନୀର ଧୀରେନ ନାଥ,ଉମେଶ ଚନ୍ଦ୍ର ପଟ୍ଟନାୟକ ଓ ବହୁ ଅଧିକାରୀ ଯୋଗଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ କର୍ମଚାରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ଶ୍ରମିକ ମାନଙ୍କ ପରିବାର ପକ୍ଷରୁ ମୀନା ବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଲୋକସଂପର୍କ ଡିଜିଏମ୍ ଧ୍ରୁବଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁରୁପ ଭାବେ ଓଟିଏମ ବଂଚାଅ ସଂଗଠନ ତରଫରୁ ଓଟିଏମ୍ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମିକ ନେତା ଦୀପକ ବାରିକ ପତାକା ଉତ୍ତୋଳନ କରିଥିଲେ । ଏଥିରେ ବହୁ ଶ୍ରମିକ ଓ ସେମାନଙ୍କ ପରିବାର ଲୋକେ ସାମିଲ ହୋଇଥିଲେ । ଓଟିଏମ କଲୋନୀ ସ୍ଥିତ ଆମ୍ବିଶନ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ । ଶ୍ରମିକ ନେତା କୈଳାଶ ଚନ୍ଦ୍ର ସାହାଣୀଙ୍କ ପରିଚାଳନାରେ ଓଟିଏମ କଲୋନୀ ସ୍ଥିତ ଶ୍ରମିକ ପରିବାର ଯୁବକ ସଂଘ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି ।

## ତାଳଦା ପଞ୍ଚାୟତ ଉପନିର୍ବାଚନ
# ଶାନ୍ତିପୂର୍ଣ୍ଣ ୭୨.୪୪ ପ୍ରତିଶତ ମତଦାନ



କାକଟପୁର, (ପିପିଏସ) : ଗତ ଜାନୁୟାରୀ ମାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତ ସମିତିସଭ୍ୟ ଗିରିଧାରୀ ସେଠିଙ୍କ ପରଲୋକ ପରେ ଖାଲି ରହିଥିବା ସମିତି ସଭ୍ୟ ପଦବୀ ପାଇଁ ଆଜି ଅନୁଷ୍ଠିତ ଉପନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପାଦନ ହୋଇଛି । ୧୬ଟି ଓ୍ୱାର୍ଡ଼କୁ ନେଇ ଗଠିତ ଏହି ପଞ୍ଚାୟତରେ ସମୁଦାୟ ୪୦୦୬ ଜଣ ଭୋଟରଙ୍କ ମଧ୍ୟରୁ ୨୯୦୨ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।ସେମାନଙ୍କ ମଧ୍ୟରୁ ୧୪୩୨ଜଣ ପୁରୁଷ ଓ ୧୪୭୦ ଜଣ ମହିଳା ଚଳିତ ନିର୍ବାଚନରେ ମତଦାନ କରିଛନ୍ତି । ଏହି ଉପନିର୍ବାଚନରେ ସମୁଦାୟ ୭୨.୪୪ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଡ. ବବିତା ମଞ୍ଜରୀ ନାୟକ ସୂଚନା ଦେଇଛନ୍ତି । ଗତ ନିର୍ବାଚନରେ ଶାସକ ଦଳ ସମର୍ଥିତ ଗିରିଧାରୀ ସେଠିଙ୍କୁ ୧୭୧୭ଖଣ୍ଡ ଖଣ୍ଡ ଭୋଟ ମିଳିଥିବା ବେଳେ ମିଳିତ ମେଣ୍ଟ ସମର୍ଥିତ ପ୍ରାଥୀ ଶିବ ଚରଣ ଭୋଇ ୧୪୫୬ ଖଣ୍ଡ ଭୋଟ ପାଇଥିଲେ । ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ସିଏମସିର ଅଭିଯୋଗ ସମାଧାନ ସଭା



କଟକ, (ପିପିଏସ) : କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି । ସିଏମସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା । ଏଥିରେ ସମୁଦାୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେଥିମଧ୍ୟରେ ସିଟି ଇଂଜିନିୟରିଂ ୨ଟି, ବସ୍ତି ସମ୍ବନ୍ଧୀୟ ୫ଟି, ଏନଫୋର୍ସମେଣ୍ଟ ୫ଟି, ସ୍ୱାସ୍ଥ୍ୟ ସଂପର୍କିତ ଗୋଟିଏ, ଜମିବାଡି ସମ୍ବନ୍ଧୀୟ ଗୋଟିଏ, ରାଜସ୍ୱ ୩ଟି, ଇଷ୍ଟେଟ ଉପରେ ଗୋଟିଏ ଓ ଗୋଟିଏ ଜରୁରୀକାଳୀନ ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠିତ ସଭାରେ କମିଶନର ଶ୍ରୀ କଲ୍ୟାଣଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ଅଜୟ ମହାନ୍ତି, ଡେପୁଟି କମିଶନର ସଂଜୀବୀତା ରାୟ, ସହକାରୀ ପ୍ଲାନିଂ ଅଫିସର, ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି. ଶତପଥୀ, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଂଜନ ତ୍ରିପାଠୀ ଓ ସିଟି ଇଂଜିନିୟର ଅତନୁ ସାମନ୍ତଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏସଇବିସି ସର୍ଭେ ସେଣ୍ଟର ପରିଦର୍ଶନ କଲେ ସିଏମସି କମିଶନର

କଟକ, (ପିପିଏସ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସହରର ୧୧୭ଟି ସର୍ଭେ ସେଣ୍ଟରରେ ଗତ କାଲିଠାରୁ ପଛୁଆବର୍ଗ(ଏସଇବିସି) ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂପର୍କିତ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ସିଏମସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ସର୍ଭେ ସେଣ୍ଟରଗୁଡିକରେ ଚାଲିଥିବା ତଥ୍ୟ ସଂଗ୍ରହ ସଂକ୍ରାନ୍ତ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପୂର୍ବାହ୍ନରେ



ସ୍ଥାନୀୟ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ସର୍ଭେ ସେଣ୍ଟରରେ ପହଂଚି ସ୍ଥିତି ସମୀକ୍ଷା କରିବା ସହ ଉପସ୍ଥିତ ସମସ୍ତ ଅଧିକାରୀ, କର୍ପୋରେଟରଙ୍କୁ ସୁରୁଖୁରୁରେ ତଥ୍ୟ ସଂଗ୍ରହ କରିବା ନେଇ ପରାମର୍ଶ ଦେଇଥିଲେ । ବିଶେଷକରି ମୁରବିଙ୍କଠାରୁ ପରିବାରର ସମସ୍ତ ସଦସ୍ୟଙ୍କ ତଥ୍ୟକୁ ସଂଗ୍ରହ କରାଯିବାର ବ୍ୟବସ୍ଥା କରାଯାଇଛି । ସେହିପରି ବ୍ୟକ୍ତିବିଶେଷ ସେମାନଙ୍କର ସାମାଜିକ ଓ ଶିକ୍ଷାଗତ ଯୋଗ୍ୟତା ସଂପର୍କିତ ତଥ୍ୟ ଦାଖଲ କଲାବେଳେ କୌଣସି ପ୍ରମାଣପତ୍ର ଯାଂଚ ଆବଶ୍ୟକ ନୁହେଁ ବୋଲି ଶ୍ରୀ କଲ୍ୟାଣ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏତଦ୍ ବ୍ୟତୀତ ପ୍ରଚାର ଓ ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କୁ ଏହି ତଥ୍ୟ ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଗଣମାଧ୍ୟମର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ । ଏହି ସର୍ଭେ ପାଇଁ କଟକ ସହରର ବିଭିନ୍ନ ଓ୍ୱାର୍ଡରେ ୧୧୭ଟି ସର୍ଭେ ସେଣ୍ଟର ଖୋଲାଯାଇଥିଲା ବେଳେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗଣନାକାରୀ ଓ ନିରୀକ୍ଷକଙ୍କୁ ନିୟୋଜିତ କରାଯାଇଛି । ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଏହି ତଥ୍ୟ ସଂଗ୍ରହ କାର୍ଯ୍ୟ ପୂର୍ବାହ୍ନ ୧୦ଟାରୁ ୧୨ଟା ଓ ଦିନ ୩ଟାରୁ ୬ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସିଏମସି ସହକାରୀ କମିଶନର ତ୍ରିଶୂଳ ମାର୍ଦ୍ଦି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ବିଷ ଖାଇ ଗୁରୁତର ଅବସ୍ଥାରେ ଫାଇନାନ୍ସ କର୍ମଚାରୀ ଉଦ୍ଧାର

ବୁଗୁଡ଼ା, (ପିପିଏସ) : ବୁଗୁଡ଼ା ଥାନା ଅନ୍ତର୍ଗତ କାନସୁକା ଗ୍ରାମରେ ପ୍ରାଇଭେଟ ଫାଇନାନ୍ସ କମ୍ପାନୀର ଜନୈକ କର୍ମଚାରୀ ବିଷ ଖାଇ ମେଡିକାଲରେ ଭର୍ତ୍ତି ହୋଇଥିବା ପଡିଛି । ଗୁରୁତର ଜଣକ ବନ୍ଧନ ବ୍ୟାଙ୍କ କବିସୂର୍ଯ୍ୟ ନଗର ଶାଖାର ଫାଇନାନ୍ସ କର୍ମଚାରୀ ସାର୍ଥକ କୁମାର ପଣ୍ଡା । ପ୍ରକାଶ ଯେ, ସାର୍ଥକ ଫାଇନାନ୍ସ ଲୋନ୍ ସଂଗ୍ରହାର୍ଥେ ସୋମବାର ଦିନ କାନସୁକା ଗ୍ରାମକୁ ଯାଇଥିଲେ । ତେବେ ରାତ୍ର ପ୍ରାୟ ଆଠଟା ବେଳେ ସେହି ଗ୍ରାମର ଜଣକ ଘର ବାରଣ୍ଡାରେ ବିଷ ଖାଇ ଅଚେତ ଅବସ୍ଥାରେ ପଡିରହିଥଲେ । ଗ୍ରାମର କିଛି ଲୋକ ତାଙ୍କୁ ସେଠାରୁ ଉଦ୍ଧାର କରି ପୋଲିସ ସହାୟତାରେ ବୁଗୁଡ଼ା ମେଡିକାଲକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କର ବ୍ୟାଗରେ ଥିବା ଆଧାର କାର୍ଡରୁ ସେ ବ୍ରହ୍ମପୁର ନିଳାଦ୍ରୀ ବିହାର-୧ ଲେନର ବାସିନ୍ଦା ସତ୍ୟ ସୁନ୍ଦର ପଣ୍ଡାଙ୍କ ପୁଅ ସାର୍ଥକ ବୋଲି ଜଣା ପଡ଼ିଥିଲା ।

## ତୃତୀୟ ବର୍ଗକୁ ପଦୋନ୍ନତୀ ପାଇଲେ ୨୪ ପ୍ରଧାନ ଶିକ୍ଷକ




ଧାମନଗର, (ପିପିଏସ) : ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୨୪ ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ତୃତୀୟ ବର୍ଗକୁ ପଦୋନ୍ନତୀ ହୋଇଛି । ତା ୩୦/୦୪/୨୦୨୩ ରିଖରେ ଧାମନଗର ବିଇଓଙ୍କ କାର୍ଯ୍ୟାଳୟ ଆଦେଶ ନଂ ୯୭୮ ଅନୁସାରେ ୪ ଜଣ ଓ ଆଦେଶ ନଂ ୯୮୨ ଅନୁସାରେ ୨୦ ଜଣ ଏଭଳି ମୋଟ ୨୪ ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ତୃତୀୟ ବର୍ଗକୁ ପଦୋନ୍ନତୀ ହୋଇଛି । ପ୍ରଥମ ଆଦେଶ ବଳରେ ପ୍ରଧାନ ଶିକ୍ଷକ ଧର୍ମାନନ୍ଦ ବିଶ୍ୱାଳ, ନିରୋଦ ଜେନା, ନନ୍ଦଲାଲ ମୁଣ୍ଡା ଓ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସୁନ୍ଦରୀ ପତିଙ୍କର ପଦୋନ୍ନତୀ ହୋଇଛି । ସେହିପରି ଦ୍ୱିତୀୟ ଆଦେଶ ମୂଳେ ପ୍ରବୀଣ ବେହେରା, ଚୈତନ୍ୟ ବିଶ୍ୱାଳ, ସନ୍ଧ୍ୟାକାମିନୀ ବିଶ୍ୱାଳ, ନିରାକାର ରାଉତ, ମଧୁସ୍ମିତା ଜେନା, କୃଷ୍ଣଚନ୍ଦ୍ର ମିଶ୍ର, ମଞ୍ଜୁରାଣୀ ଦାଶ, ତୁଳସୀ ମଞ୍ଜରୀ ନାୟକ, ରାଜେନ୍ଦ୍ର ପୃଷ୍ଟି, ଧନେଶ୍ୱର ମହାଳିକ, ଉଗ୍ରସେନ ମଲ୍ଲିକ, ଲଲାଟେନ୍ଦୁ ଦାସ, ସୁରେନ୍ଦ୍ର କୁମାର ସେଠୀ, ବଟକୃଷ୍ଣ ସେଠୀ, ଶମ୍ଭୁନାଥ ଜେନା, ତିଲୋତ୍ତମା ସାମଲ, ଭରତ ତରାଇ, ପୂର୍ଣ୍ଣଚନ୍ଦ୍ର ନାୟକ, ଧନେଶ୍ୱର ମୁଣ୍ଡା ଓ ଗୋବିନ୍ଦ ମାଝୀ ଆଦି ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କର ତୃତୀୟ ବର୍ଗକୁ ପଦୋନ୍ନତୀ ହୋଇଛି । ଏମାନେ ତୁରନ୍ତ ନିଜ ପୁରୁଣା କାର୍ଯ୍ୟସ୍ଥଳୀରୁ ରିଲିଭ ହୋଇ ଆଦେଶ ହୋଇଥିବା ନୂତନ କର୍ମସ୍ଥଳୀରେ ଯୋଗ ଦେବାକୁ ପରି ପତ୍ରରେ ଉଲ୍ଲେଖ ରହିଛି ।

## ଉଦ୍ୟୋଗ ବିକାଶରେ ରାଜ୍ୟର ବିକାଶ ସମ୍ପର୍କିତ କର୍ମଶାଳା



ବ୍ରହ୍ମପୁର, (ପିପିଏସ) : ଉଦ୍ୟୋଗ ବିକାଶରେ ରାଜ୍ୟର ବିକାଶ ସମ୍ପର୍କିତ ଏକ କର୍ମଶାଳା ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ସହରର ସ୍ଥାନୀୟ ଶଙ୍କର ଭବନ ସଭାଗୃହରେ ଏକ୍ସଟୁଡ଼ର ଇଂଜିନିୟରିଂ ଏଜେନ୍ସି ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଓଡିଶା କାଜୁ ଉନ୍ନୟନ ନିଗମର ଅଧକ୍ଷ ସୁବାଷ ଚନ୍ଦ୍ର ମହାରଣା , ମୁଖ୍ୟ ବକ୍ତା ରୂପେ ଟି.ପି.ଏସ୍.ଓ.ଡିଏଲ୍ ର ଅବସରପ୍ରାପ୍ତ ବରିଷ୍ଠ ସାଧାରଣ ପରିଚାଳକ ଶ୍ରୀଯୁକ୍ତ ପ୍ରମୋଦ କୁମାର ଚୌଧୁରୀ , ନିମ ଶିକ୍ଷାନୁଷ୍ଠାନ ର ନିର୍ଦ୍ଦେଶିକା ସୁଶ୍ରୀ ରଶ୍ମିତା କୁମାରୀ ପାଣିଗ୍ରାହୀ ଏବଂ ଏକ୍ସଟୁଡର ଏଜେନ୍ସିର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଶ୍ରୀଜା ସୁରାଜିତା ପଣ୍ଡା ଯୋଗ ଦେଇ ଉଦ୍ୟଗ ବିକାଶରେ ରାଜ୍ୟର ବିକାଶ କିପରି ହୋଇପାରିବ ସେ ନେଇ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସେକ୍ଟରରେ ବର୍ତ୍ତମାନର ଯୁଗରେ ଯେପରି ନୂତନ ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ ତାହାକୁ ଗୁରୁତ୍ୱ ଦିଆଯାଉଥିବା ଏବଂ ଏହାକୁ ଯୁବ ସମାଜ ଅଧିକରୁ ଅଧିକ ସଚେତନତା ହେବା ସହ ନିଜେ ଯେପରି ଉଦ୍ୟୋଗୀ ହେବେ ତାହାକୁ ନେଇ ମାନସିକ ସ୍ତରରେ ପ୍ରସ୍ତୁତ ସହିତ ସେଥିପ୍ରତି ବ୍ୟାଙ୍କର ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଥିବା ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସୁଶ୍ରୀ ରଶ୍ମିତା ପାଣିଗ୍ରାହୀ ଏବଂ ଶ୍ରୀଜା ସୁରମିତା ପଣ୍ଡା ଏଭଳି କର୍ମଶାଳାର ମୂଳ ଲକ୍ଷ୍ୟ ସହିତ କର୍ମଶାଳା ମାଧ୍ୟମରେ ଶିଳ୍ପ ଏବଂ ଉଦ୍ୟୋଗର ବିକାଶଧାରା କିପରି ରହିବ ଏବଂ ଯୁବପିଢୀ ଇଚ୍ଛୁକ ଉଦ୍ୟଗି ବିଶେଷ କରି ମହିଳା ଉଦ୍ୟଗି ମାନଙ୍କ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀଯୁକ୍ତ ଚୌଧୁରୀ ଓଡ଼ିଶା ଭଳି ରାଜ୍ୟରେ ବର୍ତ୍ତମାନ ଅନେକ ସୁଯୋଗ ରହିଥିବା ବେଳେ ରାଜ୍ୟ ତଥା ଦେଶ ଓ ବିଦେଶର ନିବେଶକଙ୍କ ମାନଙ୍କ ଲକ୍ଷ୍ୟସ୍ଥଳ ପାଲଟିଥିବା ବାଖ୍ୟା କରିଥିଲେ ।ଏହି ଅବସରରେ ରାଜ୍ୟ ସରକାରଙ୍କ ବହୁବିଧ ଯୋଜନା ଏବଂ ନୀତି ଉପରେ ଅବଗତ କରାଇବା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀ ମାନେ ଅଧିକ ଲାଭାନ୍ୱିତ ହୋଇପାରିବେ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଏହି ଅବସରରେ ନନ୍ଦିଘୋଷ ଟିଭିରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ବରିଷ୍ଠ ସାମ୍ବାଦିକ ତଥା ସଂପାଦକ ହେମାଙ୍ଗ ପ୍ରସାଦ ରାଉଳ ,ଓଟିଭି ରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ବ୍ରହ୍ମା, ଇଟିଭି ଭାରତର ବରିଷ୍ଠ ସାମ୍ବାଦିକ ସମୀର କୁମାର ଆଚାର୍ଯ୍ୟ, ସାମ୍ବାଦିକ କାଳୀପ୍ରସାଦ ରଥ ଓ ରାଜେଶ କୁମାର ସାହୁ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ଆଇ.ଓ.ବି ର ଚିଫ୍ ମ୍ୟାନେଜର ଅଭିମନ୍ୟୁ କୁମାର,ବ୍ୟାଙ୍କ ଅଫ ଇଣ୍ଡିଆ ର ସିନିୟର୍ ମ୍ୟାନେଜର ମହେଶ୍ୱର ସୁଆର,ଟି.ପିଏସ୍.ଓ.ଡି.ଏଲ୍ ର ସୁପରିଟେଣ୍ଡେଟ ଇଞ୍ଜିନିୟର ଦେବେଶ ରଞ୍ଜନ ପଣ୍ଡା ଙ୍କ ସମେତ ଜିଲ୍ଲା ତଥା ରାଜ୍ୟର ୪୦ ରୁ ଉର୍ଦ୍ଧ୍ୱ ଉଦ୍ୟୋଗୀ ଓ ଶିଳ୍ପପତି ମାନେ ଯୋଗ ଦେଇଥିଲେ । ଏଥିରେ ବହୁ ସଫଳ ଉଦ୍ୟୋଗୀ ମାନେ ନିଜର ସଫଳତାର କାହାଣୀ ବାଖ୍ୟା କରିଥିବା ବେଳେ ଆଗାମୀ ଦିନରେ ଏହାର ସଫଳତା କୁ ନେଇ ଏକ ଆନ୍ତର୍ଜାତିକ ସ୍ତରରେ କର୍ମଶାଳା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି ।

## ଇନର ହୁଇଲ୍ କ୍ଲବ ତରଫରୁ ଜଳଛତ୍ର

ଭଦ୍ରକ, (ପିପିଏସ) : ପ୍ରବଳ ରୌଦ୍ର ଓ ଅସହ୍ୟ ଗୁଳୁଗୁଳିରେ ଅତିଷ୍ଟ ହୋଇ ପଡୁଥିବା ତୃଷାର୍ତ୍ତ ବାଟୋଇଙ୍କ ପାଇଁ ଭଦ୍ରକ ଇନରହୁଇଲ କ୍ଲବ ତରଫରୁ ଚରମ୍ପା କେନାଲ ରୋଡ ସ୍ଥିତ ଶ୍ରୀଶ୍ରୀ ହନୁମାନ ମନ୍ଦିର ନିକଟରେ ଏକ ଜଳଛତ୍ର ଉଦଘାଟିତ ହୋଇଯାଇଛି । ଏହି ମହାନ୍ କାର୍ଯ୍ୟକୁ କ୍ଲବର ବରିଷ୍ଠ ସଦସ୍ୟା ପରମଜିତ୍ କୌର ଉଦ୍‌ଘାଟନ କରି ସେଇ ବାଟ ଦେଇ ଯାଉଥିବା ୫ଟି ପଂଚାୟତର ଜନ ସମୁଦାୟ, ଆଇ.ଟି.ଆଇ, ଅବନ୍ତିକା କଲେଜ ଓ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀଙ୍କ ତୃଷା ନିବାରଣ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ତତ୍‌ପରେ ବାଟୋଇ ମାନଙ୍କୁ ଥଣ୍ଡା ପାଣି ସହ ଦହି ପଣା ବଂଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଭାପତି କାଦମ୍ବିନୀ ମହାନ୍ତି, ପ୍ରଭାତୀ ଜେନା, ବୀଣାପାଣି ପଣ୍ଡା, ପ୍ରଭାତ ନଳିନୀ ମହାପାତ୍ର, ଅବନ୍ତୀ ମଲ୍ଲିକ, ରଶ୍ମିରେଖା ପରିମାଣିକ, ସରୋଜିନୀ ମହାପାତ୍ର ଓ ସ୍ମିତା ମହାନ୍ତି ପ୍ରମୁଖ ସଦସ୍ୟାବୃନ୍ଦଙ୍କ ସହିତ ସମାଜସେବୀ ପୁରୁଷୋତ୍ତମ ମହାନ୍ତି ଓ ଅଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଧାମନଗର ଏନ.ଏ.ସି.ର ଷଷ୍ଠ ସାଧାରଣ ପରିଷଦ ବୈଠକ




ଧାମନଗର, (ପିପିଏସ) : ଧାମନଗର ଏନ ଏ ସି ର ୬ଷ୍ଠ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଇ ୧ ତାରିଖ ସୋମବାର ପୂର୍ବାହ୍ନରେ ଏନ ଏ ସି ଅଧକ୍ଷା ନିବେଦିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦଙ୍କ ନଗର ପ୍ରତିନିଧି ଜଗଦୀଶ ପାତ୍ର, ବିଧାୟକଙ୍କ ନଗର ପ୍ରତିନିଧି ଶରତ ଚନ୍ଦ୍ର ମହାନ୍ତି, ଉପାଧକ୍ଷ ଓସୀମ ଏଜଦାନି କାଦରି , ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ଏନ ଏ ସି ଅନ୍ତର୍ଗତ ସମସ୍ତ ୧୦ ଜଣ ପାରିଷଦ ଉପସ୍ଥିତ ଥିଲେ । ବୈଠକରେ ଧାମନଗର ମେଡିକାଲ ବଜାର ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ସହ ସେଠାରେ ଏକ ସେଲଫି ପଏଣ୍ଟ ନିର୍ମାଣ ହେବାକୁ ନିଷ୍ପତ୍ତି ହୋଇଥିଲା । ବାରିକପୁର- ଧାମନଗର ରାସ୍ତାର ବରଗଡିଆ ଛକ ଠାରେ ଏନ ଏ ସି ର ଏକ ପ୍ରବେଶ ତୋରଣ ଥିବାବେଳେ ଧାମନଗର - କୋଠାର, ଧାମନଗର - ଦୋବଲ ଓ ଧାମନଗର - ଜାହାଙ୍ଗୀର ରାସ୍ତାର ଏନ୍ ଏ ସି ସୀମାରମ୍ଭ ସ୍ଥାନରେ ଆଉ ୩ଟି ପ୍ରବେଶ ତୋରଣ ନିର୍ମାଣ ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ଏନ୍ ଏ ସି ଅଞ୍ଚଳରେ ଗୋଟିଏ କଲ୍ୟାଣ ମଣ୍ଡପ ଥିବାବେଳେ ୧ ନଂ ଓ ୫ ନଂ ଓ୍ୱାର୍ଡ ଅଞ୍ଚଳରେ ଆଉ ୨ ଟି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ରାପିତା ଠାରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟେସନ ନିର୍ମାଣ ପାଇଁ ଆଲୋଚନା ସହ ପାରିତ ହୋଇଥିଲା । ସେହିପରି ଐତିହାସିକ ଜଗୁସାଗର ପୁଷ୍କରିଣୀ ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକାରଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପାଚେରୀ ସନ୍ନିକଟ ଏକ ସେଲଫି ପଏଣ୍ଟ ନିର୍ମାଣ ପାଇଁ ଆଲୋଚନା କରାଯାଇ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଆବଶ୍ୟକତା ଦୃଷ୍ଟିରୁ ଏକ ଟାଉନ ହଲ ଓ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ମିଳିଥିଲେ ମଧ୍ୟ କେତେକ ସମସ୍ୟା ପାଇଁ ଏହି ପ୍ରକଳ୍ପ ସମ୍ପର୍କିତ ପୂର୍ଣାଙ୍ଗ ନିଷ୍ପତ୍ତି ନିଆଯାଇ ନଥିଲା । ସେହିପରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମର ଉନ୍ନତିକରଣ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା । ଏହିଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାରିତ ପୂର୍ବକ ଶାନ୍ତି ଶୃଙ୍ଖଳାର ସହ ଏନ୍ ଏ ସି ର ୬ଷ୍ଠ ଅଧିବେଶନ ସାଙ୍ଗ ହୋଇଥିଲା ।

